ନିରପେକ୍ଷ ଦୈନିକ ସମ୍ବାଦପତ୍ର

# ଧ୍ୱନି ପ୍ରତିଧ୍ୱନି

The Dhwani Pratidhwani

website : www.dhwanipratidhwani.net
email: pratidhwani.dhwani@gmail.com

ବାଲେଶ୍ୱର ■ ବୁଧବାର ୨୬ ଅକ୍ଟୋବର ୨୦୨୨ ■ ମୂଲ୍ୟ ଟ. ୨.୦୦ ପଇସା ■ ପୃଷ୍ଠା ସଂଖ୍ୟା-ଆଠ ■ Baleshwar ♦ WEDNESDAY 26 OCTOBER 2022
Vol.No. 33 ■ No. 277 ■ Price :Rs.2.00 ( 8 pages) ■ R.N.I. Registered No. 52528/91 ■ Postal Registered No. Balasore(Odisha)/005/2019




ଯା ଦେବୀ ସର୍ବଭୂତେଷୁ............


ପ୍ରକାଶ ପାଇଛି ପୂଜା ସଂଖ୍ୟା

ସାଗରିକା

ଯୋଗାଯୋଗ କରନ୍ତୁ :
ମୁଖ୍ୟ ସମ୍ପାଦକ ସାଗରିକା
ଜେଲ ରୋଡ, ବାଲେଶ୍ୱର-୭୫୬୦୦୧


## ୨ ଘଣ୍ଟା ପାଇଁ ଅଚଳ ହୋଇଗଲା ହ୍ୱାଟସଆପ୍





ନୂଆଦିଲ୍ଲୀ, ୨୫/୧୦ : ଲୋକପ୍ରିୟ ମେସେଜିଂ ପ୍ଲାଟଫର୍ମ ହ୍ୱାଟସଆପ୍, ମଧ୍ୟାହ୍ନ ସମୟରେ ବନ୍ଦ ହେବା ପରେ ସୋସିଆଲ ମିଡିଆରେ ଟ୍ରେଣ୍ଡ କରିଥିଲା ଏମିତି ମେସେଜ୍ । ହ୍ୱାଟସଆପ୍ କାମ ନକରିବାକୁ ମଜାଳିଆ ଢ଼ଙ୍ଗରେ ଲେଖି ବିଭିନ୍ନ ସାମାଜିକ ଗଣମାଧ୍ୟମରେ ପୋଷ୍ଟ କରିଛନ୍ତି ବ୍ୟବହାରକାରୀ । ଦୀପାବଳୀରେ ଅଧିକାଂଶ ଲୋକ ବନ୍ଧୁ, ବାନ୍ଧବ ଓ ସମ୍ପର୍କୀୟମାନଙ୍କୁ ମେସେଜ କରି ଶୁଭେଚ୍ଛା ଜଣାଇବାରୁ ହ୍ୱାଟସଆପରେ ଗ୍ରହଣ ଲାଗିଲା ବୋଲି କେହି କେହି ଲେଖି ପୋଷ୍ଟ କରିଛନ୍ତି । କେବଳ ଏତିକି ନୁହେଁ ମାର୍କ ଜୁକର ବର୍ଗ ତାର କାଟିଦେଉଥିବାର ଏକ ମିମ୍ ପୋଷ୍ଟ କରିଛନ୍ତି ହ୍ୱାଟସଆପ୍ ବ୍ୟବହାରକାରୀ । ଯାହା ବେଶ୍ ଭାଇରାଲ ହେଉଛି । ହ୍ୱାଟସ୍ଆପ୍ କାର୍ଯ୍ୟ କରିବା ବନ୍ଦ ହେବା ଖବର ପ୍ରଚାର ପରେ ଟୁଇଟରରେ ହ୍ୱାଟସଆପ୍ ଡାଉନ ହାସଟ୍ୟାଗ୍ ଟ୍ରେଣ୍ଡ ହୋଇଥିଲା । ଦୁଇ ଘଣ୍ଟା ମଧ୍ୟରେ ୧ ଲକ୍ଷରୁ ଅଧିକ ଟୁଇଟର ବ୍ୟବହାରକାରୀ ହ୍ୱାଟସଆପ୍ ଡାଉନ ହ୍ୟାସଟ୍ୟାଗ ସହ ଟୁଇଟ୍ କରିଥିଲେ । ଯେଉଁଥିରେ ଅଧିକାଂଶ ବ୍ୟବହାରକାରୀ ହ୍ୱାଟସଆପ୍ ୟୁଜର୍ସଙ୍କୁ ଟ୍ରୋଲ କରିଥିବା ଦେଖିବାକୁ ମଳିଥିଲା । ହ୍ୱାଟସଆପ୍ କାର୍ଯ୍ୟ କରିବା ବନ୍ଦ ହେବା ପରେ ମେଟାର ମୁଖପାତ୍ର କହିଥିଲେ, ହ୍ୱାଟସଆପ୍ରେ ମେସେଜରେ କିଛି ଅସୁବିଧା ହୋଇଛି ଯେତେ ଶୀଘ୍ର ହେବ ଆମେ ଏହାକୁ ଠିକ୍ କରିଦେବୁ । ଆଉ ଏହାର ୧ ଘଣ୍ଟା ମଧ୍ୟରେ ପୁଣି ସ୍ୱାଭାବିକ୍ ହୋଇଥିଲା ହ୍ୱାଟସଆପ୍ । କିନ୍ତୁ କଣ ପାଇଁ ଏଭଳି ସମସ୍ୟା ହୋଇଥିଲା ସେନେଇ କମ୍ପାନୀ ପକ୍ଷରୁ କୌଣସି ସୂଚନା ଦିଆଯାଇ ନାହିଁ । ସାଇବର ଏକ୍ସପର୍ଟଙ୍କ କହିବା ଅନୁସାରେ ବ୍ୟବହାରକାରୀଙ୍କ ସଂଖ୍ୟା ଅତ୍ୟଧିକ ହୋଇଗଲେ ସର୍ଭର କ୍ରାସ କରିଯାଇଥାଏ । ଯୋଗାଯୋଗର ଗୁରୁତ୍ୱପୂର୍ଣ୍ଣ ମାଧ୍ୟମ କୁହାଯାଉଥିବା ହ୍ୱାଟସ୍ଆପ୍ ମଧ୍ୟାହ୍ନ ୧୨ଟା ପରେ କାମ କରିବାକୁ ବନ୍ଦ କରିଦେଇଥିଲା । ନା ମେସେଜ ଯାଉଥିଲା ନା ଆସୁଥିଲା । ହ୍ୱାଟସ୍ଆପ୍ରେ ଥିବା ଭଏସ କଲ୍ ସୁବିଧା ମଧ୍ୟ ବନ୍ଦ ହୋଇଯାଇଥିଲା । ଜଣେ ଅନ୍ୟ ଜଣଙ୍କୁ କଲ କରି ତାଙ୍କର ହ୍ୱାଟ୍ସଆପ କାର୍ଯ୍ୟ କରୁଛି କି ନାହିଁ ପଚାରି ବୁଝିଥିଲେ । ଏହାରି ଭିତରେ ଖବର ଆସିଥିଲା କି ହ୍ୱାଟସପ୍ର ସର୍ଭର କ୍ରାସ୍ କରିଯାଇଛି । ଗତ ୨୦୨୧ ଅକ୍ଟୋବର ୫ ତାରିଖରେ ହ୍ୱାଟସ୍ଆପ ସମେତ ମେଟାର ଅନ୍ୟ ଦୁଇ ସୋସିଆଲ ମିଡିଆ ପ୍ଲାଟଫର୍ମ ଫେସବୁକ ଏବଂ ଇନଷ୍ଟ୍ରଗ୍ରାମ ସର୍ବାଧିକ ୬ ଘଣ୍ଟା ପାଇଁ କାର୍ଯ୍ୟ କରିବା ବନ୍ଦ ହୋଇଯାଇଥିଲା । ପରେ ଏହାକୁ ଠିକ୍ କରାଯାଇଥିଲା ।

## ଆକାଶରେ ଦୃଶ୍ୟମାନ ହେଲା ମହାଜାଗତିକ ଦୃଶ୍ୟ



ନୂଆଦିଲ୍ଲୀ, ୨୫/୧୦ : ବର୍ଷର ଶେଷ ସୂର୍ଯ୍ୟପରାଗ ବିଶ୍ୱର ବିଭିନ୍ନ ସ୍ଥାନରେ ଦୃଶ୍ୟମାନ ହୋଇଛି । ସୂର୍ଯ୍ୟପରାଗ ଆର୍ୟାଲାଣ୍ଡରେ ପ୍ରଥମେ ଦୃଶ୍ୟମାନ ହୋଇଥିବାବେଳେ ଆରବ ସାଗରରେ ଶେଷ ହୋଇଛି । ଭାରତୀୟ ସମୟ ଅନୁସାରେ ଦିନ ୨ଟା ୨୯ମିନିଟରୁ ୬ଟା ୨୦ମିନିଟ ପର୍ଯ୍ୟନ୍ତ ଦେଖାଯାଇଥିଲା ସୂର୍ଯ୍ୟପରାଗ । ଭାରତରେ ୪ଟା ୨୯ରୁ ୬ଟା ୯ମିନିଟ ପର୍ଯ୍ୟନ୍ତ ଦେଖାଯାଇଥିଲା ସୂର୍ଯ୍ୟପରାଗ । ଅର୍ଥାତ ଭାରତରେ ପ୍ରାୟ ୧ ଘଣ୍ଟା ୪୦ମିନିଟ୍ ପର୍ଯ୍ୟନ୍ତ ଦେଖାଯାଇଛି ସୂର୍ଯ୍ୟପରାଗ । ଦେଶର ଅନ୍ୟସ୍ଥାନମାନଙ୍କ ଭଳି ଓଡିଶାରେ ଦେଖାଯାଇଛି ଆଂଶିକ ସୂର୍ଯ୍ୟପରାଗର ଦୃଶ୍ୟ । ୪.୫୦ରେ ପ୍ରଥମେ ଦେବଗଡରେ ଦେଖିବାକୁ ମିଳିଥିଲା ମହାଜାଗତିକ ଦୃଶ୍ୟ । ଭୁବନେଶ୍ୱରରେ ସମୟ ପ୍ରାୟ ୪ଟା ୫୫ଦେଖିବାକୁ ମିଳିଥିଲା ଏହି ମହାଜାଗତିକ ଦୃଶ୍ୟ । ଆଉ ୨୦ ମିନିଟ୍ ପର୍ଯ୍ୟନ୍ତ ଦେଖିବାକୁ ମିଳିଛି । ମାଲକାନାଗିରି ୪.୫୯ରୁ ୫.୩୩ ପ୍ରାୟ ୩୪ମିନିଟ୍ ଦୃଶ୍ୟମାନ ହୋଇଛି ସୂର୍ଯ୍ୟପରାଗ । ସେହିପରି ସମ୍ବଲପୁରରେ ୪.୫୨ରୁ ୫.୨୦ ପର୍ଯ୍ୟନ୍ତ ୨୮ମିନିଟ୍ ଦେଖାଯାଇଛି ଏହି ମହାଜାଗତିକ ଦୃଶ୍ୟ । ନୂଆପଡାରେ ସର୍ବାଧିକ ୪.୫୨ରୁ ୫.୨୮ ପ୍ରାୟ ୩୬ମିନିଟ୍ ଦୃଶ୍ୟମାନ ହୋଇଛି ସୂର୍ଯ୍ୟପରାଗ । କେନ୍ଦ୍ରାପଡାରେ ସବୁଠାରୁ କମ୍ ସମୟ ୧୭ ମିନିଟ୍ ପାଇଁ ସୂର୍ଯ୍ୟପରାଗ ଦେଖାଯାଇଛି । ମୁମ୍ବାଇ, ଦିଲ୍ଲୀ, ଅମୃତସର, ହରିଦ୍ୱାର, ରିଷିକେଷ, ଜମ୍ମୁ ସମେତ ଦେଶର ବିଭିନ୍ନ ସ୍ଥାନରେ ଦୃଶ୍ୟମାନ ▶▶ପୃଷ୍ଠା ୭

## ଧାମନଗର ଉପନିର୍ବାଚନ ପ୍ରସ୍ତୁତି ସମୀକ୍ଷା କଲେ ଡିଜିପି

ଭୁବନେଶ୍ୱର,୨୫/୧୦(ନି.ପ୍ର): ଆସନ୍ତା ନଭେମ୍ବର ୩ ତାରିଖରେ ଧାମନଗର ନିର୍ବାଚନ ମଣ୍ଡଳୀ ପାଇଁ ଉପନିର୍ବାଚନ ଅନୁଷ୍ଠିତ ହେବ। ଓଡିଶା ପୋଲିସ୍ ମହାନିର୍ଦ୍ଦେଶକ ସୁନୀଲ ବଂଶଲ ଭର୍ଚୁଆଲ ମାଧ୍ୟମରେ ଉପନିର୍ବାଚନ ପ୍ରସ୍ତୁତିର ସମୀକ୍ଷା କରିଛନ୍ତି। ସମୀକ୍ଷା ବୈଠକରୁ ସୂଚନା ମିଳିଛି ଯେ ଧାମନଗର ଉପନିର୍ବାଚନ ରେ ଶାନ୍ତିଶୃଙ୍ଖଳା ରକ୍ଷା ପାଇଁ ୪ ପ୍ଲାଟୁନ ସିଆରପିଏଫ୍ ପୋଲିସ୍ ଫୋର୍ସ ମୁତୟନ ରହିବେ। ସେହିପରି ୨୦ ପ୍ଲାଟୁନ୍ ଓଏସଏପି , ୨୪ ମୋବାଇଲ ପାଟ୍ରୋଲିଂ ୟୁନିଟ୍ ମଧ୍ୟ ମୁତୟନ ହେବେ। ଏହି ସମୀକ୍ଷା ବୈଠକରେ ଏଡିଜି ଲ' ଆଣ୍ଡ ଅର୍ଡର , ଡାରେକ୍ଟର ଇଂଟେଲିଜେନ୍ସ, ଭଦ୍ରକ ଏସପି ଓ ଅନ୍ୟ ବରିଷ୍ଠ ଅଧିକାରୀମାନେ ଉପସ୍ଥିତ ଥିଲେ ।

## ପାର୍ବଣରେ ରାଜଧାନୀରୁ ଅଧ କୋଟିର ସାଇବର ଠକେଇ

ଭୁବନେଶ୍ୱର, ୨୫/୧୦(ନି.ପ୍ର): ପାର୍ବଣରେ ରାଜଧାନୀରୁ ପ୍ରାୟ ୫୦ ଲକ୍ଷ ଟଙ୍କାର ସାଇବର ଠକେଇ ହୋଇଛି। ଦଶହରାରୁ ଦୀପାବଳି ଭିତରେ ୫୦ ଲକ୍ଷ ଟଙ୍କାରୁ ଉର୍ଦ୍ଧ୍ୱର ଠକେଇ ହୋଇଥିବା ଭୁବନେଶ୍ୱର ସାଇବର ପୋଲିସ ପକ୍ଷରୁ ସୂଚନା ଦିଆଯାଇଛି। ୟୁପିଆଇ ସମ୍ବନ୍ଧୀୟ ଠକେଇ ସବୁଠାରୁ ଅଧିକ ହୋଇଥିବା ଜଣାପଡିଛି। ପାର୍ବଣ ପୂର୍ବରୁ ଲୋଭନୀୟ ଅଫରର ଶୀକାର ନହୋଇ ସାଇବର ଠକେଇରୁ ବର୍ତ୍ତିବାକୁ ସତର୍କ କରିଥିଲା ପୋଲିସ।

## ବାଂଲାଦେଶରେ ସିତ୍ରାଙ୍ଗ ତାଣ୍ଡବ: ଗଲାଣି ୩୩ ଜଣଙ୍କ ଜୀବନ



ଢାକା,୨୫/୧୦(ନି.ପ୍ର): ଓଡ଼ିଶା ଉପକୂଳ ପ୍ରଭାବ ପକାଇବାକୁ ଅକ୍ଷମ ହୋଇଥିବା ସାମୁଦ୍ରିକ ଝଡ଼ ସିତ୍ରାଙ୍ଗ ବାଂଲାଦେଶରେ ତାଣ୍ଡବ ରଚିଛି। ଆଜି ଭୋର ସମୟରେ ସିତ୍ରାଙ୍ଗ ସାମୁଦ୍ରିକ ଝଡ଼ର ରୂପ ନେଇ ବାଂଲାଦେଶ ଉପକୂଳରେ ଲ୍ୟାଣ୍ଡଫଲ କରିଥିଲା। ସ୍ଥଳ ଭାଗ ଛୁଇଁବା ବେଳେ ପବନର ସର୍ବାଧିକ ବେଗ ଘଣ୍ଟାପ୍ରତି ୧୦୦ କିମି ରହିଥିଲେ। ତେବେ ପ୍ରବଳ ବର୍ଷା ହୋଇଥିଲା। ବର୍ଷା ଓ ପବନ ଯୋଗୁ ଏଯାଏ ବାଂଲାଦେଶର ୧୪ଟି ଉପକୂଳବର୍ତ୍ତୀ ଜିଲ୍ଲାରେ ୩୩ ଜଣ ଲୋକଙ୍କ ଜୀବନ ଯାଇଛି। ବିଭିନ୍ନ ସ୍ଥାନରେ ଗଛ ଉପୁଡ଼ି ପଡ଼ିଥିବା ବେଳେ ବିଦ୍ୟୁତ ଖୁଣ୍ଟ ଭାଙ୍ଗି ଯାଇଛି। ସେହିପରି ସମୁଦ୍ର ଢେଉ ମଧ୍ୟ କିଛି ଉପକୂଳବର୍ତ୍ତୀ ଅଞ୍ଚଳକୁ ମାଡ଼ି ଆସିବାରୁ ବ୍ୟାପକ କ୍ଷୟକ୍ଷତି ଘଟିଛି। ଏବେ ବି ଉଦ୍ଧାର କାର୍ଯ୍ୟ ଚାଲିଥିବାରୁ କ୍ଷୟକ୍ଷତି ସମ୍ପର୍କରେ ବିସ୍ତୃତ ତଥ୍ୟ ମିଳିନାହିଁ। ଭୋର ସମୟରେ ଲ୍ୟାଣ୍ଡଫଲ କରିଥିବା ସିତ୍ରାଙ୍ଗ କ୍ରମଶଃ ଦୁର୍ବଳ ହେବାରେ ଲାଗିଛି। ବର୍ତ୍ତମାନ ଏହା ଲଘୁଚାପରେ ପରିଣତ ହୋଇସାରିଥିଲେ ମଧ୍ୟ ବର୍ଷା ଲାଗି ରହିଛି। ମିଳିଥିବା ସୂଚନା ଅନୁଯାୟୀ, ସିତ୍ରାଙ୍ଗ ଲ୍ୟାଣ୍ଡଫଲ କରିବା ବେଳେ ପ୍ରବଳରୁ ଅତିପ୍ରବଳ ବର୍ଷା ହୋଇଥିଲା। ସମୁଦ୍ର ଢେଉ ମଧ୍ୟ ସ୍ୱାଭାବିକ ଠାରୁ ଅଧିକ ଉଚ୍ଚକୁ ଉଠିଥିଲା। ବିଭିନ୍ନ ସ୍ଥାନରେ ଗଛ ଉପୁଡ଼ି ପଡ଼ିବାରୁ ଯୋଗାଯୋଗ ବିଚ୍ଛିନ୍ନ ହୋଇଛି। ଅନେକ ଘର ଭାଙ୍ଗି ଯାଇଥିବା ବେଳେ ବିଦ୍ୟୁତ ଖୁଣ୍ଟ ଉପୁଡ଼ି ଯାଇଛି। ଏଥିଯୋଗୁ ଉପଲବର୍ତ୍ତୀ ଜିଲ୍ଲାଗୁଡ଼ିକର ଅଧିକାଂଶ ଲୋକ ଅନ୍ଧାରରେ ରହିଛନ୍ତି। ଭୋଲା ସଦର, ଦୌଲତଖାନ, ଲାଲମୋହନ ଓ ଚରରଫଶାନ ଜିଲ୍ଲାରେ ୪ ଜଣ ▶▶ପୃଷ୍ଠା ୭

## ବ୍ରିଟେନରେ ଆରମ୍ଭ ହେଲା ସୁନକ ଶାସନ



ଲଣ୍ଡନ,୨୫/୧୦(ନି.ପ୍ର): ଆର୍ଥିକ ସଙ୍କଟ ଦେଇ ଗତି କରୁଥିବା ବ୍ରିଟେନର ପ୍ରଧାନମନ୍ତ୍ରୀ ଭାବେ ନିଯୁକ୍ତି ପାଇଛନ୍ତି ଋଷି ସୁନକ। ଆଜି ତାଙ୍କୁ ବ୍ରିଟେନର ରାଜା ଚାର୍ଲସ ତୃତୀୟ ବିଧିବଦ୍ଧ ଭାବେ ପ୍ରଧାନମନ୍ତ୍ରୀ ଭାବେ ଦାୟିତ୍ୱ ହସ୍ତାନ୍ତର କରିଛନ୍ତି। ବକିଂହାମ ପ୍ୟାଲେସ୍ ?ରେ ଆଜି ସୁନକ ରାଜା ଚାର୍ଲସ ତୃତୀୟଙ୍କୁ ଔପଚାରିକ ଭାବେ ସାକ୍ଷାତ କରିଥିଲେ। ସେହିଠାରେ ବ୍ରିଟେନର ଶାସନ ଭାର ତାଙ୍କୁ ରାଜା ହସ୍ତାନ୍ତର କରିଛନ୍ତି। ଭାରତୀୟ ବଂଶୋଦ୍ଭବ ବ୍ରିଟେନ ନାଗରିକ ୪୨ ବର୍ଷୀୟ ସୁନକ ଗତକାଲି ବ୍ରିଟେନର କ୍ଷମତାସୀନ କଞ୍ଜରଭେଟିଭ ପାର୍ଟିର ନେତା ଭାବେ ନିଯୁକ୍ତି ପାଇଥିଲେ। ନିୟମ ଅନୁସାରେ ଶାସକ ଦଳର ନେତା ହିଁ ପ୍ରଧାନମନ୍ତ୍ରୀ ଭାବେ ଶପଥ ନେବେ। ସେହି ଅନୁସାରେ ଋଷି ସୁନକ ପ୍ରଧାନମନ୍ତ୍ରୀ ଭାବେ ଦାୟିତ୍ୱ ନେଇଛନ୍ତି। ୨୦୦ ବର୍ଷର ଇତିହାସ ମଧ୍ୟରେ ସୁନକ ସବୁଠାରୁ କନିଷ୍ଠ ରାଜନେତା ଭାବେ ବ୍ରିଟେନର ଶାସନ ଭାର ସମ୍ଭାଳିବାର ରେକର୍ଡ କରିଛନ୍ତି। ଦାୟିତ୍ୱ ▶▶ପୃଷ୍ଠା ୭

## ଦୃଷ୍ଟି ବାଧିତଙ୍କ ସ୍କୁଲରେ ଭୟଙ୍କର ନିଆଁ, ଚାଲିଗଲା ୧୧ ଜଣଙ୍କ ଜୀବନ



କାମପାଲା,୨୫/୧୦(ନି.ପ୍ର): ପୂର୍ବ ଆଫ୍ରିକୀୟ ଦେଶ ଉଗାଣ୍ଡାର କେନ୍ଦ୍ରୀୟ ଅଞ୍ଚଳରେ ଥିବା ଗୋଟିଏ ସ୍କୁଲରେ ଭୟଙ୍କର ଅଗ୍ନିକାଣ୍ଡ ଘଟିଛି। ଏହି ସ୍କୁଲରେ ଦୃଷ୍ଟିବାଧିତ ପିଲାମାନେ ପାଠପଢ଼ନ୍ତି। ହେଲେ ଏଠାରେ ନିଆଁ ଲାଗିଯିବାରୁ ୧୧ ଜଣଙ୍କ ଜୀବନ ଯାଇଛି। ମୃତକଙ୍କ ମଧ୍ୟରେ ଅଧିକାଂଶ ଛୋଟ ପିଲା ରହିଛନ୍ତି। ସୋମବାର ବିଳମ୍ବିତ ରାତିରେ ନିଆଁ ଲାଗିଥିଲେ ମଧ୍ୟ ଏହାର କାରଣ ଜଣାପଡ଼ିନି। ଉଗାଣ୍ଡା ପୁଲିସ୍ ? କହିଛି ଯେ "ଅଗ୍ନିକାଣ୍ଡର କାରଣ ଏଯାଏ ଜଣାପଡ଼ିନି। କିନ୍ତୁ ନିଆଁ ଲାଗି ୧୧ ଜଣଙ୍କ ମୃତ୍ୟୁ ଘଟିଛି। ସେହିପରି ଘଟଣାରେ ଆଉ ୬ ଜଣ ଗୁରୁତର ଆହତ ହୋଇଛନ୍ତି। ସେମାନଙ୍କୁ ସ୍ଥାନୀୟ ହସ୍ପିଟାଲରେ ଭର୍ତ୍ତି କରାଯାଇଛି।" ରାତି ପ୍ରାୟ ୧ଟା ବେଳେ ମୁକୋନୋ ଜିଲ୍ଲାରେ ଥିବା ସାଲାମା ଦୃଷ୍ଟିବାଧିତ ସ୍କୁଲରେ ଅଗ୍ନିକାଣ୍ଡ ଘଟିଛି। ଏହା ରାଜଧାନୀ କାମପାଲାର ପୂର୍ବ ଭାଗରେ ଅବସ୍ଥିତ। ଘଟଣା ପରେ ସ୍କୁଲକୁ କର୍ଡନ କରାଯାଇଛି ଓ ସରକାର ଘଟଣାର ପୂର୍ଣ୍ଣ ତଦନ୍ତ କରିବେ ବୋଲି ପ୍ରତିଶ୍ରୁତି ଦେଇଛନ୍ତି। ଅଗ୍ନିକାଣ୍ଡର ପ୍ରକୃତ କାରଣ ଖୋଜାଯିବ। ଯଦି କେହି ଦୋଷୀ ଚିହ୍ନଟ ହୁଅନ୍ତି, ତା'ହେଲେ ସେମାନଙ୍କ ବିରୋଧରେ ଆଇନ ଅନୁଯାୟୀ କଠୋର ଦଣ୍ଡବିଧାନ କରାଯିବ ବୋଲି ସରକାର କହିଛନ୍ତି। ସ୍କୁଲର ପ୍ରଧାନ ଶିକ୍ଷକ ଯିଏ ନିଜେ ମଧ୍ୟ ଦୃଷ୍ଟି ବାଧିତ କହିଛନ୍ତି, ପିଲାମାନେ ଶୋଇଥିବା ବେଳେ ଡର୍ମିଟୋରୀରୁ ନିଆଁ ଲାଗିବା ଆରମ୍ଭ ହୋଇଥିଲା। ଏହାପରେ ନିଆଁ ପୂରା ସ୍କୁଲକୁ ବ୍ୟାପି ଯାଇଥିଲା ବୋଲି ସେ କହିଛନ୍ତି।

## ୫ ଦିନ ଯାଏଁ ରାଜ୍ୟରେ ଶୁଖିଲା ପାଗ

ଭୁବନେଶ୍ୱର,୨୫/୧୦ (ନି.ପ୍ର): ବଙ୍ଗୋପସାଗରରେ ସୃଷ୍ଟ ସାମୁଦ୍ରିକ ବାତ୍ୟା ସିତ୍ରାଙ୍ଗ ଦୁର୍ବଳ ହୋଇଛି। ଦୁର୍ବଳ ହେବା ପରେ ଅବପାତ ଏବଂ ପରବର୍ତ୍ତୀ ୬ଘଂଟା ମଧ୍ୟରେ ଦୁର୍ବଳ ହୋଇ ଏକ ସୁଦୃଶ-ଲଘୁଚାପ କ୍ଷେତ୍ର ରେ ପରିଣତ ହେବାର ସମ୍ଭାବନା ରହିଛି । ସେହିପରି ଆଗାମୀ ୪ ରୁ ୫ ଦିନ ଯାଏଁ ରାଜ୍ୟରେ ପାଗ ମୁଖ୍ୟତଃ ଶୁଖିଲା ରହିବ। ଏହାସହ ଉଭୟ ଦିନ ଏବଂ ରାତ୍ରି ତାପମାତ୍ରାରେ ବିଶେଷ ପରିବର୍ତ୍ତନର ସମ୍ଭାବନା ନାହିଁ। ଭୁବନେଶ୍ୱର ସ୍ଥିତ ଆଂଚଳିକ ପାଣିପାଗ କେନ୍ଦ୍ର ପକ୍ଷରୁ ଏହି ସୂଚନା ଦିଆଯାଇଛି।

## ଆମେରିକାର ଏକ ହାଇସ୍କୁଲରେ ଗୁଳିକାଣ୍ଡ, ୩ ମୃତ



ୱାଶିଂଟନ,୨୫/୧୦(ନି.ପ୍ର): ଆମେରିକାରେ ଥମୁନି ଗୁଳିକାଣ୍ଡ ଘଟଣା। ଏଠାକାର ମସୌରୀ ସ୍ଥିତ ସେଣ୍ଟ ଲୁଇସ୍ ହାଇସ୍କୁଲରେ ଫୁଟିଛି ଗୁଳି। ଏକ ବନ୍ଧୁକଧାରୀ ଆସି ପିଲାଙ୍କ ଉପରେ ଆଖିବୁଜା ଗୁଳିମାଡ କରିଛି। ଏଥିରେ ୩ ଜଣଙ୍କ ମୃତ୍ୟୁ ହୋଇଥିବା ବେଳେ ୬ ଜଣ ଆହତ ହୋଇଛନ୍ତି। ସେପଟେ ଗୁଳି ଚଳାଇଥିବା ବନ୍ଧୁକଧାରୀକୁ ସ୍କୁଲ ପରିସରରେ ହିଁ ଗୁଳି କରି ହତ୍ୟା କରାଯାଇଥିବା ପୁଲିସ ସୂଚନା ଦେଇଛି। ପୁଲିସ ସୂଚନା ମୁତାବକ, ସୋମବାର ଏହି ହାଇ ସ୍କୁଲରେ ଗୁଳିକାଣ୍ଡ ଘଟିଥିଲା। ଏହାପରେ ଭୟରେ ଛାତ୍ରଛାତ୍ରୀମାନେ ସ୍କୁଲ ବାହାରକୁ ଦୌଡି ପଳାଇଥିଲେ। ଖବର ପାଇ ପୁଲିସ ତୁରନ୍ତ ଘଟଣାସ୍ଥଳରେ ପହଞ୍ଚି ବନ୍ଧୁକଧାରୀକୁ କାବୁ କରିବା ପାଇଁ ଚେଷ୍ଟା କରଥିଲା। ତେବେ ଉଭୟ ପକ୍ଷରୁ ଗୁଳିବିନିମୟରେ ବନ୍ଧୁକଧାରୀର ମୃତ୍ୟୁ ହୋଇଛି। ଅଭିଯୁକ୍ତ ଜଣକ ୨୦ ବର୍ଷର ଯୁବକ ବୋଲି ପୁଲିସ କହିଛି। ସେପଟେ ୩ ମୃତକଙ୍କ ମଧ୍ୟରେ ଜଣେ ନାବାଳକ ଅଛି। ଗୁଳିମାଡରେ ଆହତ ହୋଇଥିବା ୬ ଜଣଙ୍କୁ ଚିକିତ୍ସା ପାଇଁ ହସ୍ପିଟାଲରେ ଭର୍ତ୍ତି କରାଯାଇଛି। ଗୁଳିମାଡ ବେଳେ ସ୍କୁଲ ଭିତରେ ୩୦୦ରୁ ଅଧିକ ଛାତ୍ରଛାତ୍ରୀ ଉପସ୍ଥିତ ଥିବା ସ୍କୁଲର ଜଣେ ସୁରକ୍ଷାକର୍ମୀ କହିଛନ୍ତି।

## ବିନା ପ୍ରମାଣରେ ସ୍ୱାମୀକୁ ମଦୁଆ ଓ ଚରିତ୍ରହୀନ କହିବା ନିଷ୍ଠୁରତା ସହ ସମାନ : ବମ୍ବେ ହାଇକୋର୍ଟ

ନୂଆଦିଲ୍ଲୀ, ୨୫/୧୦ : ବମ୍ବେ ହାଇକୋର୍ଟ ଏକ ମାମଲାର ଶୁଣାଣି କରି କହିଛନ୍ତି କି ବିନା ପ୍ରମାଣରେ କୌଣସି ସ୍ତ୍ରୀ ତାର ସ୍ୱାମୀକୁ ମଦୁଆ କିମ୍ବା ଚରିତ୍ରହୀନ କହିବା ନିଷ୍ଠୁରତା ସହ ସମାନ । ଏହି ମାମଲାରେ ବମ୍ବେ ହାଇକୋର୍ଟ ପୁଣେର ଏକ ଦମ୍ପତ୍ତିଙ୍କ ବିବାହ ବିଚ୍ଛେଦ ନେଇ ପରିବାର ଅଦାଲତ ଦେଇଥିବା ରାୟକୁ ଅକ୍ଷୂର୍ଣ୍ଣ ରଖିଛନ୍ତି । ବିଚାରପତି ନୀତିନ ଜାମଦାର ଓ ବିଚାରପତି ଶର୍ମିଳା ଦେଶମୁଖଙ୍କ ଖଣ୍ଡପୀଠ ଏଭଳି ରାୟ ଶୁଣାଇଛନ୍ତି । ଜଣେ ୫୦ ବର୍ଷିୟା ମହିଳା ଆବେଦନକାରୀଙ୍କୁ ପୁଣେର ପରିବାର ଅଦାଲତ ୨୦୦୫ ନଭେମ୍ବର ମାସରେ ଦେଇଥିବା ରାୟକୁ ▶▶ପୃଷ୍ଠା ୭

## ଧାମନଗରରେ କିଏ ବାଣ୍ଟୁଛି ଟଙ୍କା ? ବିଜେଡି – ବିଜେପି ହେଲେ ମୁହାଁମୁହିଁ





ଭୁବନେଶ୍ୱର, ୨୫/୧୦(ନି.ପ୍ର): ଧାମନଗରର ଦୁଇଟି ଦୃଶ୍ୟ ସାମ୍ନାକୁ ଆସିଛି । ପ୍ରଥମ ଦୃଶ୍ୟରେ ଜଣେ ବିଜେଡି କର୍ମୀ କହୁଛନ୍ତି ଯେଉଁ ପଞ୍ଚାୟତ ଅଧିକ ଭୋଟ ଦେଇ ବିଜେଡି ପ୍ରାର୍ଥୀଙ୍କୁ ଜିତାଇବ, ସେହି ପଞ୍ଚାୟତକୁ ଏକ କୋଟି ଟଙ୍କାର ପୁରସ୍କାର ମିଳିବ । ଦ୍ୱିତୀୟ ଭିଡିଓରେ ଏସଏଚଜି ମହିଳା ଟଙ୍କା ବାଣ୍ଟୁଥିବା ଅଭିଯୋଗ ହୋଇଛି । ବିଜେଡିର ପ୍ରଚାର ରାଲିରେ ଭୋଟ ପାଇଁ କୋଟିଏ ଟଙ୍କାର ପୁରସ୍କାର ଘୋଷଣା କରାଯାଉଥିବା ସମୟର ଭିଡିଓ ସାମ୍ନାକୁ ଆସିଛି । ରାଧାବଲ୍ଲଭପୁରରେ ବିଜେଡିର ପ୍ରଚାର ସଭାରେ ଜଣେ ସ୍ଥାନୀୟ ବିଜେଡି ନେତା ମଞ୍ଚରୁ ମାଇକ ଯୋଗେ ଘୋଷଣା କରୁଛନ୍ତି । ନେତା ଜଣକ ମାଇକ ଧରି ପ୍ରଚାର ସଭାକୁ ସମ୍ବୋଧିତ କରି କହୁଛନ୍ତି, ଯେଉଁ ପଞ୍ଚାୟତ ଅଧିକ ଭୋଟ ଦେଇ ବିଜେଡି ପ୍ରାର୍ଥୀଙ୍କୁ ଜିତାଇବ, ସେହି ପଞ୍ଚାୟତକୁ ଏକ କୋଟି ଟଙ୍କାର ପୁରସ୍କାର ମିଳିବ । ବଡ କଥା ହେଉଛି ମଞ୍ଚରେ ମନ୍ତ୍ରୀ ପ୍ରୀତିରଞ୍ଜନ ଘଡେଇ ଓ ବିଜେଡି ସାଂସଦ ▶▶ପୃଷ୍ଠା ୭

## ନଳକୂପ ଅଚଳ: ପୋଖରୀ ପାଣି ପିଉଛନ୍ତି ଲୋକେ

ନିରାକାରପୁର ,୨୬/୧୦ (ନି.ପ୍ର): ଗ୍ରାମାଂଚଳରେ ପନୀୟ ଜଳର ସୁବନ୍ଦୋବସ୍ତ ନିମିତ ପ୍ରତିବର୍ଷ ରାଜକୋଷରୁ କୋଟି କୋଟି ଟଙ୍କା ଖର୍ଚ୍ଚ ହେଉଛି । ହେଲେ ବିଭାଗୀୟ ଅଧିକାରୀମାନଙ୍କର ଦୂରଦୃଷ୍ଟିର ଅଭାବ ଯୋଗୁ ଲୋକେ ପିଇବା ପାଣିଟୋପେ ପାଇଁ ବହୁବିଧ ସମସ୍ୟାର ସମ୍ମୁଖୀନ ହେଉଛନ୍ତି । ଏଭଳି ସମସ୍ୟା ସୃଷ୍ଟି ହୋଇଛି ଲେଣ୍ଡୋ ପଂଚାୟତ ଅଧୀନସ୍ଥ ରେଙ୍ଗଟା ଗ୍ରାମବାସୀଙ୍କ କ୍ଷେତ୍ରରେ । ଗ୍ରାମର ଲୋକସଂଖ୍ୟା ପାଖାପାଖି ୫ଶହରୁ ଉର୍ଦ୍ଧ । ହେଲେ ସ୍ୱାଧିନତାର ୮ଦଶକ ବିତିବାକୁ ବସିଥିଲେ ସୁଦ୍ଧା ଏବେବି ଗ୍ରାମବାସୀମାନେ ପାନୀୟ ଜଳ ଯୋଗାଣ ଯୋଜନାରୁ ବଂଚିତ ହେଉଥିବା ଅଭିଯୋଗ ହୋଇଛି । ଗ୍ରାମରେ ଥିବା ୨ଟି ନଳକୂପ ଏବେ ଗ୍ରାମବାସୀଙ୍କ ପାଇଁ ସାହା ଭରସା ପାଲଟିଥିଲା । ହେଲେ ଏହି କିଛିଦିନ ହେବ ଦୁଇଟିଯାକ ନଳକୂପ ଅଚଳ ହୋଇପଡ଼ିବା କାରଣରୁ ସ୍ଥାନୀୟ ଲୋକ ନାହିଁ ନଥିବା ଅସୁବିଧାର ସମ୍ମୁଖୀନ ହେଉଛନ୍ତି । ଏପରିକି ଗତକିଛିଦିନ ହେବ ଗ୍ରାମବାସୀମାନେ ସ୍ଥାନୀୟ ପୋଖରୀ ଓ ଖୋଲାକୂଅରୁ ପାଣି ପିଇବାକୁ ବାଧ ହେଉଛନ୍ତି । ଗୃହପାଳିତ ପଶୁଙ୍କ ସମେତ ସାଧାରଣତଃ ସ୍ନାନ ଓ ଶୌଚ ପାଇଁ ବହୁ ଅସୁବିଧାର ସମ୍ମୁଖୀନ ହେଉଛନ୍ତି ।

# କଉଡ଼ିଖଣି ଚାରିଛକରେ ଅଣ୍ଡରପାସ୍ କେବେ ? : ବଢୁଛି ଦୁର୍ଘଟଣା

ନାଚୁଣୀ ,୨୬/୧୦ (ନି.ପ୍ର): ସ୍ଥାନୀୟ ବଡ଼ପଦର ଗାଁ କଉଡ଼ିଖଣି ୧୬ ନମ୍ବର ଜାତୀୟ ରାଜପଥ ସଂପ୍ରସାରଣ ପାଇଁ ଚାଲିଥିବା କାର୍ଯ୍ୟ ଶେଷ ପର୍ଯ୍ୟାୟରେ ପହଞ୍ଚିଛି । ନିକଟସ୍ଥ ସୁନାଖଳା ବଜାର ଓ ନାଚୁଣୀ ବାଇପାସ୍ ରୋଡ଼ସ୍ଥିତ ଅଞ୍ଚଳରେ ଦୁଇଟି ଓଭରବ୍ରିଜ୍ ନିର୍ମାଣ ହୋଇ ଏହା ଉପରେ ଯାତାୟାତ ବି ଆରମ୍ଭ ହୋଇ ସାରିଛି । ହେଲେ ଏହାର ସବୁଠାରୁ ଅଧିକ ଦୁର୍ଘଟଣା ପ୍ରବଣ ସ୍ଥାନ କଉଡ଼ିଖଣି ଚାରିଛକ ଉପରେ ନିହାତି ଆବଶ୍ୟକ ଅଣ୍ଡରପାସ୍ ନିର୍ମାଣ ପାଇଁ ବଡ଼ପଦର ଗ୍ରାମ ସମେତ ସ୍ଥାନୀୟ ଅଞ୍ଚଳବାସୀଙ୍କ ପକ୍ଷରୁ ହୋଇ ଆସୁଥିବା ଦାବି କେବଳ ଦାବିରେ ସୀମିତ ରହିଯାଇଛି ।

ସୂଚନାଯୋଗ୍ୟ ଯେ ୧୬ ନମ୍ବର ଜାତୀୟ ରାଜପଥ ଉପରେ ଅବସ୍ଥିତ କଉଡ଼ିଖଣି ଚାରିଛକ ଦେଇ ଚିଲିକା ଓ ବାଣପୁର ବ୍ଲକ୍ ଅଧୀନ ବିଭିନ୍ନ ପଞ୍ଚାୟତବାସୀଙ୍କ ନିତିଦିନିଆ ଯାତାୟାତ ରାସ୍ତା ରହିଛି । କେବଳ ସେତିକି ନୁହେଁ, ଏହି ଛକ ଅତିକ୍ରମ କଲେ ଜାତୀୟ ରାଜପଥ ୧୬ର ଉଭୟ ପାର୍ଶ୍ୱରେ ପ୍ରସିଦ୍ଧ ଶ୍ରୀ ନୀଳକଣ୍ଠେଶ୍ୱର ମହାଦେବଙ୍କ ମନ୍ଦିର ଓ ପୋଖରୀ ରହିଥିବାବେଳେ ନିକଟରେ ଏକ ପେଟ୍ରୋଲ ପମ୍ପ ମଧ ଅଛି । ଛାରିଛକ ଆଖପାଖରେ ମଧ ବହୁ ଗୁରୁତ୍ୱପୂର୍ଣ୍ଣ ସରକାରୀ ଓ ବେସରକାରୀ କାର୍ଯ୍ୟାଳୟ ରହିଛି । ସେଥିପାଇଁ ଅଞ୍ଚଳବାସୀଙ୍କ ପାଇଁ ଏହି ଛକର ବେଶ୍ ମହତ୍ୱ ରହିଛି ।



ହେଲେ ବିଡ଼ମ୍ବନାର ବିଷୟ ଯେ ଏଠାରେ ଏକ ଅଣ୍ଡରପାସ୍ ନିର୍ମାଣକୁ ଆଦୌ ଆଗ୍ରାଧିକାର ଦିଆଯାଉନାହିଁ ।

ଅଣ୍ଡରପାସ୍ ନିର୍ମାଣ ପାଇଁ ଅତୀତରେ ସ୍ଥାନୀୟ ବଡ଼ପଦର ଗ୍ରାମବାସୀଙ୍କ ସହ ଚିଲିକା ବାଣପୁର ଆଞ୍ଚଳିକ ବିକାଶ ନାଗରିକ ପରିଷଦ ସଭାପତି ପ୍ରଦୋଷ କୁମାର ଦାସଙ୍କ ନେତୃତ୍ୱରେ ଖୋର୍ଦ୍ଧା ଜିଲ୍ଲା ପ୍ରଶାସନ ତଥା ରାଜ୍ୟ ଓ କେନ୍ଦ୍ର ସରକାରଙ୍କ ବିଭିନ୍ନ ପ୍ରଶାସନିକ ସ୍ତରରେ ଲିଖିତ ଦାବି ଓ ନିବେଦନ କରାଯାଇଛି । ଏହାର ପ୍ରଭାବରେ ଗତ ୨ ବର୍ଷ ହେଲା ଏଠାରେ ଏକ ଅଣ୍ଡରପାସ୍ ନିର୍ମାଣ ପାଇଁ କାମ ଆରମ୍ଭ ହୋଇଥିଲା । ଏପରିକି ୧୬ ନମ୍ବର ଜାତୀୟ ରାଜପଥ ରାସ୍ତା ଓ ପାର୍ଶ୍ୱ ରାସ୍ତା ନିର୍ମାଣ ପାଇଁ ଆବଶ୍ୟକ ସ୍ଥାନାଭାବ ଦୂରୀକରଣ ନିମନ୍ତେ ବଡ଼ପଦର ଗ୍ରାମବାସୀଙ୍କ ସହ ଆପୋଷ ବୁଝାମଣା ହୋଇଥିଲା । ଫଳରେ ନିକଟସ୍ଥ ଜଗତି ପାହାଡ଼ ସଂଲଗ୍ନ ବହୁ ପୂରାତନ 'ମୁକ୍ତି ଚେତନା ପରିଷଦ ପାଠାଗାର' ଶ୍ରୀ ଭାତୁଲେଶ୍ୱର ମହାଦେବଙ୍କ ମନ୍ଦିର, ଶ୍ରୀ ଲୋକନାଥ କର ସ୍ମୃତି ମନ୍ଦିର, ଠାକୁରଙ୍କ ରୋଷଘର, ଆଦି ଅନ୍ୟାନ୍ୟ ନିର୍ମାଣକୁ ରାସ୍ତା ସଂପ୍ରସାରଣ ପାଇଁ ଏନ୍ ଏଚ୍ଆଇ କର୍ତ୍ତୃପକ୍ଷ ଭାଙ୍ଗି ଅଣ୍ଡରପାସ୍ ନିର୍ମାଣ ପାଇଁ ନିର୍ଭର ପ୍ରତିଶ୍ରୁତି ଦେଇଥିଲେ । ହେଲେ ଏହାର ପରବର୍ତୀ ନିର୍ମାଣ କାର୍ଯ୍ୟ ଆଗକୁ ନବଢ଼ାଇ ଏହାକୁ ଖୋଲା ମେଲା ପକାଇ ରଖିଲେ । ବିଭିନ୍ନ ଆଳ ଦେଖାଇ ନିର୍ମାଣ କାର୍ଯ୍ୟ ବିଳମ୍ବିତ କରି ଉକ୍ତ ସ୍ଥାନକୁ ଆହୁରି ବିପଦପୂର୍ଣ୍ଣ କରି ଦେଇଥିଲେ । ଫଳରେ ଏଠାରେ ପଡ଼ି ଅନେକ ଲୋକ ଆହତ ଓ ଅକର୍ମଣ୍ୟ ହେବା ସହ ଜଣେ ବାଇକ୍ ଆରୋହୀଙ୍କର ମୃତ୍ୟୁ ମଧ ହୋଇଥିଲା । ଦୁର୍ଘଟଣାରେ ମୃତ୍ୟୁ ବରଣ କରିଥିବା ଯୁବକ ଜଣକ ହେଲେ ବଡ଼ପଦର ଗ୍ରାମର ସ୍ୱର୍ଗତ ବ୍ରଜ ପଲେଇଙ୍କ ଏକମାତ୍ର ପୁତ୍ର ମୋହନ ପଲେଇ(୨୫) । ଯାହା ଅଞ୍ଚଳବାସୀଙ୍କୁ ସ୍ତବ୍ଧ କରି ଦେଇଛି । ଏହିଭଳି ଘଟଣା ବାରମ୍ବାର ଘଟୁଥିବାରୁ ସାଧାରଣରେ ଉତେଜନା ବୃଦ୍ଧି ପାଇବାରେ ଲାଗିଛି । ଏଣୁ ମରଣଯନ୍ତା ସାବ୍ୟସ୍ତ ହୋଇଆସୁଥିବା ସ୍ଥାନୀୟ ୧୬ ନମ୍ବର ଜାତୀୟ ରାଜପଥ କଉଡ଼ିଖଣି ଛକ ନିକଟରେ ପ୍ରସ୍ତାବିତ ଅଣ୍ଡରପାସ୍ ନିର୍ମାଣ ପାଇଁ 'ଚିଲିକା ବାଣପୁର ଆଞ୍ଚଳିକ ବିକାଶ ନାଗରିକ ପରିଷଦ' ର ସଭାପତି ପ୍ରଦୋଷ କୁମାର ଦାସ ତଥା ବଡ଼ପଦର ଗ୍ରାମବାସୀଙ୍କ ପକ୍ଷରୁ ପୂର୍ବତନ ସଭାପତି ମକରଧ୍ୱଜ ପଲାଇ, ସୁରେଶ କୁମାର ପଲାଇ, ବର୍ତମାନ ସଭାପତି ଦଣ୍ଡପାଣି ବରାଳ, ରାମଚନ୍ଦ୍ର ମହାରଣା, ଦୟାନିଧି ପଲାଇ , ନାଚୁଣୀ ସରପଞ୍ଚଙ୍କ ପ୍ରତିନିଧି ପୂର୍ଣ୍ଣ ଚନ୍ଦ୍ର ପଲାଇ ପ୍ରମୁଖ ଦାବି ଦୋହରାଇଛନ୍ତି ।

# ଯନ୍ତ୍ରଣା ଦେଉଛି ଶ୍ରୀକ୍ଷେତ୍ରର ରାସ୍ତାଘାଟ: ରାସ୍ତା ସାରା ଖାଲଖମା, ଦୈନିକ ଘଟୁଛି ଛୋଟବଡ଼ ଦୁର୍ଘଟଣା

ପୁରୀ ,୨୬/୧୦ (ନି.ପ୍ର): ଶ୍ରୀକ୍ଷେତ୍ର ହେବ ବିଶ୍ୱସ୍ତରୀୟ ସହର । ବିଗତ ୪ ବର୍ଷ ହେଲାଣି ଏଭଳି ସ୍ୱପ୍ନ ଦେଖାଉଛନ୍ତି ସରକାର । କିନ୍ତୁ ସହରବାସୀ ଯେ ମୌଳିକ ସୁବିଧା ପାଇଁ ଦହଗଞ୍ଜ ହେଉଛନ୍ତି, ତାହା କାହାରି ନଜରରେ ପଡୁନି । ରାସ୍ତାଘାଟ ସୁଦୃଢ଼ୀକରଣ ଭଳି ସାମାନ୍ୟତମ ସୁବିଧା ବି ଜିଲ୍ଲା ପ୍ରଶାସନ ଜନସାଧାରଣଙ୍କୁ ଦେଇ ପାରୁନି । ଏହାର ଜ୍ୱଳନ୍ତ ଉଦାହରଣ ପାଲଟିଛି ନବକଳେବର ରାସ୍ତା, ପୁରୀ ବ୍ରହ୍ମଗିରି ରାସ୍ତା, ସିଟି ରୋଡ୍ ଭଳି ଅନେକ ପ୍ରମୁଖ ରାସ୍ତା । ଯେଉଁଥିପାଇଁ ଦୈନିକ ଛୋଟବଡ଼ ଦୁର୍ଘଟଣା ଘଟୁଛି । ଯାହା ସରକାରଙ୍କ ଏହି ବିଶ୍ୱସ୍ତରୀୟ ସ୍ୱପ୍ନକୁ ଉପହାସ କରୁଛି ।

ସେପଟେ ପୁରୀ-ବ୍ରହ୍ମଗିରି ରାସ୍ତା ବି ଯାତାୟାତର ଏକ ପ୍ରମୁଖ ରାସ୍ତା । କିନ୍ତୁ ନରେନ୍ଦ୍ରକୋଣଠାରୁ ମଙ୍ଗଳାଘାଟ ପର୍ଯ୍ୟନ୍ତ ଏହି ରାସ୍ତା ଖାଲଖମାରେ ଭର୍ତି ହୋଇଛି । କେଉଁଠି ରାସ୍ତା ଖୋଳି ହୋଇ ବିରାଟ ବିରାଟ ଗର୍ତ ସୃଷ୍ଟି ହୋଇଛି ତ କେଉଁଠି ଶ୍ରୀସେତୁ ପାଇଁ ରାସ୍ତାସାରା ଖାଲ ସୃଷ୍ଟି ହୋଇଛି । ଶୁଖିଲା ପାଖରେ ଯିବା କାଠିକର ପାଠ ହୋଇଥିବାବେଳେ ବର୍ଷା ହେଲେ ଲୋକେ ଖାଲଖମାରେ ପଡ଼ି ଦୁର୍ଘଟଣାର ଶିକାର ହେଉଛନ୍ତି । ଅନେକ ସମୟରେ ଅଟୋ ଭଳି ହାଲୁକା ଯାନ ବି ଏଠାରେ ଓଲଟି ପଡ଼ିବାର ନଜୀର ରହିଛି । ସେହିଭଳି ସୁଭାଷ ବୋଷ ଛକରୁ ପେଣ୍ଟକଟା ଏକ ପ୍ରମୁଖ ରାସ୍ତା ହୋଇଥିବାବେଳେ ଏହି ରାସ୍ତା ବି ଖାଲଖମାରେ ଭର୍ତି ହୋଇଛି । ଅଧିକାଂଶ ଜାଗାରୁ ପିଚୁ ଉଠି ଗର୍ତ ସୃଷ୍ଟି ହେଲାଣି । କଚେରି ଛକରୁ ଡିଆରଡିଏ ରାସ୍ତା ବି ସମାନ ଅବସ୍ଥା ଥିଲା । କିନ୍ତୁ ଅଭିଯୋଗ ପରେ ଏଠାରେ ଡଷ୍ଟ ପକାଇ ଦେଇ ପୂର୍ତ ବିଭାଗ ନିଜ ଦାୟିତ୍ୱ ଖସାଇ ଦେଇଛି । ଏହି ରାସ୍ତା କେବଳ ଉଦାହରଣ ମାତ୍ର । ସହର ସାରା ରାସ୍ତାଘାଟର ଏଭଳି ଅବସ୍ଥା ହୋଇଥିବାବେଳେ ତୁରନ୍ତ ଏସବୁର ପୁନରୁଦ୍ଧାର ପାଇଁ ଦାବି ହୋଇଛି ।

# କୋରାପୁଟ୍‌ର ୪ଟି ସ୍କୁଲକୁ ମିଳିବ ମୁଖ୍ୟମନ୍ତ୍ରୀ ଶ୍ରେଷ୍ଠ ଉଚ୍ଚବିଦ୍ୟାଳୟ ପୁରସ୍କାର

ଜୟପୁର ,୨୬/୧୦ (ନି.ପ୍ର): ସଦ୍ୟ ପ୍ରକାଶ ପାଇଥିବା ମାଟ୍ରିକ ପରୀକ୍ଷା ଫଳ ଓ ଉଚ୍ଚ ବିଦ୍ୟାଳୟ ଗୁଡିକର ଭିତିଭୂମି ଆଦିକୁ ଦୃଷ୍ଟିରେ ରଖି ଜିଲ୍ଲା ଶିକ୍ଷା ଅଧିକାରୀ ଜୟପୁର ପୌରାଂଚଳ ଓ ବ୍ଲକର ଏଭଳି ୪ଟି ସ୍କୁଲକୁ ଜିଲ୍ଲାର ଶ୍ରେଷ୍ଠ ଉଚ୍ଚବିଦ୍ୟାଳୟ ପୁରସ୍କାର ଦେବା ପାଇଁ ଚୟନ କରାଯାଇଛି । ଜିଲ୍ଲାର ୧୪ଟି ବ୍ଲକ, ୩ଟି ପୌରାଂଚଳ ଓ ଗୋଟିଏ ଏନଏସିରୁ ୪୫ଟି ଶ୍ରେଷ୍ଠ ଉଚ୍ଚ ବିଦ୍ୟାଳୟ ଚୟନ କରାଯାଇଛି । ଏଥି ମଧ୍ୟରୁ ଜୟପୁର ବ୍ଲକର ସରକାରୀ ଶ୍ରୀନିବାସ ଉଚ୍ଚ ବିଦ୍ୟାଳୟ ପାମ୍ପୁଣୀ, ସରକାରୀ ହାଇସ୍କୁଲ ପୁଜାରୀପୁଟ ଓ ଏସଏସଡି ବାଳିକା ଉଚ୍ଚବିଦ୍ୟାଳୟ ହରଡାପୁଟ । ଏହା ସହ ଜୟପୁର ପୌରାଂଚଳରୁ ଜୟପୁର ସିଟି ହାଇସ୍କୁଲ ଏହି ପୁରସ୍କାର ପାଇବା ପାଇଁ ଯୋଗ୍ୟ ଭାବେ ଚୟନ କରାଯାଇଛି । ଏହି ହାଇସ୍କୁଲ ଗୁଡିକୁ ଏହି ବାବଦରେ ଆର୍ଥିକ ସହାୟତା ରାଶି ଏକ ଲକ୍ଷ ଲେଖାଏଁ ମିଳିବ ବୋଲି ସୂଚନା ମିଳିଛି । ସଦ୍ୟ ପ୍ରକାଶ ପାଇଥିବା ମାଟ୍ରୀକ ପରୀକ୍ଷା ଫଳ ଓ ଓଡିଆ ଭାଷାକୁ ନେଇ ପୃଥକ ପୃଥକ ଭାବେ ମୁଖ୍ୟମନ୍ତ୍ରୀ ମେଧା ବୃତି ଓ ଓଡିଆ ଭାଷା ବୃତି ଦେବା ପାଇଁ ବି ଘୋଷଣା କରାଯାଇଛି । ଏଥିରେ ଜିଲ୍ଲାରେ ୧୫୭ଜଣ ଓଡିଆ ଭାଷା ବୃତି ଓ ୧୫୭୦୦ଜଣ ମୁଖ୍ୟମନ୍ତ୍ରୀ ମୋଧା ବୃତି ବିଭିନ୍ନ ହାଇସ୍କୁଲର ଛାତ୍ରଛାତ୍ରୀ ପାଇବେ । ଏଥିରେ ଜୟପୁର ବ୍ଲକ ଓ ପୌରାଂଚଳରେ ୧୫ଜଣ ଓଡିଆ ଭାଷା ବୃତି ଓ ୧୫୦ଜଣ ମୁଖ୍ୟମନ୍ତ୍ରୀ ମୋଧା ବୃତି ପାଇବେ । ଏଥିରେ ସରକାରୀ ଶ୍ରୀନିବାସ ଉଚ୍ଚ ବିଦ୍ୟାଳୟ ପାମ୍ପୁଣୀର ୫ଜଣ ଓଡିଆ ଭାଷା ବୃତି ଓ ୧୩ଜଣ ମୁଖ୍ୟମନ୍ତ୍ରୀ ମୋଧା ବୃତି, ସିଟି ହାଇସ୍କୁଲର ୧୨ ଜଣ ମୁଖ୍ୟମନ୍ତ୍ରୀ ମୋଧା ବୃତି, ହରଡାପୁଟ ଏସଏସଡି ସେବାଶ୍ରମ ବାଳିକା ଉଚ୍ଚବିଦ୍ୟାଳୟର ଜଣେ ଓଡିଆ ଭାଷା ବୃତି ଓ ୪ଜଣ ମୁଖ୍ୟମନ୍ତ୍ରୀ ମୋଧା ବୃତି ପାଇବେ ବୋଲି ସୂଚନା ମିଳିଛି ।

# ଆଦିବାସୀ ଅଧ୍ୟୁଷିତ ଅଞ୍ଚଳରେ ମିଳୁନି ସ୍ୱଚ୍ଛ ପାନୀୟ ଜଳ: ନଳକୂପ ଖନନ ଦାବି



ଖଣ୍ଡପଡ଼ା ,୨୬/୧୦ (ନି.ପ୍ର): ଖଣ୍ଡପଡ଼ା ବ୍ଲକ୍ ଅଧୀନ ପାହାଡ଼ିଆ ଓ ଆଦିବାସୀ ଅଧ୍ୟୁଷିତ ଅଞ୍ଚଳ ଚଳିତ ବର୍ଷ ବର୍ଷା ଅନିୟମିତତା ଯୋଗୁ କୂଅ, ପୋଖରୀ, ନାଳ ଶୁଖିଲା ପଡ଼ିଥିବା ଜଣାପଡ଼ିଛି । ଫଳରେ ଉକ୍ତ ଅଞ୍ଚଳରେ ଶୁଦ୍ଧ ପାନୀୟ ଜଳ ସମସ୍ୟା ଉତ୍କଟ ହେଲାଣି । ସୂଚନାଯୋଗ୍ୟ, ବ୍ଲକ୍ ଅଧୀନ ସିଂଘାପଡ଼ା ପଞ୍ଚାୟତର ଆଦିବାସୀ ଅଧ୍ୟୁଷିତ ସମ୍ବରବିନ୍ଧା ଗ୍ରାମରେ ପାନୀୟଜଳର ଘୋର ଅଭାବ ଯୋଗୁ ଲୋକମାନେ ନାହିଁ ନଥିବା ଅସୁବିଧାର ସମ୍ମୁଖୀନ ହେଉଛନ୍ତି । ଗ୍ରାମରେ ବସବାସ କରୁଥିବା ପ୍ରାୟ ୬୦ରୁ ଉର୍ଦ୍ଧ୍ୱ ପରିବାରଙ୍କ ପାଇଁ ବର୍ତମାନ ପାନୀୟ ଜଳ ମୁଖ୍ୟ ସମସ୍ୟା ବୋଲି ଗ୍ରାମବାସୀ ଅଭିଯୋଗ କରିଛନ୍ତି । ଗ୍ରାମରେ ଗୋଟିଏ ପଥର କୂଅ ଏବଂ ଦୁଇଟି ନଳକୂଅ ଥିଲେ ମଧ ପର୍ଯ୍ୟାପ୍ତ ପରିମାଣରେ ପାଣି ହେଉନଥିବା ଜଣାପଡ଼ିଛି । ନଳକୂପରୁ ଠିକରେ ପାଣି ବାହାରୁନଥିବା ବେଳେ ପଥର କୂଅଟିରୁ ଜଳସ୍ତର ତଳକୁ ପଳେଇଥିବା ଜଣାଯାଇଛି । ଗୋଟିଏ କୂଅରୁ ସମସ୍ତ ପରିବାର ପାଣି ବ୍ୟବହାର କରିବା ଯୋଗୁ ସେଥିରୁ ପଙ୍କମିଶା ପାଣି ବାହାରିଥାଏ । ଫଳରେ ଗ୍ରାମବାସୀ ଦୂଷିତ ଜଳ ପାନ କରି ବିଭିନ୍ନ ରୋଗରେ ଆକ୍ରାନ୍ତ ହେଉଥିବା ଅଭିଯୋଗ କରିଛନ୍ତି । ସେମାନଙ୍କ କହିବା କଥା ହେଲା ଗ୍ରାମରେ ଏକ ବୋରିଂ କରି ସୋଲାର ପ୍ରକଳ୍ପ ମାଧ୍ୟମରେ ପାନୀୟଜଳ ଯୋଗାଇ ଦେଲେ ଗ୍ରାମବାସୀ ଉତ୍କଟ ଜଳ ଅଭାବ ସମସ୍ୟାରୁ ମୁକ୍ତି ପାଆନ୍ତେ । ଏହାଛଡା ପଞ୍ଚାୟତ ତରଫରୁ ପୁରୁଣା କୂଅରୁ ପଙ୍କ ଉଦ୍ଧାର କରାଗଲେ ଲୋକମାନେ ସ୍ୱଚ୍ଛ ପାନୀୟଜଳ ମୁନ୍ଦେ ପାଇପାରନ୍ତେ । ସେହିପରି ଭାବେ କୋସ୍କା ପଞ୍ଚାୟତ ଅନ୍ତର୍ଗତ ରାଇମ୍ବା ଗ୍ରାମରେ ବସବାସ କରୁଥିବା ୧୫ଟି ପରିବାର ପାନୀୟ ଜଳ ଯୋଗୁ ହଇରାଣ ହରକତ ହେଉଥିବା କହିଛନ୍ତି । ଗ୍ରାମରେ ଗୋଟିଏ କୂଅ ଏବଂ ନଳକୂପ ରହିଥିବା ଜଣାପଡ଼ିଛି । ମାତ୍ର ଏହି ଅଞ୍ଚଳଟି ଡିପ ହୋଇଥିବାରୁ ଏଠାରେ ଥିବା କୂଅ ଏବଂ ନଳକୂପରୁ ଖୁବ୍‌ଶୀଘ୍ର ପାଣି ତଳକୁ ଖସି ଯାଉଛି । ଫଳରେ ଲୋକମାନେ ପାଣି ଟୋପେ ପାଇଁ ପଡ଼ୋଶୀ ଗ୍ରାମକୁ ଯିବାକୁ ପଡୁଛି । ଗ୍ରାମବାସୀଙ୍କ ଅଭିଯୋଗ ହେଉଛି, ସେଠାରେ ଏକ ଗଭୀର ନୂତନ ନଳକୂପ ଖନନ କରାଗଲେ ଗ୍ରାମବାସୀ ଉପକୃତ ହୁଅନ୍ତେ । ତେବେ ଏ ସମସ୍ୟାର ସମାଧାନ ପାଇଁ ବ୍ଲକ୍ ପ୍ରଶାସନ, ଗ୍ରାମ୍ୟ ଜଳଯୋଗାଣ ଓ ପରିମଳ ବିଭାଗ ଦୃଷ୍ଟି ଦେବା ପାଇଁ ସ୍ଥାନୀୟ ବାସିନ୍ଦା ନିବେଦନ କରିଛନ୍ତି ।

# ଓଡ଼ଗାଁ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଭୟଙ୍କର ହେଲାଣି ଡାକ୍ତର ସମସ୍ୟା

## ୧୧ ବଦଳରେ ଅଛନ୍ତି ଜଣେ ଡାକ୍ତର: ହଇରାଣ ହେଉଛନ୍ତି ଲୋକେ

ଓଡ଼ଗାଁ ,୨୬/୧୦ (ନି.ପ୍ର): ନୟାଗଡ଼ ଜିଲ୍ଲା ଓଡ଼ଗାଁ ବ୍ଲକ୍‌ରେ ଅନେକ ବିକାଶମୂଳକ ଯୋଜନା କାର୍ଯ୍ୟକାରୀ ହେଉଛି । କିନ୍ତୁ ଏଠାରେ ଡାକ୍ତର ସମସ୍ୟାକୁ ଦେଖିଲେ ସତେ ଯେମିତି କାହାରି ପାଟିରୁ କଥା ବାହାରୁନି । ରୋଗୀଟିଏ ସ୍ୱାସ୍ଥ୍ୟକେନ୍ଦ୍ରକୁ ଧାଇଁ ଧାଇଁ ଆସିବା ପରେ ନିରୁପାୟ ହୋଇ ଏଠାରୁ ଫେରିଯିବାକୁ ବାଧ ହେଉଛି କିମ୍ବା ନୟାଗଡ଼ ଓ ଭୁବନେଶ୍ୱର ଯିବା ରାସ୍ତାରେ ସବୁଦିନ ପାଇଁ ଆଖି ବୁଜୁଛି । ଏମିତି ବର୍ଷ ବର୍ଷ ଧରି ଡାକ୍ତର ସମସ୍ୟା ଲାଗି ରହିଥିଲେ ମଧ ନେତା, ପ୍ରଶାସନ ସମସ୍ତେ ଚୁପ୍ ରହୁଛନ୍ତି । ଏପଟେ ଡାକ୍ତରଖାନାରେ ଡାକ୍ତର ନଥିବାରୁ ଭୟଙ୍କର ପରିସ୍ଥିତି ସୃଷ୍ଟି ହେଲାଣି ବୋଲି ଅଞ୍ଚଳବାସୀ କହିଛନ୍ତି । ୧୧ ଜଣ ଡାକ୍ତରଙ୍କ ବଦଳରେ ଜଣେ ଡାକ୍ତର କାର୍ଯ୍ୟ କରୁଛନ୍ତି । ୨ ଜଣ ଏମ୍‌ବିବିଏସ୍ ଡାକ୍ତରଙ୍କୁ ଡେପୁଟସେନରେ ଆଣି କାର୍ଯ୍ୟରେ ନିୟୋଜିତ କରାଯାଇଛି । ସୂଚନାଯୋଗ୍ୟ, ଓଡ଼ଗାଁ ବ୍ଲକ୍ ଅଧୀନରେ ୩୬ଟି ପଞ୍ଚାୟତରୁ ୧୮ଟି ପଞ୍ଚାୟତ ଶରଣକୁଳ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ଉପରେ ନିର୍ଭର କରୁଛନ୍ତି । ବାକି ୧୮ଟି ପଞ୍ଚାୟତ ଓଡ଼ଗାଁ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ଉପରେ ଭରସା କରିଛନ୍ତି । ଏଠାରେ ଡାକ୍ତରଙ୍କ ଘୋର ଅଭାବ ଥିବା ବେଳେ ଅନେକ ଡାକ୍ତରଙ୍କୁ ନିଯୁକ୍ତି କଲେ ମଧ ସେମାନେ ଆସିବାକୁ ଅନିଚ୍ଛା ପ୍ରକାଶ କରି ଫେରି ଯାଉଛନ୍ତି । ଫଳରେ ରୋଗୀ ସେବା ବାଧାପ୍ରାପ୍ତ ହେଉଛି । ଓଡ଼ଗାଁ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରଟି ମୁଖ୍ୟ ରାସ୍ତା ଉପରେ ଥିବାରୁ ରୋଗୀଟିଏ ଆଶାବାନ୍ଧି ଏଠାକୁ ଧାଇଁ ଆସୁଛି କିନ୍ତୁ ଡାକ୍ତର ସମସ୍ୟା ଦେଖାଇ ରୋଗୀକୁ ନୟାଗଡ଼ ପଠାଇ ଦିଆଯାଉଛି । ରୋଗୀଙ୍କ ଦୁଃଖ, ସମସ୍ୟା, ପରିସ୍ଥିତି ବୁଝିବାକୁ କେହି କେବେ ଚିନ୍ତା କରିନାହାନ୍ତି । ୪ ଜଣ ସ୍ପେଶାଲିଷ୍ଟ ଓଡ଼ଗାଁ ସ୍ୱାସ୍ଥ୍ୟକେନ୍ଦ୍ରରେ ନିଯୁକ୍ତି କରିବାର ସରକାରଙ୍କ ନିୟମ ରହିଛି । ଗର୍ଭବତୀ କିମ୍ବା ପ୍ରସବକାଳୀନ ମହିଳାଙ୍କ ପାଇଁ ଜଣେ ଡାକ୍ତରଙ୍କ ଆବଶ୍ୟକତା ଥିବା ବେଳେ ଅସ୍ଥିଶଲ୍ୟ ପାଇଁ ଜଣେ, ଶିଶୁରୋଗ ପାଇଁ ଜଣେ ଏବଂ ମେଡିସିନ୍ ସ୍ପେଶାଲିଷ୍ଟ ପାଇଁ ଜଣେ ଡାକ୍ତରଙ୍କ ଆବଶ୍ୟକତା ରହିଛି । ଏଥି ସହିତ ଜଣେ ମେଡିକାଲ ସୁପରିଣ୍ଟେଣ୍ଡେଣ୍ଟ ରହି ସମସ୍ତ କାର୍ଯ୍ୟର ତଦାରଖ କରିବା କଥା କିନ୍ତୁ ଏଠାରେ ଜଣେ ଏମ୍‌ବିବିଏସ୍ ଡାକ୍ତରଙ୍କୁ ଛାଡିଦେଲେ ଅନ୍ୟ ୨ଜଣ ଏମ୍‌ବିବିଏସ୍ ଡାକ୍ତରଙ୍କୁ ଡେପୁଟେସନରେ ଆଣି କାର୍ଯ୍ୟ କରାଯାଉଛି । ୨ ଜଣ ଡାକ୍ତର ସପ୍ତାହକୁ ଦୁଇଦିନ ଆସି ଏଠାରେ କାର୍ଯ୍ୟ କରିବେ ବାକି ଅନ୍ୟ ଦିନ ପ୍ରାଥମିକ ସ୍ୱାସ୍ଥ୍ୟକେନ୍ଦ୍ରରେ କାର୍ଯ୍ୟ କରିବେ ବୋଲି ନିର୍ଦ୍ଦେଶ ଦିଆଯାଇଛି ।




ଓଡ଼ଗାଁ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରର ବିକଳ ଚିତ୍ର ଏବେ ସାମ୍ନାକୁ ଆସିବା ପରେ ଅଞ୍ଚଳବାସୀ ନେତା, ପ୍ରଶାସନକୁ ଦାୟୀ କରିଛନ୍ତି । କିଛି ବୁଦ୍ଧିଜୀବୀଙ୍କ କହିବା କଥା ଲୋକଙ୍କ ଆବଶ୍ୟକତା ଅନୁଯାୟୀ ଡାକ୍ତରଙ୍କୁ ନିଯୁକ୍ତି କରିବା ଦାୟିତ୍ୱ ନେତା, ପ୍ରଶାସନର ରହିଛି । କିନ୍ତୁ ଏଥିପ୍ରତି କାହାରି ଆନ୍ତରିକତା ନାହିଁ । ଯାହା ଫଳରେ ଗରିବ ଶ୍ରେଣୀର ଅସହାୟ ରୋଗୀଟିଏ ଆସି ଏଠାରୁ ନିରାଶ ହୋଇ ଫେରିବାକୁ ବାଧ ହେଉଛି । କେବେ ରାଜ୍ୟ ସରକାର ଓ ନେତାମାନଙ୍କ ଏହି ସ୍ୱାସ୍ଥ୍ୟକେନ୍ଦ୍ର ଉପରେ ଦୃଷ୍ଟି ପଡିବ ଓଡ଼ଗାଁ ଅଞ୍ଚଳବାସୀ ସ୍ୱାସ୍ଥ୍ୟକେନ୍ଦ୍ରର ସୁବିଧା ପାଇବେ କି ଏମିତି ବର୍ଷ ବର୍ଷ ଧରି ଲୋକଙ୍କୁ ଅନ୍ଧାରରେ ରଖାଯିବ ତାହା ଦେଖିବାକୁ ବାକି ରହିଲା ।

# ହାତୀଙ୍କ କରିଡ଼ର ପାଲଟିଛି ଗୁଣପୁର ବନାଞ୍ଚଳ: ଫସଲ ନଷ୍ଟ ହେବା ଆଶଙ୍କାରେ ଭୟଭୀତ ଚାଷୀ

ଗୁଣପୁର ,୨୬/୧୦ (ନି.ପ୍ର): ରାୟଗଡ଼ା ଜିଲ୍ଲାର ଗୁଣପୁର ବନାଞ୍ଚଳ ବଣୁଆ ହାତୀଙ୍କ କରିଡ଼ର ପାଲଟିଛି । ଗଜପତି ଜିଲ୍ଲାର ଲଖାଡ଼ି ଜଙ୍ଗଲରୁ ଆସିଥିବା ୬ଜଣିଆ ହାତୀପଲ ପ୍ରାୟ ୧ ବର୍ଷ ହେଲା ଗୁଣପୁର ବନାଞ୍ଚଳରେ ଚଳପ୍ରଚଳ କରୁଛନ୍ତି । ଗତ ଦିନରେ ଏହି ହାତୀପଲ ଆକ୍ରମଣରେ ଗୁଣପୁର ଅଞ୍ଚଳର ଦୁଇ ଜଣଙ୍କ ମୃତ୍ୟୁ ଘଟିଛି । ଏଥିସହ ହାତୀପଲ ଅନେକ ଘର, ଫସଲ ନଷ୍ଟ କରି ସାରିଲେଣି । ପ୍ରାୟ ୧ବର୍ଷ ହେଲା ଗୁଣପୁର ବ୍ଲକର ବିଭିନ୍ନ ଅଞ୍ଚଳରେ ଏହି ହାତୀ ପଲ ଆତଙ୍କ ଖେଳାଇଥିବା ବେଳେ ଏମାନଙ୍କୁ ଘଉଡ଼ାଇବାରେ ସ୍ଥାନୀୟ ବନ ବିଭାଗ ନାକେଦମ ହେଲାଣି । କିନ୍ତୁ ଏହି ହାତୀପଲକୁ ସେମାନଙ୍କ ପୂର୍ବ ସ୍ଥାନକୁ ପଠାଇବା ଦିଗରେ ବନ ବିଭାଗ ଉଚ୍ଚ କର୍ତୃପକ୍ଷ ଓ ଜିଲ୍ଲା ପ୍ରଶାସନ ଦୃଷ୍ଟି ଦେଉ ନଥିବା ଅଞ୍ଚଳବାସୀ ଅଭିଯୋଗ କରିବା ସହିତ ଶୀଘ୍ର ଏଦିଗରେ ଦୃଷ୍ଟି ଦେବାକୁ ଦାବି ହୋଇଛି । ଗତ ଦୁଇ ସପ୍ତାହ ହେଲା ଗୁଣପୁର ଉପକଣ୍ଠରେ ଏହି ହାତୀପଲ ଚଳପ୍ରଚଳ କରୁଥିବା ବେଳେ ଏହି ସମୟ ମଧ୍ୟରେ କୌଣସି କ୍ଷୟକ୍ଷତି କରିନଥିବା ଜଣା ପଡ଼ିଛି । ଗୁଣପୁର ସହର ଠାରୁ ୨କିମି ଦୂରରେ ଥିବା ଶେଫାଳି ପାହାଡ଼ ନିକଟରେ ଏହି ହାତୀପଲ ଅବାଧରେ ବିଚରଣ କରୁଛନ୍ତି । ସତେ ଯେଭଳି ସେମାନଙ୍କ ନିମନ୍ତେ ଏହି ଅଞ୍ଚଳ ଆଭୟାରଣ୍ୟ ପାଲଟି ଯାଇଛି । ଗତ ବୁଧବାର ଠାରୁ ଉକ୍ତ ୬ଜଣିଆ ହାତୀପଲ ସହର ନିକଟସ୍ଥ ଶେଫାଳି ପାହାଡ଼, ହାଉସିଂ ବୋର୍ଡ ଏବଂ ଶବର ବିହାର ଅଞ୍ଚଳରେ ଚଳପ୍ରଳଚ କରୁଥିବା ଦେଖିବାକୁ ମିଳୁଛି । ପାହାଡ଼ ନିକଟସ୍ଥ ଜଙ୍ଗଲରୁ ଗଛ ଡାଳ ଖାଇବା ସହିତ ପୋଖରୀ ଗୁଡ଼ିକରେ ଜଳକ୍ରୀଡ଼ା କରୁଛନ୍ତି । ବର୍ତମାନ ସୁଦ୍ଧା ଏହି ହାତୀପଲ ଏହି ସବୁ ଅଞ୍ଚଳର ଫସଲ ନଷ୍ଟ କରି ନାହାନ୍ତି । କିନ୍ତୁ ଆଉ କିଛି ଦିନ ପରେ ଜମି ଗୁଡ଼ିକରେ ଧାନ, ଝୁଡଙ୍ଗ, କାନ୍ଦୁଲ ଆଦି ଫସଲ ଅମଳ ହେବାକୁ ଥିବା ହାତୀପଲ ଫସଲ ନଷ୍ଟ କରିବା ନେଇ ଚାଷୀ ଆଶଙ୍କା ଓ ଭୟଭୀତ ଅବସ୍ଥାରେ ରହିଛନ୍ତି ।



ଏପରିକି ହାତୀ ଭୟରେ ଚାଷୀମାନେ ନିଜ ଜମିକୁ ଯିବା ପାଇଁ ଭୟ କରୁଥିବା ବେଳେ ବନ୍ୟଜାତ ଦ୍ରବ୍ୟ ବିକ୍ରି ପରିବାର ପ୍ରତିପୋଷଣ କରୁଥିବା ଲୋକେ ଜଙ୍ଗଲକୁ ଯିବା ପାଇଁ ସାହସ କରିପାରୁନାହାନ୍ତି । ଏହି ହାତୀପଲ ଯେଭଳି ସହର ଭିତରକୁ ଚାଲି ନ ଆସନ୍ତି ସେଥିପ୍ରତି ସ୍ଥାନୀୟ ବିଭାଗ ବେଶ୍ ସଜାଗ ରହିଛି । ସ୍ଥାନୀୟ ରେଞ୍ଜର ନୀଳମାଧବ ପାଢ଼ୀଙ୍କ ନେତୃତ୍ୱରେ ୩୦ଜଣିଆ ସ୍ଥାୟୀ ଓ ଅସ୍ଥାୟୀ ବନ କର୍ମଚାରୀ ଦିନରାତି ହାତୀପଲକୁ ଜଗି ରହିବା ସହିତ ସେମାନଙ୍କ ଗତିବିଧି ଉପରେ ତୀକ୍ଷ୍ଣ ନଜର ରଖିଛନ୍ତି । ଗତ ୪ଦିନ ହେଲା ଏହି ହାତୀପଲ ହାଉସିଂ ବୋର୍ଡ କଲୋନି ଅଞ୍ଚଳରେ ନିର୍ଭୟରେ ଚଳପ୍ରଚଳ କରୁଥିବାରୁ ସହରବାସୀ ଭୟଭୀତ ଅବସ୍ଥାରେ ରହିଛନ୍ତି ।

# ବୁଲାକୁକୁରୁ ଓ ଗାଈଗୋରୁଙ୍କ ଯୋଗୁଁ ରାଜପଥରେ ବଢୁଛି ଦୁର୍ଘଟଣା: ଅକାଳରେ ଯାଉଛି ନିରୀହ ଜୀବନ

ନିରାକାରପୁର ,୨୬/୧୦ (ନି.ପ୍ର): ୧୬ ନମ୍ବର ଜାତୀୟ ରାଜପଥ ହେଉ ଅବା ନୂଆଜଗନ୍ନାଥ ସଡ଼କ କିମ୍ବା ଗାଁ ଗହଳି ରାସ୍ତା ସବୁଠି ଏବେ ବିପଦ ସାଜୁଛନ୍ତି ବୁଲା ଗାଇଗୋରୁ ସାଙ୍ଗକୁ ବୁଲା କୁକୁର । ଏମାନଙ୍କ ସଂଖ୍ୟା ଏତେ ପରିମାଣରେ ବଢିଯାଇଛି ଯେ, ସକାଳେ ହେଉ ଅବା ରାତିରେ ଛକବଜାର ରାସ୍ତାକୁ ଏମାନେ ଏକରକମ ଜବରଦଖଲରେ ରଖୁଛନ୍ତି । ଫଳରେ ଏଥିପାଇଁ ଦୈନିକ ଛୋଟବଡ଼ ଦୁର୍ଘଟଣାମାନ ଘଟୁଛି । ବିଶେଷକରି ଦୁଇଚକିଆ ଯାତ୍ରୀମାନେ ବହୁ ସମୟରେ ଦୁର୍ଘଟଣାର ଶିକାର ହେଉଛନ୍ତି । ଅନେକ ସମୟରେ ଆକସ୍ମିକ ଦୁର୍ଘଟଣା ଯୋଗୁଁ ଅକାଳରେ ନିରୀହ ଜୀବନ ଝଡ଼ିପଡୁଥିବାବେଳେ ଅନେକ ସବୁଦିନ ପାଇଁ ନିଜର ଅଙ୍ଗପ୍ରତ୍ୟଙ୍ଗ ହରାଇ ବସୁଛନ୍ତି ।

ସୂଚନା ଯୋଗ୍ୟ ଯେ, ୧୬ନଂମ୍ବର ଜାତୀୟ ରାଜପଥର ମଳିପଡ଼ା, ଗୋଡିପଡ଼ା, ଜଙ୍କିଆ, ରାମେଶ୍ୱର, ବଡପୋଖରୀଆ ଓ ଅନୁରୂପ ଭାବରେ ନୂଆଜଗନ୍ନାଥ ସଡ଼କର ରାମେଶ୍ୱର, ପଦ୍ମପୁର, କଲେଜ ଛକ, ଥାନା ଛକ, ମେଡିକାଲ ଛକ, ଶ୍ରୀରାମ ବଜାର , ନିରାକାରପୁର ବଡବଜାର, ଗେଟ୍ ବଜାର, ଷ୍ଟେସନ ରୋଡ ଆଦି ଛକରେ ଦୈନିକ ଶହଶହ ସଂଖ୍ୟାରେ ବୁଲା ଗାଇଗୋରୁ ଓ କୁକୁର ବୁଲୁଛନ୍ତି । ଏହି ଗାଈଗୋରୁ ଗୁଡ଼ିକ ରାସ୍ତା ଉପରେ ଗୋଠହୋଇ ରହୁଛନ୍ତି । ଫଳରେ ଏମାନଙ୍କ ଯୋଗୁ ଟ୍ରାଫିକ୍ ସମସ୍ୟା ଦିନକୁ ଦିନ ବିଗିଡ଼ିବାରେ ଲାଗିଛି । ସବୁଠାରୁ ଗୁରୁତ୍ୱପୂର୍ଣ୍ଣ ହେଉଛି ଗୋରୁମାନଙ୍କ ମାଲିକମାନେ ଜାଣିଶୁଣି ରାସ୍ତା ଉପରକୁ ସେମାନଙ୍କୁ ଛାଡ଼ିଦେଉଛନ୍ତି । ଏଣୁ ଏଭଳି ମାଲିକଙ୍କ ବିରୋଧରେ କଠୋର କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାକୁ ସାଧାରଣରେ ଦାବି ହୋଇଛି ।

# ଚୁଟି ଷ୍ଟ୍ରେଟ୍ କରୁଥିଲେ ସାବଧାନ ହୋଇପାରେ କ୍ୟାନ୍ସର

**ଯୁବତୀ ଓ ମହିଳାମାନେ ଚୁଟି ଷ୍ଟ୍ରେଟ୍ କରିବା ବର୍ତ୍ତମାନ ଏକ ଅଭ୍ୟାସରେ ପରିଣତ ହେଲାଣି । ଛୋଟରୁ ବଡ, ଚୁଟି ଷ୍ଟ୍ରେଟ୍ କରିବା ସମସ୍ତଙ୍କ ପାଲଟିଗଲାଣି ସଉକ । ଘରେ ଘରେ କିଏ ନା କିଏ ନିଜ ଚୁଟି ସିଧା କରିବା ସହ ନୂଆ ଲୁକ୍ ଦେଉଛନ୍ତି । କହିବାକୁ ଗଲେ, ଷ୍ଟ୍ରେଟ୍ ଚୁଟି ସୌନ୍ଦର୍ଯ୍ୟକୁ ଦ୍ୱିଗୁଣିତ କରିଦିଏ । ସେଥିପାଇଁ ତ ଏହା ପଛରେ ଯୁବପୀଢି ପାଗଳ । ଆପଣ ବି ଚୁଟି ଷ୍ଟ୍ରେଟ୍ କରୁଛନ୍ତି କି ? ତେବେ ସାବଧାନ । ଏହାଦ୍ୱାରା ଆପଣଙ୍କୁ ହୋଇପାରେ କ୍ୟାନସର ।**



ପରମାନେଣ୍ଟ ହେୟାର ଷ୍ଟ୍ରେଟନିଙ୍ଗ ଅର୍ଥାତ୍ ସ୍ଥାୟୀ ଭାବରେ ଚୁଟି ସିଧା କରିବା ଆପଣଙ୍କୁ ଷ୍ଟାଇଲିସ ଲାଗିପାରେ ତେବେ ବାରମ୍ବାର ଏହା କରିବା ଦ୍ୱାରା ଚୁଟିକୁ କ୍ଷତି ମଧ ପହଁଚିଥାଏ । ଏପରିକି ଚୁଟି ଷ୍ଟ୍ରେଟ୍ କରିବା ବେଳେ ଯେଉଁ କେମିକାଲ ବ୍ୟବହାର କରାଯାଏ ତାହାଦ୍ୱାରା କ୍ୟାନସର ଆଶଙ୍କା ବଢିଥାଏ । ଏକ ଗବେଷଣାରୁ ଆମେରିକାର ବୈଜ୍ଞାନିକ ଦାବି କରିଛନ୍ତି ଯେ, ଚୁଟି ସିଧା କରିବାକୁ ବ୍ୟବହାର ହେଉଥିବା ରସାୟନ ପଦାର୍ଥ ଗର୍ଭାଶୟ କ୍ୟାନସର ଆଶଙ୍କାକୁ ବଢାଇଦିଏ । ବିଶ୍ୱରେ ପ୍ରତିବର୍ଷ ୫ ଲକ୍ଷ ମହିଳା ଗର୍ଭାଶୟ କ୍ୟାନସରରେ ପୀଡିତ ହୁଅନ୍ତି । ବିକାଶଶୀଳ ଦେଶମାନଙ୍କରେ ପ୍ରାୟ ୮୫ ପ୍ରତିଶତ ମହିଳାଙ୍କଠାରେ ଗର୍ଭାଶୟ କ୍ୟାନସରର ବିପଦ ରହିଛି । ଭାରତରେ ୩୦ରୁ ୫୯ ବର୍ଷ ବୟସ୍କ ମହିଳାଙ୍କ କ୍ଷେତ୍ରରେ ୩୬ ପ୍ରତିଶତଙ୍କ ଠାରେ ଏହି ବିପଦ ରହିଛି । ଗର୍ଭାଶୟ କ୍ୟାନସର ହେଲେ ମହିଳାଙ୍କ ପେଟରେ ପୀଡା, ପରିଶ୍ରାରେ ପୋଡାଜଳା, ଭୋକ ନଲାଗିବା, ଅନିୟମିତ ଋତୁସ୍ରାବ ଏବଂ ଓଜନ ହ୍ରାସ ପାଇବା ଭଳି ଲକ୍ଷଣ ଦେଖାଦେଇଥାଏ ।
ନାସନାଲ ଇନଷ୍ଟିଚ୍ୟୁଟ୍ ଅଫ୍ ହେଲଥ ପକ୍ଷରୁ କରାଯାଇଥିବା ଅଧୟନରେ ଆମେରିକାର ୩୩ ହଜାର ମହିଳାଙ୍କ ଉପରେ ୧୦ ବର୍ଷ ଧରି ନଜର ରଖାଯାଇଥିଲା । ଷ୍ଟଡିରେ ୩୫ରୁ ୭୪ ବର୍ଷୀୟ ମହିଳାଙ୍କୁ ସାମିଲ କରାଯାଇଥିଲା । ଗବେଷଣାରୁ ଜଣାପଡିଥିଲା ଯେ, ବର୍ଷକୁ ୪ ଥରରୁ ଅଧିକ ଚୁଟି ଷ୍ଟ୍ରେଟ୍ କରୁଥିବା ମହିଳାଙ୍କ କ୍ଷେତ୍ରରେ ଗର୍ଭାଶୟ କ୍ୟାନସରର ହାର ୪.୦୫ପ୍ରତିଶତ । ଅନ୍ୟ ମହିଳାଙ୍କ କ୍ଷେତ୍ରରେ ଏହା ୧.୬୪ପ୍ରତିଶତ । ଗବେଷଣା ଅନୁସାରେ, ହେୟାର ଷ୍ଟ୍ରେଟନିଙ୍ଗ କ୍ରିମରେ ଥିବା କେମିକାଲ ମସ୍ତିଷ୍କ ମାଧମରେ ରକ୍ତରେ ମିଶି ଗର୍ଭାଶୟକୁ ଯାଇଥାଏ । ଯାହା ପରବର୍ତ୍ତୀ ସମୟରେ ଗର୍ଭାଶୟ କ୍ୟାନସର କରାଇଥାଏ ।

# ଖଟାମିଠା ନଡ଼ିଆ ଗୋଟମା

**ଆବଶ୍ୟକ ସାମଗ୍ରୀ:** କୋରା ନଡ଼ିଆ, ଅରୁଆ ଚାଉଳ ବଟା, ଗୁଜରାତି ଗୁଣ୍ଡ, ପଞ୍ଚଫୁଟଣ, ତେଜପତ୍ର, ଶୁଖିଲା ଲଙ୍କା, ତେନ୍ତୁଳି ରସ, ଗୁଡ଼, କଞ୍ଚାଲଙ୍କା ଛେଚା, ଅଦା ଛେଚା, କାଜୁ, କିସ୍‌ମିସ୍, ରିଫାଇନ୍ ତେଲ ଓ ଲୁଣ ।



**ପ୍ରସ୍ତୁତି ପ୍ରଣାଳୀ:** ପ୍ରଥମେ ନଡ଼ିଆକୁ କୋରି ଏକ ପାତ୍ରରେ ରଖନ୍ତୁ । ଏହାପରେ ଭିଜାଇ ରଖିଥିବା ଅରୁଆ ଚାଉଳକୁ ବାଟି ଏକ ପାତ୍ରରେ ରଖନ୍ତୁ । ଅରୁଆ ଚାଉଳ ବଟାରେ ନଡ଼ିଆ କୋରା ଓ ଗୁଜରାତି ଗୁଣ୍ଡ ପକେଇ ଭଲଭାବେ ଗୋଳାଇ ଦିଅନ୍ତୁ । ଏହାକୁ ଭଲଭାବେ ଗୋଳେଇ ଦେବାପରେ ଗୋଲ ଗୋଲ କରି ଛୋଟ ଛୋଟ ଗୁଳା କରନ୍ତୁ । ମନେ ରଖନ୍ତୁ ଅରୁଆଚାଉଳ ବଟାଟି ଯେପରି ପାଣିଆ ହୋଇ ନଥିବ । କରେଇରେ ତେଲ ଗରମ କରନ୍ତୁ । ତେଲ ଗରମ ହୋଇଯିବା ପରେ ସେଥିରେ ପଞ୍ଚଫୁଟଣ, ତେଜପତ୍ର ଓ ଶୁଖିଲା ଲଙ୍କା ପକେଇ ଛୁଙ୍କ ପ୍ରସ୍ତୁତ କରନ୍ତୁ । ତା'ପରେ ସେଥିରେ ତେନ୍ତୁଳି ରସ ଓ ଅଳ୍ପ ପାଣି ଦେଇ ଦୁଇ ମିନିଟ୍ ପର୍ଯ୍ୟନ୍ତ ଫୁଟାନ୍ତୁ । ତେନ୍ତୁଳି ରସ ଫୁଟିବା ପରେ ସେଥିରେ ଗୁଡ଼ ମିଶେଇ ପାଗ ପ୍ରସ୍ତୁତ କରନ୍ତୁ । ସେଇ ପାଗରେ କଞ୍ଚାଲଙ୍କା ଛେଚା, ଅଦା ଛେଚା ଓ ସ୍ୱାଦ ଅନୁସାରେ ଲୁଣ ପକେଇ ଗୋଳାଇ ଦିଅନ୍ତୁ । ଏହାପରେ ପୂର୍ବରୁ ପ୍ରସ୍ତୁତ ହୋଇଥିବା ଗୋଲ ଗୋଲ ନଡ଼ିଆ କୋରାକୁ ପକେଇ ୨ ମିନିଟ୍ ପର୍ଯ୍ୟନ୍ତ ଫୁଟାନ୍ତୁ । ଶେଷରେ ଭଜା କାଜୁ ଓ ଖିସମିସ୍ ପକେଇ ଏକ ପାତ୍ରକୁ କାଢ଼ି ଦିଅନ୍ତୁ । ପ୍ରସ୍ତୁତ ହୋଇଗଲା ଖଟାମିଠା ନଡ଼ିଆ ଗୋଟମା ।

# ଡିପ୍ରେସନ ବଢ଼ାଇପାରେ ସୋସିଆଲ ମିଡିଆ !

ସୋସିଆଲ ମିଡିଆର ବହୁଳ ମାତ୍ରାରେ ବ୍ୟବହାର ଏବେ ମାନସିକ ସ୍ତରରେ କୁପ୍ରଭାବ ପକାଉଛି । ଜର୍ଣ୍ଣାଲ୍ ଅଫ୍ ଇଫେକ୍ଟିଭ୍ ଡିସଅର୍ଡର୍ସ ରିପୋର୍ଟରେ ପ୍ରକାଶିତ ଏକ ଅଧୟନ ଅନୁଯାୟୀ, ସୋସିଆଲ ମିଡିଆକୁ ଅଧିକ ବ୍ୟବହାର କରୁଥିବା ଯୁବପିଢିମାନେ ଛଅ ମାସ ମଧ୍ୟରେ ଡିପ୍ରେସନ ବା ଅବସାଦର ଶିକାର ହୋଇପାରନ୍ତି । ଯେଉଁମାନେ ସୋସିଆଲ ମିଡିଆକୁ ଦିନକୁ ୩୦୦ ମିନିଟରୁ ଅଧିକ ସମୟ ବ୍ୟବହାର କରନ୍ତି, ସେମାନେ ଦୁଇଗୁଣ ଅବସାଦଗ୍ରସ୍ତ ହେବାର ସମ୍ଭାବନା ରହୁଛି । ଆହୁରି ମଧ, ସୋସିଆଲ୍ ମିଡିଆ ବ୍ୟବହାର କରୁ ନଥିବା ଲୋକ ଏହାର ଅଧିକ ଉପଯୋଗ କରୁଥିବା ଲୋକଙ୍କ ତୁଳନାରେ ୪୯ ପ୍ରତିଶତ କମ୍ ଉଦାସୀନ ହେବା ଦେଖାଯାଉଛି ।

ଓରେଗନ୍ ଷ୍ଟେଟ୍ ୟୁନିଭର୍ସିଟିର ଜନସ୍ୱାସ୍ଥ୍ୟ ଏବଂ ମାନବ ବିଜ୍ଞାନର ଡିନ୍ ବ୍ରିଆନ୍ ପ୍ରାଇମେକଙ୍କ ସହଯୋଗରେ ୧୮ରୁ ୩୦ ବର୍ଷ ବୟସ୍କ ଯୁବକଙ୍କୁ ନେଇ ଏହି ଗବେଷଣା କରାଯାଇଥିଲା । ଆମେରିକାରେ ଉପରୋକ୍ତ ଶ୍ରେଣୀର ୧୦୦୦ ଯୁବକଙ୍କୁ ପ୍ରଶ୍ନ କରାଯାଇଥିଲା ଯେ, ସେମାନେ ଦିନରେ କେତେ ସମୟ ସୋସିଆଲ ମିଡିଆ ବ୍ୟବହାର କରୁଛନ୍ତି । ଏଥିସହ, ବିଗ୍ ଫାଇଭ୍ ଇନଭେଣ୍ଟୋରୀ ବ୍ୟବହାର କରି ସେମାନଙ୍କର ବ୍ୟକ୍ତିତ୍ୱ ମପାଯାଇଥିଲା । ଯେଉଁଥିରୁ ଖୋଲାପଣ, ସ୍ୱଳ୍ପ ଖର୍ଚ୍ଚ, ସହମତି ଏବଂ ସାଇକୋପାଥିର ଆକଳନ କରାଯାଇଥିଲା ।

ବ୍ରିଟେନର ଜଣେ ୧୪ ବର୍ଷର ଝିଅ ରସେଲଙ୍କ ଆତ୍ମହତ୍ୟା ପାଇଁ ମଧ ସୋସିଆଲ ମିଡିଆ ଦାୟୀ ବୋଲି କୁହାଯାଇଥିଲା । ଆତ୍ମହତ୍ୟାର ଛଅ ମାସ ପୂର୍ବରୁ ଏହି ବାଳିକା ଆତ୍ମହତ୍ୟା ଓ ଉଦାସୀନତା ସମ୍ବନ୍ଧୀୟ ୨୧୦୦ ପୋଷ୍ଟ ଦେଖିଥିବା ଜଣାପଡ଼ିଥିଲା । ଆମେରିକାରେ ମଧ ୧୦ରୁ ୧୪ ବର୍ଷ ବୟସର ପିଲାମାନଙ୍କର ମୃତ୍ୟୁର ଦ୍ୱିତୀୟ ପ୍ରମୁଖ କାରଣ ହେଉଛି ଏହି ସୋସିଆଲ ମିଡିଆ ।



# ତମାଖୁ ସେବନ ପାଇଁ ଦୁର୍ବଳ ହେଉଛି ହାଡ

ତମାଖୁ ଖାଇବା ସ୍ୱାସ୍ଥ୍ୟପ୍ରତି ହାନିକାରକ ବୋଲି ସମସ୍ତେ ଜାଣନ୍ତି । ଏହାକୁ ଖାଇବା ଦ୍ୱାରା ଲୋକମାନେ ଭୀଷଣ କର୍କଟ ରୋଗରେ ପଡୁଛନ୍ତି । ଯାହାର ଚିକତ୍ସା ବ୍ୟୟବହୁଳ । ତେବେ ଡାକ୍ତରୀ ବିଶେଷଜ୍ଞଙ୍କ ଅନୁଯାୟୀ, ଦୀର୍ଘ ସମୟ ଧରି ତମାଖୁ ସେବନ କରିବା ଦ୍ୱାରା ଯାହା ହାଡର ରକ୍ଷଣାବେକ୍ଷଣ ଏବଂ ହାଡ ଦୁର୍ବଳ ହୋଇଯାଏ । ଏଭଳି ପରିସ୍ଥିତିରେ ୪୦ ବର୍ଷରୁ ଅଧିକ ବୟସ୍କ ଲୋକମାନେ ପ୍ରଭାବିତ ହୁଅନ୍ତି । କିଙ୍ଗ ଜର୍ଜଙ୍କ ମେଡିକାଲ ୟୁନିଭରସିଟି (କେଜିଏମୟୁ) ର ଅର୍ଥୋପେଡିକ୍ ବିଭାଗର ବରିଷ୍ଠ ଅଧ୍ୟାପକ ପ୍ରଫେସର ଶାହା ୱାଲିହୁଲା କହିଛନ୍ତି, 'ଅସ୍ଥିରେ ଦୁଇ ପ୍ରକାରର କୋଷ ଅଛି ଯାହାକୁ ଅଷ୍ଟିଓକ୍ଲାଷ୍ଟ ଏବଂ ଅଷ୍ଟିଓବ୍ଲାଷ୍ଟ କୁହାଯାଏ । ହାଡ ତିଆରି ଏବଂ ଭାଙ୍ଗିବା ପାଇଁ ସେମାନେ ଦାୟୀ ଅଟନ୍ତି । ଯାହା ଦ୍ୱାରା ସେଗୁଡିକ ପୁନଃନିର୍ମାଣ କରାଯାଇପାରିବ । ଯେତେବେଳେ ଅଷ୍ଟିଓବ୍ଲାଷ୍ଟଗୁଡିକ ପୂର୍ବ ଦ୍ୱାରା ଭାଙ୍ଗିଯିବା ପରେ ନୂତନ ହାଡ ସୃଷ୍ଟି କରେ ଏବଂ ଏହି ପଦ୍ଧତି କ୍ରମାଗତ ଭାବରେ ଚାଲିଥାଏ ।' ଅବଶ୍ୟ, ଏହା ଦେଖାଯାଏ ଯେ ଯେଉଁମାନେ ଦୀର୍ଘ ସମୟ ପର୍ଯ୍ୟନ୍ତ ତମାଖୁ ସେବନ କରନ୍ତି, ଧୂମପାନ କିମ୍ବା ଚୁଇଙ୍ଗ ଆକାରରେ ହେଉ, ଅଷ୍ଟିଓବ୍ଲାସ୍ଟ ହ୍ରାସ ହେବାବେଳେ ଅଷ୍ଟିଓକ୍ଲାଷ୍ଟର ସଂଖ୍ୟା ବଢିଯାଏ । ପରିଶେଷରେ, ଏହା ଅଷ୍ଟିଓପୋରୋସିସ୍ ସୃଷ୍ଟି କରେ କାରଣ ହାଡର ଘନତା କମିଯାଏ । କେଜିଏମୟୁରେ ଥିବା ଅନ୍ୟ ଜଣେ ଅର୍ଥୋପେଡିକ୍ ସର୍ଜନ ଡ. ମୟଙ୍କ ମହିନ୍ଦ୍ରା କହିଛନ୍ତି, 'ଆମେ ମଧ୍ୟବିତ ରୋଗୀଙ୍କ ମଧ୍ୟରେ ଏହି ତମାଖୁ ଦ୍ୱାର ଉତ୍ପନ୍ନ ଅଷ୍ଟିଓପୋରୋସିସ୍ ଦେଖୁ ।

# ନିଜଠୁ ଅଧିକ ବୟସ ବ୍ୟକ୍ତିଙ୍କୁ ବିବାହ କଲେ ମିଳିଥାଏ ୪ ପ୍ରକାର ଫାଇଦା

**କୁହାଯାଏ ଯେ ବୟ ହେଉଛି ଏକ କେବଳ ଏକ ସଂଖ୍ୟା । ଜଣେ ବୟସ୍କଙ୍କୁ ବିବାହ କଲେ ଜି ଆପଣଙ୍କଠାରୁ ୧୦ରୁ ୧୫ ବର୍ଷ ଅଧିକ ବୟସ୍କ ଏହା ସାମାନ୍ୟ ଆଶ୍ଚର୍ଯ୍ୟକର ହୋଇପାରେ, କିନ୍ତୁ ଏହା ଆଦୌ ଭୁଲ ନିଷ୍ପତି ନୁହେଁ । କାରଣ ତାଙ୍କ ଜୀବନ ସେମାନଙ୍କର ନିୟନ୍ତ୍ରଣରେ ଥାଏ । ସେମାନେ ସଫଳ ମଧ, ଖୋଲା ମନ ଏବଂ ସ୍ଥିର ଅଟନ୍ତି । ଜଣେ ବୟସ୍କ ବ୍ୟକ୍ତିଙ୍କୁ ବିବାହ କରିବା ତାଙ୍କର ସୁବିଧାଗୁଡ଼ିକର ଅଂଶ ମଧ ଆପଣ ହୋଇପାରନ୍ତି ।**

**ଏହି ପ୍ରକାର କମ୍ବିନେସନ୍ ଭଲ ବୈବାହିକ ସମ୍ପର୍କର ଲକ୍ଷଣ । ଆଜି ଆମେ ଆପଣଙ୍କୁ ଏହାର ଫାଇଦା ସମ୍ପର୍କରେ ପ୍ରକାଶ କରୁଛୁ ।**

- **ଇନ୍‌ସିକ୍ୟୁରିଟି ହୁଏନି:** କମ୍ ବୟସର ଯୁବକଙ୍କଠାରେ ଅନେକ ସମୟରେ ନିଜ ପରିଚୟ, ପ୍ରତିଷ୍ଠା ସହ ଯୁବତୀଙ୍କୁ ନେଇ ଇନ୍‌ସିକ୍ୟୁରିଟି ରହିଥାଏ । ଅନେକ କ୍ଷେତ୍ରରେ ସେମାନେ ଅଧିକ ମାଚ୍ୟୁଅର ହୋଇ ନଥାନ୍ତି । ଫଳରେ ସେମାନେ ଅଧିକାଂଶ ସମୟରେ ନିଜ ମହିଳା ପାର୍ଟନରଙ୍କ ଉପରେ ସନ୍ଦେହ ମଧ କରିଥାନ୍ତି । କିନ୍ତୁ ଯୁବତୀଙ୍କଠାରୁ ଅଧିକ ବୟସର ପୁରୁଷଙ୍କଠାରେ ପ୍ରାୟତଃ ଏପରି ସମସ୍ୟା ଦେଖାଯାଇ ନଥାଏ । ସେମାନେ ଅନେକ ବୁଦ୍ଧିମାନର ସହ ସବୁ କାମ କରିଥାନ୍ତି ।
- **ଝଗଡ଼ା କମ୍ ହୁଏ ଏବଂ ମାଚ୍ୟୁରିଟି ଅଧିକ ଦେଖାନ୍ତି:** ଅଧିକ ବୟସର ପୁରୁଷ କମ୍ ବୟସର ଯୁବତୀଙ୍କ ତୁଳନାରେ ଅଧିକ ମାଚ୍ୟୁଅର । ସେ ନିଜ ଲାଇଫ୍ ପାର୍ଟନରଙ୍କ ସମସ୍ତ ପସନ୍ଦ ନାପସନ୍ଦ ଭଲ ଭାବେ ବୁଝିଥାନ୍ତି । ନିଜ ସହଧର୍ମୀଣିଙ୍କ ଛୋଟ ଛୋଟ ଭୁଲ୍‌କୁ ନେଇ ଅଧିକ କ୍ରୋଧିତ ହୋଇ ନଥାନ୍ତି । ଏହାଫଳରେ ପରସ୍ପର ମଧ୍ୟରେ ଝଗଡ଼ା ମଧ କମ୍ ହୋଇଥାଏ ।
- **ଚେହେରା ଅଧିକ ପ୍ରଭାବ ପକାଇ ନଥାଏ:** ଅଧିକ ବୟସର ପୁରୁଷ ନିଜ ସହଧର୍ମୀଣିଙ୍କ ଚେହେରାକୁ ନେଇ ଅଧିକ ଚିନ୍ତା କରନ୍ତି ନାହିଁ, ଅନେକ କ୍ଷେତ୍ରରେ ସେମାନେ ହୃଦୟର ସହ ଭଲ ପାଇଥାନ୍ତି ଏବଂ ନିଜ ପାର୍ଟନରଙ୍କ ବ୍ୟବହାର ଓ ଅଣ୍ଡରଷ୍ଟାଣ୍ଡିଂକୁ ଅନୁଧ୍ୟାନ କରିଥାନ୍ତି । କିନ୍ତୁ କମ୍ ବୟସର ଯୁବକ ନିଜ ସହଧର୍ମୀଣିଙ୍କ ଚେହେରା ପ୍ରତି ଆକର୍ଷିତ ହୋଇଥାନ୍ତି ।
- **ଟଙ୍କା ମ୍ୟାନେଜମେଣ୍ଟ:** ଘରର ଆର୍ଥୀକ ସ୍ଥିତିକୁ କିପରି ସ୍ଥିତର ରଖାଯିବ ତାହା ବୟସରେ ବଡ଼ ସ୍ୱାମୀ ଠିକ୍ ଭାବେ ବୁଝିପାରନ୍ତି । ଅନେକ କ୍ଷେତ୍ରରେ ସେମାନେ ଅଧିକ ଖର୍ଚ୍ଚାନ୍ତ ସ୍ୱାଭାବର ହୋଇ ନଥାନ୍ତି । ସେମାନଙ୍କୁ ଟଙ୍କାର ଆବଶ୍ୟକତା ସମ୍ପର୍କରେ ଠିକ୍ ଭାବେ ଜ୍ଞାନ ଥାଏ । ଫଳରେ ସେମାନେ ଟଙ୍କାର ଠିକ୍ ଭାବେ ମ୍ୟାନେଜମେଣ୍ଟ କରିପାରିଥାନ୍ତି । ସେମାନେ ଅଧିକାଂଶ ସମୟରେ ଆଜେବାଜେ ଖର୍ଚ୍ଚ କରି ନଥାନ୍ତି । ଅନେକ କ୍ଷେତ୍ରରେ କମ୍ ବୟସର ପୁରୁଷ ଅଧିକ ଖର୍ଚ୍ଚ କରିବା ଫଳରେ ଘରର ଆର୍ଥୀକ ସ୍ଥିତି ଖରାପ ହୋଇଥାଏ ।



# ୫ ଘଣ୍ଟାରୁ କମ୍ ଶୋଉଥିବା ଲୋକମାନଙ୍କଠାରେ ବଢିଯାଏ ଏହି ରୋଗର ଆଶଙ୍କା

ନିକଟରେ ପ୍ରକାଶିତ ଏକ ଅଧୟନରୁ ଜଣାପଡିଛି ଯେ ଯେଉଁ ଲୋକମାନେ ରାତିରେ ପାଞ୍ଚ ଘଣ୍ଟାରୁ କମ୍ ଶୋଇଥା'ନ୍ତି, ସେମାନେ ଅନେକ ପ୍ରକାର ରୋଗର ଆଶଙ୍କା ରହିଥା'ନ୍ତି । ଏହି ରିପୋର୍ଟ ଅନୁଯାୟୀ, ୫୦ ବର୍ଷରୁ ଅଧିକ ବୟସ୍କ ବ୍ୟକ୍ତି ଯେଉଁମାନେ ରାତିରେ ପାଞ୍ଚ ଘଣ୍ଟା କିମ୍ବା ତା'ଠାରୁ କମ୍ ଶୋଇଥା'ନ୍ତି, ସେମାନେ ଅନେକ ପ୍ରକାର ମାରାତ୍ମକ ରୋଗ ହେବାର ଆଶଙ୍କା ଅଧିକ ଥାଏ । ଏହି ରିପୋର୍ଟରୁ ଏହା ମଧ ଜଣା ପଡିଛି ଯେ, ରାତିରେ ବିଶ୍ରାମ ନେଉଥିବା ଲୋକଙ୍କ ଅପେକ୍ଷା ସେମାନେ ଦୁର୍ବଳ ହୋଇପାରନ୍ତି । ତେବେ ପୂର୍ବରୁ କୌଣସି ରୋଗରେ ପୀଡିତ ଲୋକଙ୍କ ପାଇଁ ଲମ୍ବା ସମୟ ଧରି ଶୋଇବା ବିପଦପୂର୍ଣ୍ଣ ଅଟେ । ଏହି ଅନୁସନ୍ଧାନରେ କମ ସମୟ ନିଦ୍ରାର ଅବଧି ବ୍ୟତୀତ, ଗବେଷକମାନେ ଅଧିକ ସମୟ ଶୋଇବା ସମୟ ଏବଂ ସ୍ୱାସ୍ଥ୍ୟ ଫଳାଫଳ ମଧ୍ୟରେ ସମ୍ପର୍କ ଖୋଜିବାକୁ ଚେଷ୍ଟା କରିଥିଲେ । ଯେଉଁମାନଙ୍କ ଶୋଇବା ୫୦ ବର୍ଷ ବୟସରେ ଟ୍ରାକ୍ କରାଯାଇଥିଲା, ଯେଉଁମାନେ ରାତିରେ ପାଞ୍ଚ ଘଣ୍ଟା କିମ୍ବା ତା'ଠାରୁ କମ୍ ଶୋଇଥିଲେ, ସେମାନେ ରାତିରେ ଅତି କମରେ ସାତ ଘଣ୍ଟା ଶୋଇଥିବା ଲୋକଙ୍କ ଅପେକ୍ଷା ୩୦ ପ୍ରତିଶତ ବିଭିନ୍ନ ରୋଗର ସମ୍ମୁଖୀନ ହୋଇଥିଲେ । ୬୦ବର୍ଷ ବୟସରେ ଏହା ୩୨ ପ୍ରତିଶତକୁ ବୃଦ୍ଧି ହୋଇଥିବା ବେଳେ ୭୦ ରେ ଏହା ୪୦ ପ୍ରତିଶତ ଅଧିକ ବିପଦ ବଢ଼ାଇଥିଲେ । ଅଧିକ ବିପଦ ଥିବା ରୋଗରେ ମଧୁମେହ, କର୍କଟ, କରୋନାରି ହୃଦ୍ ସମସ୍ୟା, ଷ୍ଟ୍ରୋକ୍, ହାର୍ଟ ଷ୍ଟ୍ରୋକ୍, ଫୁସଫୁସ ରୋଗ, ବୃକକ୍ ରୋଗ, ଯକୃତ ରୋଗ, ଉଦାସୀନତା, ଡିମେନ୍ସିଆ, ମାନସିକ ବିକୃତି, ପାର୍କିନ୍ସନ୍ ଏବଂ ଆର୍ଥ୍ରାଇଟିସ୍ ଭଳି ରୋଗ ଥିଲା ।



ଧ୍ୱନି ପ୍ରତିଧ୍ୱନି
୪
ବାଲେଶ୍ୱର
୨୬ ଅକ୍ଟୋବର ୨୦୨୨, ବୁଧବାର

## ଅମୃତ ବଚନ

ନିଜର ଦୁର୍ବଳତା ବିଷୟରେ ଭାବନା କରିବା ଦୁର୍ବଳତାର ପ୍ରତିଷେଧକ ନୁହେଁ। ଶକ୍ତିର ଭାବନା କରିବା ହେଉଛି ତାର ପ୍ରତିଷେଧକ। ନିଜ ମଧ୍ୟରେ ଶକ୍ତି ସର୍ବଦା ପ୍ରସ୍ତୁତ ହୋଇ ରହିଛି ବୋଲି ମାନବକୁ ଶିକ୍ଷା ଦିଅ।

## ଅଚ୍ଛେ ଦିନ୍ ଅଭିମୁଖେ...

ଯେ କୌଣସି ଦେଶ ପାଇଁ ବେକାରୀ ସମସ୍ୟା, ବିଶେଷକରି ଶିକ୍ଷିତ ବେକାର ସମସ୍ୟା ଏକ ଗୁରୁତର ଚିନ୍ତାର ବିଷୟ। କାରଣ- ଏହା କେବଳ ସମ୍ପୃକ୍ତ ଯୁବ ବର୍ଗ ବା ବ୍ୟକ୍ତିବିଶେଷ ପାଇଁ ଆର୍ଥିକ ଓ ମାନସିକ ଚିନ୍ତା ଆଣି ଦେଇନଥାଏ; ପରିବାର, ରାଜ୍ୟ ଏବଂ ଦେଶ ଉପରେ ସାମଗ୍ରିକ ଭାବରେ ଏକ ବୋଝ ଲଦି ଦେଇଥାଏ। ଆଉ ସବୁଠୁ ଖରାପ ପରିଣତି ବହନକରି ଆଣିଥାଏ ଯେତେବେଳେ ଏହା ସାମାଜିକ ସମସ୍ୟାର କାରଣ ପାଲଟିଯାଏ। ତେଣୁ ବେକାରୀ ଦୂର କରିବା ସବୁ ସରକାରଙ୍କର ପ୍ରଥମିକ ଲକ୍ଷ୍ୟ ହେବା ବିଧେୟ, ବିଶେଷକରି ଭାରତବର୍ଷରେ, ଯେହେତୁ ଭାରତ ଏବେ ଏକ ଯୁବ ବର୍ଗଙ୍କ ଦେଶ ଭାବରେ ବିବେଚିତ ହେଉଛି ଏବଂ ଏଠାକାର କର୍ମଶକ୍ତି ଅନ୍ୟ ଦେଶମାନଙ୍କ ତୁଳନାରେ ଢ଼େର ଉପରେ ଅଛି। ଚଳିତବର୍ଷ ଫେବୃଆରୀ ମାସରେ ସରକାର ରାଜ୍ୟସଭାରେ ପ୍ରକାଶ କରିଥିଲେ ଯେ ୨୦୨୦ ମାର୍ଚ୍ଚ ୧ ତାରିଖ ସୁଦ୍ଧା କେନ୍ଦ୍ର ସରକାରଙ୍କ ବିଭିନ୍ନ ବିଭାଗରେ ୮୭୨,୦୦୦ ପଦ ଖାଲି ପଡ଼ିଥିଲା। ଏହା ପୂର୍ବରୁ ସମାନ ସମାନ ତାରିଖ ସୁଦ୍ଧା ୨୦୧୯ରେ ଖାଲି ପଦ ସଂଖ୍ୟା ଥିଲା ୯୧୦,୧୫୩ ଏବଂ ୨୦୧୮ରେ ଥିଲା ୬୮୩,୮୨୩। ସରକାର ଏହା ମଧ୍ୟ କହିଥିଲେ ଯେ ଷ୍ଟାଫ୍ ସିଲେକ୍ସନ କମିଶନ, ୟୁନିଅନ୍ ପବ୍ଲିକ ସର୍ଭିସ କମିଶନ ଏବଂ ରେଲୱେ ରିକ୍ରୁଟ୍‌ମେଂଟ ବୋର୍ଡ଼ଗୁଡ଼ିକ ୨୦୧୮-୧୯ ଏବଂ ୨୦୨୦-୨୧ରେ ୨୬୫,୪୬୮ ଲୋକଙ୍କୁ ଚାକିରି ପାଇଁ ଚୟନ କରି ସାରିଥିଲେ। ଗୋଟିଏ ପକ୍ଷରେ ଭାରତରେ ସରକାରୀ କ୍ଷେତ୍ରରେ ପର୍ଯ୍ୟାପ୍ତ ସଂଖ୍ୟକ ପଦ ଖାଲି ପଡ଼ିଥିବାବେଳେ ଅନ୍ୟ ପକ୍ଷରେ ସରକାରୀ ଚାକିରି ଦେବା କ୍ଷେତ୍ରରେ ଭାରତ ଯୁକ୍ତରାଷ୍ଟ୍ର ଆମେରିକା ଏବଂ ଚୀନ୍ ତଥା ଅନ୍ୟାନ୍ୟ ଦେଶମାନଙ୍କଠାରୁ ଯଥେଷ୍ଟ ପଛରେ ରହିଛି। ୨୦୨୦ ଅଗଷ୍ଟ ମାସରେ ମ୍ୟାକ୍ କିନ୍‌ସେ ଗ୍ଲୋବାଲ ଇନଷ୍ଟିଚ୍ୟୁଟର ରିପୋର୍ଟ ଉଲ୍ଲେଖ କରିଥିଲା ଭାରତକୁ ୨୦୨୩ରୁ ୨୦୩୦ ମଧ୍ୟରେ ୯୦ ମିଲିଅନ୍ ଅଣ-କୃଷିକ୍ଷେତ୍ର କର୍ମନିଯୁକ୍ତି ସୃଷ୍ଟି କରିବାକୁ ପଡ଼ିବ। ଅତଏବ, ସରକାରଙ୍କ ଆଗରେ ଶିକ୍ଷିତ ବେକାର ଯୁବକ ଯୁବତୀଙ୍କୁ ଚାକିରି ଦେଇ ଖାଲି ପଡ଼ିଥିବା ପଦଗୁଡ଼ିକର ପୂରଣ କରିବା ଭିନ୍ନ କ୍ୱଚିତ୍ କୌଣସି ବିକଳ୍ପ ରହିଛି।

ଦେଶର ବେକାରୀ ସମସ୍ୟା ଦୂରୀକରଣ ଉଦ୍ଦେଶ୍ୟରେ କେନ୍ଦ୍ର ସରକାରଙ୍କ ଅଧୀନସ୍ଥ ବିଭିନ୍ନ ବିଭାଗରେ ଖାଲି ପଡ଼ିଥିବା ପଦଗୁଡ଼ିକର ପୂରଣ ନିମନ୍ତେ ଚଳିତବର୍ଷ ଜୁନ୍ ମାସରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ଘୋଷଣା କରିଥିଲେ ଯେ ଆସନ୍ତା ଦେଢ଼ ବର୍ଷ ମଧ୍ୟରେ ଏକ ମିଲିଅନ୍ ଅର୍ଥାତ ୧୦ ଲକ୍ଷ ଲୋକଙ୍କୁ ଚାକିରି ପ୍ରଦାନ କରାଯିବ। ଆଉ ସେଇ ଅନୁସାରେ ଗତ ଶନିବାର ଦିନ ବେକାରୀ ଯୁବକ ଯୁବତୀଙ୍କୁ ଦୀପାବଳିର ଭେଟି ଭାବରେ ପ୍ରଧାନମନ୍ତ୍ରୀ ଆଭାସୀ ରୂପରେ ପ୍ରଥମ ପର୍ଯ୍ୟାୟରେ ୭୫ ହଜାର ଲୋକଙ୍କୁ ଚାକିରି ପ୍ରଦାନ କରିଛନ୍ତି। ଏହା ନିଶ୍ଚିତ ଭାବରେ ଏକ ଜରୁରୀ ଆବଶ୍ୟକତା ଥିଲା ଏବଂ ଏହା ବିପୁଳ ସଂଖ୍ୟକ ବେକାରଙ୍କ ପାଇଁ ଏକ ଆରାମଦାୟକ ମଲମ ସଦୃଶ କାର୍ଯ୍ୟ କରିବ, ଯେଉଁମାନେ ଉତ୍ତମ ଆନୁଷ୍ଠାନିକ ଶିକ୍ଷା ଲାଭ କରି ସେମାନଙ୍କ ଶିକ୍ଷାଗତ ଯୋଗ୍ୟତା ଅନୁରୂପ ଅଭିଳଷିତ ସରକାରୀ ଚାକିରିଟିଏ ପାଇବା ପାଇଁ ଅପେକ୍ଷା କରୁଥିଲେ। ତେବେ ଏକ ବଡ଼ କଟୁ ସତ୍ୟ ହେଉଛି, ଭାରତରେ ଅନେକଗୁଡ଼ିଏ ସ୍ଥାନ ଅଛି, ଯେଉଁଠି କର୍ପୋରେଟ୍‌କରଣ କରାଯାଇଥିବା ଘରୋଇ ଉଦ୍ୟୋଗ ଚାକିରି ଦେଇ ପାରିବେ ନାହିଁ ଏବଂ ଏଭଳି କ୍ଷେତ୍ରରେ କେବଳ ସରକାରୀ ଚାକିରି ହିଁ ଅନେକଙ୍କ ପାଇଁ ଆଶା ଭରସା। ଯେ ପର୍ଯ୍ୟନ୍ତ ଦେଶର ଅର୍ଥନୀତିରେ ଏକ ବଡ଼ ଧରଣର ଉନ୍ନତି ଦେଖାଦେଇନାହିଁ ଏବଂ ପରିପୋଷଣୀୟ ଅଭିବୃଦ୍ଧି ହାସଲ ହୋଇନାହିଁ, ଯାହାକି କ୍ଷୁଦ୍ର ଏବଂ ମଧ୍ୟମ କ୍ଷେତ୍ରରେ ଉଦ୍ୟୋଗୀମାନଙ୍କୁ ନିଯୁକ୍ତି ସୁଯୋଗ ସୃଷ୍ଟି କରିବାକୁ ସକ୍ଷମ କରାଇବ, ସେଯାଏଁ ସରକାରୀ ଚାକିରି ହିଁ ମିଲିଅନ୍ ମିଲିଅନ୍ ସଂଖ୍ୟକ ଭାରତୀୟଙ୍କ ପାଇଁ ଏକମାତ୍ର ଆକାଂକ୍ଷିତ ଲକ୍ଷ୍ୟ। ଶନିବାରର କେନ୍ଦ୍ର ସରକାରଙ୍କ କାର୍ଯ୍ୟକ୍ରମ- ପ୍ରଧାନମନ୍ତ୍ରୀଙ୍କ ନିଯୁକ୍ତି ପତ୍ର ପ୍ରଦାନ ଉପର ବର୍ତ୍ତିତ ବର୍ଗର ଲୋକମାନଙ୍କ ମନରେ ଅବଶ୍ୟ ଆଶାବାଦ ଏବଂ ସକରାତ୍ମକତାର ଏକ ତରଙ୍ଗ ଖେଳାଇ ଦେବ, ଯଦିଓ ସବୁ ଶିକ୍ଷିତ ବେକାରଙ୍କୁ ଏକାଥରରକେ ଚାକିରି ଯୋଗାଇ ଦେବା ସମ୍ଭବ ନୁହେଁ। ତଥାପି ବୁଡ଼ି ଯାଉଥିବା ଲୋକ କୁଟା ଖିଅଟିଏକୁ ବି ଆଶ୍ରା କଲାଭଳି ଶିକ୍ଷିତ ଯୁବ ବର୍ଗଙ୍କ ପାଇଁ ଏହା ପ୍ରେରଣା ଏବଂ ସାନ୍ତ୍ୱନା ପ୍ରଦାୟକ ହେବ।

## ସାରସ୍ୱତ ସାଧକ ପଣ୍ଡିତ ଗୋଦାବରୀଶ ମିଶ୍ର

ବିଶ୍ୱବିଜୟୀ ଦାଶ

ସତ୍ୟବାଦୀ ପଞ୍ଚସଖା ଯୁଗର ଅନ୍ୟତମ ସାଧକ ପଣ୍ଡିତ ଗୋଦାବରୀଶ ମିଶ୍ର ଏକାଧାରାରେ ଜଣେ ଆଦର୍ଶ ଶିକ୍ଷକ, ଶିକ୍ଷାବିତ୍, ନିସ୍ୱାର୍ଥପର ଜନସେବକ, ପ୍ରବୀଣ ରାଜନୀତିଜ୍ଞ ଏବଂ ଓଡ଼ିଆ ଭାଷା ଓ ସାହିତ୍ୟର ଏକନିଷ୍ଠ ପୂଜାରୀ ଭାବରେ ଏକ ଉତ୍ତୁଙ୍ଗ ଶାସନର ଅଧିକାରୀ। ତାଙ୍କର କାନ୍ତ, କୋମଳ, ଭାବମୟ ତଥା ମଧୁମୟ ଗାଥା ଓ ଗୀତିକବିତା ମାନ ଯୁଗେ ଯୁଗେ ଆମ ସାହିତ୍ୟର ଅମୂଲ୍ୟ ଓ ଅକ୍ଷୟ ସମ୍ପଦ। କବିପ୍ରାଣର ଅନନ୍ତ ବିସ୍ତୃତି, ଜୀବନର ଉଦାରତା, ମାନବତାର ଐଶ୍ୱର୍ଯ୍ୟ ଓ ଉତ୍ତୁଙ୍ଗ ଜୀବନାଦର୍ଶରେ ସମୁଜ୍ଜ୍ୱଳ ତାଙ୍କର କାବ୍ୟ ସାହିତ୍ୟ ଅନନ୍ୟ ଓ ଅତୁଳନୀୟ। ସେ ୨୬ ଅକ୍ଟୋବର ୧୮୮୬ ମସିହା ପୁରୀ ଜିଲ୍ଲା ବାଣପୁରର ଶ୍ରୀନିବାସପୁର ଶାସନ ଗ୍ରାମରେ ଜନ୍ମଗ୍ରହଣ କରିଥିଲେ। ତାଙ୍କର ପିତାଙ୍କ ନାମ ଲିଙ୍ଗରାଜ ମିଶ୍ର ଓ ମାତାଙ୍କ ନାମ ଅପସରା ଦେବୀ। ତାଙ୍କର ପ୍ରାଥମିକ ଶିକ୍ଷା ଗ୍ରାମ ସ୍କୁଲରେ ସମାପ୍ତ ହୋଇଥିଲା, ପରବର୍ତ୍ତୀ ସମୟରେ ପୁରୀ ଜିଲ୍ଲା ସ୍କୁଲରେ ତାଙ୍କର ଉଚ୍ଚଶିକ୍ଷା ସମାପ୍ତ ହୋଇଥିଲା। ସେ ୧୯୧୦ରେ ରେଭେନ୍ସା ମହାବିଦ୍ୟାଳୟରୁ ଦାର୍ଶନିକ ବିଭାଗରେ ସ୍ନାତକ ଡ଼ିଗ୍ରୀ ହାସଲ କଲେ। ୧୯୧୨ ମସିହାରେ କଲିକତା ବିଶ୍ୱବିଦ୍ୟାଳୟରୁ ଅର୍ଥନୀତି ବିଭାଗରେ ସ୍ନାତକୋତର ହାସଲ କଲେ। ୧୯୧୩ ମସିହାରେ ପଣ୍ଡିତ ଗୋଦାବରୀଶ ମିଶ୍ର ପଣ୍ଡିତ ଗୋପବନ୍ଧୁ ଦାସଙ୍କ ପ୍ରେରଣାରେ ସତ୍ୟବାଦୀ ବନବିଦ୍ୟାଳୟରେ ଶିକ୍ଷକତାକୁ ଆଦରିନେଇ ତ୍ୟାଗ, ସେବା ଓ ସାଧନାର 'ବେଦି'ରେ ନିଜ ଜୀବନକୁ ଉତ୍ସର୍ଗ କରିଥିଲେ। ବକୁଳ-ଛୁରିଆନାର ସେହି ରମଣୀୟ ପ୍ରାକୃତିକ ପରିବେଶ ତାଙ୍କୁ ସମ୍ମୋହିତ କରିବା ସାଙ୍ଗକୁ ଅମୃତମୟୀ କବିତା ରଚନା ପାଇଁ ଉଦବୁଦ୍ଧ କରିଥିଲା। 'ଆଲେଖିକା'ର ଗାଥା କବିତାମାନ ପଣ୍ଡିତ ଗୋଦାବରୀଶଙ୍କ ଗଭୀର ଜାତୀୟତାବୋଧ, ସ୍ୱଦେଶପ୍ରୀତି, ଐତିହ୍ୟ-ଅନୁରକ୍ତିର ଜୀବନ୍ତ ଆଲେଖ୍ୟ। ଅନୁଭୂତି-ରସାଣିତ ଆବେଗମୟ ପ୍ରାଣପ୍ରାଚୁର୍ଯ୍ୟ ଭରା 'କିଶଳୟ' ଓ 'କଳିକାର' କବିତାବଳୀ ଏକ ଅପୂର୍ବ ଐଶ୍ୱର୍ଯ୍ୟରେ ବିଭବଶାଳୀ। 'ମୁକୁନ୍ଦ ଦେବ' ଓ 'ପୁରୁଷୋତମ ଦେବ' ଐତିହାସିକ ନାଟକ ଦ୍ୱୟ ତାଙ୍କ ଉତ୍କଳାନୁଗାରରେ ସୁସ୍ପଷ୍ଟ ନିଦର୍ଶନ। କେନ୍ଦ୍ର ସାହିତ୍ୟ ଏକାଡ଼େମୀ ପକ୍ଷରୁ ପୁରସ୍କୃତ ତାଙ୍କର ଆତ୍ମଜୀବନୀ ଗ୍ରନ୍ଥ 'ଅର୍ଦ୍ଧଶତାବ୍ଦୀରେ ଓଡ଼ିଶା ଓ ତହିଁରେ ମୋ ସ୍ଥାନ' ତତ୍କାଳୀନ ଓଡ଼ିଶାର ସାମାଜିକ, ସାଂସ୍କୃତିକ, ରାଜନୈତିକ ତଥା ଆର୍ଥନୈତିକ ଜୀବନଧାରାରେ ଏକ ସତ୍ୟନିଷ୍ଠ ବିବରଣୀ। ଏହାବ୍ୟତୀତ ଚୟନିକା, କବିତାୟନ, ଗୀତାୟନ ଓ କବିତାଗ୍ରନ୍ଥ ଆଦି କେତେକ ପାଠ୍ୟପୁସ୍ତକ ଓ ତତସହିତ ବହୁ ଶିଶୁ-କବିତା ରଚନା କରି ସେ ଓଡ଼ିଆ ସାହିତ୍ୟକୁ ସମୃଦ୍ଧ କରିଯାଇଛନ୍ତି। ସେ 'ଘଟାନ୍ତର', 'ଅଭାଗିନୀ', 'ଅଠର ଶହ ସତର' ଓ 'ନିବାସିତ' ଉପନ୍ୟାସର ସ୍ରଷ୍ଟା। ତାଙ୍କର ଅଭାଗିନୀ ଉପନ୍ୟାସ ୧୯୧୨ ମସିହାରେ ପ୍ରଥମେ ପ୍ରକାଶିତ। ଅନ୍ୟ ଉପନ୍ୟାସଗୁଡିକ ୧୯୪୦ ମସିହାରୁ ୧୯୫୧ ମଧ୍ୟରେ ପ୍ରକାଶିତ। ତାଙ୍କର ଗାଥା କବିତା ଗୁଡ଼ିକ ହେଲା କାଳିଜାଈ, ଅଭିରାମ ସିଂହ, ଧରଣୀଧର। ୧୯୧୯ ମସିହାରେ ସିଂହଭୂମି ଯାଇ ସେଠାରେ ଓଡ଼ିଆ ଭାଷାର ସୁରକ୍ଷା ଓ ପ୍ରସାର କଳ୍ପେ କେତେକ ଉଚ୍ଚବିଦ୍ୟାଳୟ ସମେତ ବହୁ ପ୍ରାଥମିକ ବିଦ୍ୟାଳୟ ସ୍ଥାପନ କରିଥିଲେ। ଚକ୍ରଧରପୁର ବିଦ୍ୟାଳୟକୁ ସେ ଏକ ଜାତୀୟ ବିଦ୍ୟାଳୟ ଭାବରେ ପରିଣତ କରି ପ୍ରଧାନଶିକ୍ଷକ ଦାୟିତ୍ୱ ଗ୍ରହଣ କରିଥିଲେ। ପରବର୍ତ୍ତୀ ସମୟରେ ବାଣପୁର ନିର୍ବାଚନ ମଣ୍ଡଳୀର ବିଧାୟକ ଭାବେ ନିର୍ବାଚିତ ହୋଇଥିଲେ। ସେ ମହାରାଜା କୃଷ୍ଣଚନ୍ଦ୍ର ଗଜପତିଙ୍କ ମନ୍ତ୍ରୀ ମଣ୍ଡଳରେ ଶିକ୍ଷାମନ୍ତ୍ରୀ ହୋଇଥିଲେ। ତାଙ୍କରି ଉଦ୍ୟମରେ ଉତ୍କଳ ବିଶ୍ୱବିଦ୍ୟାଳୟ ପ୍ରତିଷ୍ଠା ହୋଇଥିଲା। ପଣ୍ଡିତ ଗୋଦାବରୀଶ ମିଶ୍ର ୨୬ ଜୁଲାଇ ୧୯୫୬ ମସିହାରେ ମୃତ୍ୟୁବରଣ କରିଥିଲେ। ଆଜି ତାଙ୍କର ଜୟନ୍ତୀ ଅବସରରେ ମୋର ବିନମ୍ର ଶ୍ରଦ୍ଧାଞ୍ଜଳୀ ଓ ଶତ ଶତ ପ୍ରଣାମ।



+ବି.ଏସସି,ବି.ଇଡ଼ି(ସ୍ୱତନ୍ତ୍ର ଶିକ୍ଷା)
ଗମ୍ଭାରିମୁଣ୍ଡା, ବାଣପୁର, ଖୋର୍ଦ୍ଧା
ପିନ୍- ୭୫୨୦୩୫
ମୋ- ୬୩୭୦୨୦୮୪୨୮

## ତାଙ୍କ ଲେଖାରେ ଇଂରେଜଙ୍କ ନିଦ ହଜିଗଲା

ସୁଧାଂଶୁ ଶେଖର ଦ୍ୱିବେଦୀ

ଗଣେଶ ଶଙ୍କର ବିଦ୍ୟାର୍ଥୀ ସାମ୍ବାଦିକତା ଜଗତର ଏଭଳି ମହାନ ପୁରୋଧା ଥିଲେ ଯାହାଙ୍କ କ୍ରାନ୍ତିକାରୀ ଲେଖା ପାଇଁ ବ୍ରିଟିଶ ସରକାର ତାଙ୍କୁ ୫ ଥର କାରାବାସ ଏବଂ ଅର୍ଥଦଣ୍ଡରେ ଦଣ୍ଡିତ କରିଥିଲା। ତାଙ୍କ ଲେଖାରେ ଏଭଳି କୁହୁକ ଶକ୍ତି ଥିଲା ଯେ ଇଂରେଜଙ୍କର ନିଦ ହଜି ଯାଇଥିଲା। ଆଦ୍ୱିତୀୟ ସାମ୍ବାଦିକତା କାରଣରୁ ଗଣେଶ ଶଙ୍କର ବିଦ୍ୟାର୍ଥୀ ଏବଂ ତାଙ୍କ ଖବର କାଗଜ 'ପ୍ରତାପ' ଆଜିର ଦିନରେ ମଧ ସାମ୍ବାଦିକତା ଜଗତ ପାଇଁ ଆଦର୍ଶ ହୋଇ ରହିଛି।ସେ ଜଣେ ନିର୍ଭୀକ ପତ୍ରକାର, ସମାଜସେବୀ ଓ ମହାନ ସ୍ୱତନ୍ତ୍ରତା ସଂଗ୍ରାମୀ ଥିଲେ। ସାମ୍ବାଦିକତା ନିମନ୍ତେ ଯେବେ ତାଙ୍କୁ ଜେଲ ଯିବାକୁ ପଡୁଥିଲା ତାଙ୍କ ଅନୁପସ୍ଥିତିରେ 'ପ୍ରତାପ'ର ସମ୍ପାଦନା ମାଖନଲାଲ ଚତୁର୍ବେଦୀ ଏବଂ ବାଲକୃଷ୍ଣ ଶର୍ମା ସମ୍ଭାଳୁ ଥିଲେ।

ଅକ୍ଟୋବର ୨୬ ତାରିଖ ୧୮୯୦ରେ ଉତର ପ୍ରଦେଶର ଆହ୍ଲାବାଦରେ ଜନ୍ମିଥିବା ବିଦ୍ୟାର୍ଥୀଙ୍କ ପ୍ରାଥମିକ ଶିକ୍ଷା ଉର୍ଦ୍ଦୁ ତଥା ଇଂରାଜୀରେ ହୋଇଥିଲା। ସ୍କୁଲରେ ପଢୁଥିବା ବେଳେ ତାଙ୍କର ଇଚ୍ଛା ସାମ୍ବାଦିକତା ପ୍ରତି ନିବଦ୍ଧ ହୋଇଥିଲା। ତା'ପରେ ସେ ହିନ୍ଦୀ ସାପ୍ତାହିକ ପତ୍ରିକା 'କର୍ମଯୋଗୀ'ର ସମ୍ପାଦକ ପଣ୍ଡିତ ସୁନ୍ଦରଲାଲଙ୍କ ସହାୟତାରେ ସମ୍ବାଦିକତା କାର୍ଯ୍ୟ ଆରମ୍ଭ କଲେ। କର୍ମଯୋଗୀ ବ୍ୟତୀତ ଆହୁରି ଅନେକ ଖବର କାଗଜରେ ତାଙ୍କ ଲେଖା ପ୍ରକାଶ ପାଇଲା। ପୁଣି ସାମ୍ବାଦିକତା ସହିତ ସ୍ୱାଧୀନତା ଆନ୍ଦୋଳନରେ ଗଭୀର ରୂପେ ଜଡିତ ହୋଇଗଲେ। ତାଙ୍କର ଉତ୍କୃଷ୍ଟ ଲେଖାରେ ପ୍ରଭାବିତ ହୋଇ ସାମ୍ବାଦିକତା ଜଗତର ପୁରୋଧା ମହାବୀର ପ୍ରସାଦ ଦ୍ୱିବେଦୀ ନିଜର ସାହିତ୍ୟ ପତ୍ରିକା 'ସରସ୍ୱତୀ'ରେ ସହ ସମ୍ପାଦକ ରୂପେ କାର୍ଯ୍ୟ କରିବାକୁ ଆମନ୍ତ୍ରଣ କଲେ। କିନ୍ତୁ ବିଦ୍ୟାର୍ଥୀଜୀଙ୍କର ସମ ସାମୟିକ ଏବଂ ରାଜନୈତିକ ଉପରେ ଅଧିକ ରୁଚି ଥିବାରୁ ମହାବୀର ପ୍ରସାଦ ଦ୍ୱିବେଦୀଙ୍କ ପ୍ରସ୍ତାବକୁ ସ୍ୱୀକାର କରିବା ପରିବର୍ତେ ପଣ୍ଡିତ ମଦନ ମୋହନ ମାଲବ୍ୟଙ୍କ ହିନ୍ଦୀ ସାପ୍ତାହିକ 'ଅଭ୍ୟୁଦୟ'ରେ ସହ ସମ୍ପାଦକ ଭାବେ କାର୍ଯ୍ୟ କଲେ।

ପରେ ପରେ ୧୯୧୩ ମସିହା ନଭେମ୍ବର ୯ ତାରିଖରେ ସ୍ୱୟଂ ଏକ କ୍ରାନ୍ତିକାରୀ ପତ୍ରିକା 'ପ୍ରତାପ' କାନପୁରଠାରେ ଆରମ୍ଭ କଲେ।

ବିଦ୍ୟାର୍ଥୀଜୀ ଚାଷୀ, ଶ୍ରମିକ ଏବଂ ବ୍ରିଟିଶ ଅତ୍ୟାଚାରରେ ପୀଡିତ ଲୋକମାନଙ୍କର ଯନ୍ତ୍ରଣାକୁ 'ପ୍ରତାପ' ପତ୍ରିକା ମାଧ୍ୟମରେ ଉଲ୍ଲେଖ କଲେ। ବ୍ରିଟିଶ ଶାସନର ଉତ୍ପୀଡ଼ନ ଏବଂ ଅନ୍ୟାୟର କ୍ରୁର ବ୍ୟବସ୍ଥା ବିରୁଦ୍ଧରେ ସ୍ୱର ଉତୋଳନ କରିବା ତାଙ୍କ ପତ୍ରିକାର ମହତ୍ୱପୂର୍ଣ୍ଣ ଅଂଶ ଥିଲା। ଯେଉଁଥିପାଇଁ ବ୍ରିଟିଶ ସରକାର ଶାନ୍ତିରେ ନିଃଶ୍ୱାସ ମାରି ପାରିଲା ନାହିଁ। ଏଥିନିମନ୍ତେ ତାଙ୍କୁ ବହୁବାର ଜେଲ ଯିବାକୁ ପଡିଛି, ତଥାପି ସେ ଭାଙ୍ଗିପଡି ନାହାନ୍ତି। ୧୯୨୦ ମସିହାରେ 'ପ୍ରତାପ'ର ସାପ୍ତାହିକ ସଂସ୍କରଣକୁ ଦୈନିକ ସଂସ୍କରଣରେ ପରିବର୍ତିତ କଲେ। ନିହାତି ସତ ଘଟଣାକୁ 'ପ୍ରତାପ' ମାଧମରେ ଉଲ୍ଲେଖ କରି ଲୋକ ଓ ବୁଦ୍ଧିଜୀବୀଙ୍କଠାରେ ପ୍ରିୟ ଭାଜନ ହେଲେ। ସତ ଘଟଣା ଉଲ୍ଲେଖ ନିମନ୍ତେ ତାଙ୍କୁ କେତେଥର ମାନହାନି, ମକଦ୍ଦମା ଓ ଜେଲ ଜୀବନ ବିତେଇବାକୁ ପଡିଛି। ଜେଲରେ ରହୁଥିବା ବେଳେ ସେ ନିଜ ଡାଏରୀରେ ଜେଲ ଜୀବନର କାହାଣୀ ଲେଖୁ ଥିଲେ। ଜେଲରୁ ମୁକ୍ତି ପରେ ସେହି ପାଣ୍ଡୁଲିପିକୁ 'ପ୍ରତାପ'ରେ କ୍ରମିକ ରୂପେ ପ୍ରକାଶିତ କଲେ। ଯାହାଫଳରେ ସେତେବେଳର ସମସ୍ତ ବୁଦ୍ଧିଜୀବୀ ତାଙ୍କର ଉଚ୍ଚ ପ୍ରଶଂସା କରିବା ସହ 'ପ୍ରତାପ'ର ପାଠକ ସଂଖ୍ୟା ବହୁତ ବଢି ଯାଇଥିଲା। କେବଳ ସାମ୍ବାଦିକତା ନୁହେଁ କାନପୁର ଜିଲ୍ଲାରେ ସତ୍ୟାଗ୍ରହ ଆନ୍ଦୋଳନର ନେତୃତ୍ୱ ନେଇ ସୁଚାରୁ ରୂପେ ସମ୍ପାଦନ କରିଥିଲେ।

ସ୍ୱାଧୀନତା ସଂଗ୍ରାମର ସେହି କ୍ଷଣରେ ହିନ୍ଦୁ ମୁସଲମାନ କାନ୍ଧରେ କାନ୍ଧ ମିଳାଇ ସହଯୋଗ କରୁଥିଲେ। କିନ୍ତୁ ବ୍ରିଟିଶ ସରକାର ସୁଯୋଗ ପାଇ ଦୁଇ ସମୁଦାୟର ଭାବନାକୁ ଉତେଜିତ କରି ଏମିତି ଖେଳ ଖେଳିଲା ଯାହାଦ୍ୱାରା ସ୍ଥାନ ବିଶେଷରେ ହିନ୍ଦୁ ମୁସଲମାନ ଦଙ୍ଗା ସୃଷ୍ଟି ହେଲା ଏବଂ ଦେଶସାରା ସାମ୍ପ୍ରଦାୟିକ ହିଂସା ବଢିବାକୁ ଲାଗିଲା। କାନପୁର ସହର ମଧ ସମ୍ପ୍ରଦାୟିକ ଦଙ୍ଗାର ନିଆଁରେ ଜଳି ଉଠିଲା।

ବିଦ୍ୟାର୍ଥୀଜୀ ଦଙ୍ଗାକୁ ଅଟକାଇବା ଲାଗି ଦୁଇ ସମ୍ପ୍ରଦାୟ ମଧ୍ୟରେ ଭାଇଚାରା ବଜାୟ ରଖିବାକୁ ଘର ଘର ବୁଲି ସମସ୍ତଙ୍କୁ ବୁଝାଇଲେ। କେତେକ ସ୍ଥାନରେ ସଫଳ ହୋଇ ଦଙ୍ଗାର ପ୍ରକୋପରୁ ହଜାର ହାଜର ଲୋକଙ୍କ ଜୀବନ ବଞ୍ଚାଇଥିଲେ। କିନ୍ତୁ ଦଙ୍ଗାର ଏଭଳି ଏକ ଦଳରେ ଛନ୍ଦିଗଲେ ଯେ ବହୁତ ଖୋଜିବା ପରେ ବି ତାଙ୍କର କୌଣସି ଖୋଜ ଖବର ମିଳିଲା ନାହିଁ। ଶେଷରେ ତାଙ୍କ ପାର୍ଥିବ ଶରୀର ଏକ ଡାକ୍ତରଖାନାର କୁଢ଼ କୁଢ଼ ଶବ ମଧ୍ୟରୁ ଉଦ୍ଧାର କରାଗଲା। ଯାହା ଏତେ ଫୁଲି ଯାଇଥିଲା ଯେ ଚିହ୍ନିବା ବଡ଼ ମୁସ୍କିଲ ହୋଇଯାଇଥିଲା। ହଜାର ହଜାର ଲୋକଙ୍କ ଜୀବନ ବଞ୍ଚାଇ ଥିବା ଗଣେଶ ଶଙ୍କର ବିଦ୍ୟାର୍ଥୀ ସ୍ୱୟଂ ଧାର୍ମିକ ଉନ୍ମାଦଙ୍କ ନିମନ୍ତେ ବଳି ପଡିଗଲେ।

ମାର୍ଚ୍ଚ ୨୩ ତାରିଖ ୧୯୩୧ରେ ଭଗତ ସିଂହ, ରାଜଗୁରୁ ଓ ସୁଖଦେବଙ୍କୁ ଫାଶୀ ଦିଆଯିବାର ଦୁଇଦିନ ପରେ ନିଜ କଲମର ତାକତରେ ବ୍ରିଟିଶ ସରକାରର ରାତିର ନିଦ ଏବଂ ଦିନର ଶାନ୍ତି ଛଡେଇ ନେଇଥିବା ନିର୍ଭୀକ, ନିଷ୍ପକ୍ଷ, ବିଶ୍ୱାସନୀୟ, ଯଶସ୍ୱୀ ଏବଂ ମହାନ କ୍ରାନ୍ତିକାରୀଙ୍କୁ ହରେଇ ଭାରତ ମାତା ସେଦିନ ଦୁଃଖରେ କାନ୍ଦି ପକାଇଥିଲା।



+ବିସି-୭୪,ସଲଟ ଲେକ,
କଲକାତା-୬୪
ମୋ-୯୬୮୧୩୭୩୫୧୨




### ସେଇ କିଛି ମୁହୂର୍ତର ଦେଖା

ରମାକାନ୍ତ ଦାସ

ସେଇ କିଛିମୁହୂର୍ତର ଦେଖାରେ
ତୁମେ ମୋ ହୃଦୟରେ ଟାଣିଥିଲ
ଏକ ପ୍ରୀତିରେଖା
ଆଜି ବି ସେ ରେଖାକୁ
ଡେଇଁ ପାରେନାହିଁ ମୁଁ.....।
ତୁମକୁ ପାଖରେ ପାଇ
ମୋ ମନରେ ଉଠିଥିଲା ପ୍ରୀତିର ଜୁଆର
ଆଖିବି ଚଞ୍ଚଳ , ଓଠ ବି ନିଷ୍ଚଳ
ମୋ ନୟନରେ ତୁମ ନୟନକୁ ମିଶାଇ
ଭରିଦେଇଥିଲ ତୁମେ କେତେ ରଙ୍ଗ
ତୁମ ଓଠର ସେ ସ୍ମିତହାସ୍ୟ
ତୁମର ସେ କୋମଳ ସ୍ପର୍ଶ
ମୋ ମନରେ ସୃଷ୍ଟି କରିଥିଲା
ଏକ ଅଜଣା କମ୍ପନ
ମନ ମୋର କାବୁରେ ନଥାଏ
ତୁମ ଆଖିରେ ବନ୍ଦିହୋଇ ରହିଥାଏ
ମୋ ଆଖି ଦୁଇ ହଳକ
ଚାହିଁଲେ ବି ନିଜକୁ
ସେଇ ସୁନ୍ଦର ଚାହାଣୀରୁ
ନିଜକୁ ଦୂରେଇ ପାରୁନଥାଏ
ବାରମ୍ବାର ଚାହିଁରହୁଥାଏ
ତୁମକୁ ଅପଲକ ନୟନରେ ।
ସତରେ.........
ସେ କିଛି ମୁହୂର୍ତର ଦେଖାଥିଲା
ଖୁବ୍ ଆନନ୍ଦଦାୟକ
ଭାବେ ଏ ସମୟ ଚକକୁ
ପୁଣିଥରେ ପଛକୁ ଗଡେଇ ନିଅନ୍ତି
ପୁଣିଥରେ ପାଆନ୍ତି ତୁମକୁ ପାଖରେ ।

+ନନ୍ଦିଗ୍ରାମ, ନାଉଗାଁ, ଜଗତସିଂହପୁର
ମୋ-୯୬୬୮୮୧୫୩୬୯

### ମୋ ବୋଉ

ରାଖାଲ ଚନ୍ଦ୍ର ସ୍ୱାଇଁ

ମୋତେ ଯେ ଦେଇଛି ଯାଚି, ତା ଦେହରୁ,
ବାତ୍ସଲ୍ୟ ମମତା ବୋଳା
ରକ୍ତ ମାଂସ ସ୍ନାୟୁ।
ବକ୍ଷୋଜ ଅମୃତ ଯାର,
ମୋ ଦେହକୁ ଯୋଗାଇଛି ,
ସୁସ୍ଥ ସ୍ୱାସ୍ଥ୍ୟ, ବୁଦ୍ଧି, ବଳ, ଆୟୁ।
ସର୍ବଂସହା ହୋଇ ଯିଏ, ନିର୍ବିକାରେ
ସହିଯାଏ, ସବୁ କଷ୍ଟ ସବୁ ଦୁଃଖ ଦାଉ।
ସିଏ ମୋର ବୋଉ,ସିଏ ମୋର ବୋଉ।
ମୋ ଉଦର ଭରିଗଲେ,
ଭରିଯାଏ ଯାହାର ଉଦର।
ମୋ ଦୁଃଖରେ ଝରିଆସେ,
ଯା ଆଖିରୁ ରକ୍ତ ଭିଜା ଶ୍ରାବଣର ଧାର।
ଯିଏ ମୋ'ର ମୂଳ ଗୁରୁ,
ଅନ୍ଧାରରୁ ଦେଖାଏ ଆଲୋକ।
ଯିଏ ମୋତେ ଶିଖାଇଛି,ସତ୍ୟ, ନ୍ୟାୟ,
ଦୟା, ଧର୍ମ, ସଂସ୍କାର, ବିବେକ।
ବିଶାଳ ହୃଦରୁ ଯାର ଝରୁଥାଏ ,
ମୋ ମଥାରେ, ଅବିଶ୍ରାନ୍ତ, ଆଶୀଷର ମହୁ।
ସିଏ ମୋ ବୋଉ, ସିଏ ମୋ ବୋଉ।
ମୋ ଅଝଟ ଦେଖି ଯିଏ,
ତୋଳି ଆଣେ ଆକାଶରୁ ଚାନ୍ଦ।
ଯା କୋଳ ଝୁଲଣା ଭରେ,
ମୋ ଆଖିରେ ଅସରନ୍ତି ନିଦ।
ମୋ ପାଇଁ ଯେ ସାଜେ ଦୁର୍ଗା,
ଆସେ ଯେବେ ମୋ ଆଗେ ପ୍ରମାଦ।
ଯା ହାତ ପରଷା ଅନ୍ନ,
ମୋ ଜିହ୍ୱରେ ଭରିଦିଏ ଅମୃତର ସ୍ୱାଦ।
ମୋ ଆଖିର ଲୁହ ଦେଖି,
ଯା ଆଖିରୁ ଝରି ପଡ଼େ,
ଯନ୍ତ୍ରଣାର କୋଟି ବୁନ୍ଦା ଲହୁ।
ସିଏ ମୋର ବୋଉ, ସିଏ ମୋର ବୋଉ।
ମୋ ପାଇଁ ସେ ପୁଣ୍ୟ ଗଙ୍ଗା,
ଗଭୀର ତା ପାରିବ କେ କଳି।
ଆବର୍ଜନା ଯେତେ ମୋର,
ପୁଣ୍ୟ ଦେହେ ହୋଇଛି ଯେ ବୋଳି।
ମୋ ପାଇଁ ସେ ମହାଲକ୍ଷ୍ମୀ,
ବୁଝେ ଯିଏ ମୋ ପେଟ ଯନ୍ତ୍ରଣା।
ମୋ ପାଇଁ ସେ ଦେବୀ ଦୁର୍ଗା,
ଯା ଚରଣେ ସବୁ ତୀର୍ଥ ଉଣା।
ଯିଏ ମୋ ଜନମଦାତ୍ରୀ,
ଯା ବିନା ମୋ ନାହିଁ ସ୍ଥିତି,
ସେ ପାଦଯୁଗଳେ ମୋର ମଥା ରହିଥାଉ।
ସିଏ ମୋର ବୋଉ, ସିଏ ମୋର ବୋଉ।

+ଏଡଭୋକେଟ୍, ଭଦ୍ରକ
ମୋ: ୯୩୩୭୬୨୩୬୮୫।

### ହନିଟ୍ରାପ୍

ରମେଶ ଚନ୍ଦ୍ର ନାୟକ

ଉଠୁଛି ପଡୁଛି ଓଡ଼ିଶା ରାଇଜ
ହନିଟ୍ରାପ୍ କଥା ନେଇ
ଯେଉଁ ଶବ୍ଦଟିର ଆକ୍ଷରିକ ଅର୍ଥ
ମଧୁ ଫାନ୍ଦ ହୋଇଥାଇ ।
ଏହି ମଧୁ ଫାନ୍ଦ ବନେ କାଳଫାଶ
ତା'ର ଜାଲେ ଯିଏ ପଡେ
ଭିଜେ ମନ ପ୍ରେମେ ରୂପ ଯଉବନେ
ଧନ ଆକାଶରେ ଉଡେ ।
କେତେ ନେତା ମନ୍ତ୍ରୀ କଣ୍ଟ୍ରାକ୍ଟର ଯନ୍ତ୍ରୀ
ଗୀତିକାର ପ୍ରଯୋଜକ
ବଡ଼ ଅଫିସର ପୁଲିସି ଆକ୍ଟର
ଫଶିଛନ୍ତି ବିଧାୟକ ।
ମାୟା ନଗରୀରେ ମାୟା ଜାଲେ ପଡି
ମାୟା ପ୍ରେମେ ବାଇ ମନ
ସ୍ୱାର୍ଥ ଶେଷ ହେଲେ ବ୍ଲାକମେଲିଂ କରି
ଶୋଷନ୍ତି ଅମାପ ଧନ ।
ଲଜ୍ୟାକୁ ଲୁଚାଇ ଅମାର ଖୋଲନ୍ତି
ହନିଟ୍ରାପ୍ ବନ୍ଧା ଜନ
ପ୍ରଶାସନ ଅବା ଆତ୍ମୀୟ ପାଖରେ
ଖୋଲି ପାରନ୍ତିନି ମନ ।
ହନିଟ୍ରାପ ବିଷ କରେ ସର୍ବନାଶ
ନାଶେ ମାନ ଧନ ଯଶ
ସମ୍ମାନକୁ ଜଗି ହୁଅ ମହାଯୋଗୀ
ହନିଟ୍ରାପ ହେବ ଶେଷ ।

+କେଶରପୁର, ବକ୍ସି ବଜାର, କଟକ
ମୋ : ୭୯୭୮୧୫୧୭୧୦

### ହସୁଥିବ ଆମ ସୁନା ସଂସାର

ଜୟନ୍ତ କୁମାର ମଲ୍ଲିକ୍

ଜହ୍ନ ରାଇଜରେ ତୋଳିଛି ଘର
ପ୍ରିୟାଯେ ରହିବ ସାଥେ ମୋହର ।
ରାତି ହୋଇଗଲେ ଦେଖିବ ଜହ୍ନ
ମତେ ଦେଉଥିବ ତାହାରି ମନ ।
ଜହ୍ନ ତାରା ହେବ ତାହାରି ସାଥି
ଦେଖିବ ସେ ବସି ହୋଇଲେ ରାତି ।
ଦିନରେ ଦେଖିବ ଭସା ବାଦଲ
ଗାଇବ ମୋ ସାଥେ ପ୍ରୀତି ଗଜଲ ।
ଫୋଅନ କରିବ ତାଙ୍କ ଘରକୁ
ପ୍ରଣାମ କରିବ ବାପା ବୋଉଙ୍କୁ ।
କହିବ ଏଠାରେ ଭଲରେ ଅଛି
ଆଖିଲୁହ ସବୁ ଦେବାକୁ ପୋଛି ।
ଆଜି ରହିଅଛି ବହୁ ଦୂରରେ
ଦୁଃଖ କରିବନି କେବେ ମନରେ ।
ରହିବାକୁ ଏଠି ଭଲ ଲାଗୁଛି
ତୁମ କଥା ଭାବି ଦିନ ବିତୁଛି ।
ସ୍ୱାମୀ ମୋ ପାଖରେ ସର୍ବଦା ରୁହେ
ମିଠା ମିଠା କଥା କେତେଯେ କୁହେ ।
ତାଙ୍କୁ ନେଇ ମୁଉଁ ତୋଳିଛି ଘର
ହସୁଥାଉ ଆମ ସୁନା ସଂସାର ।

+ଶୂରଡିହ, ନନ୍ଦିପୁର,
ଦଶରଥପୁର, ଯାଜପୁର
ମୋ:୯୪୩୭୮୬୫୭୨୭

## ଅଫିସରେ ବ୍ୟସ୍ତ ଥିଲେ ଜଳିବ ଡେସ୍କ ଲାଇଟ୍



ଫିଟଜଙ୍କ ଅନୁସାରେ ଏହି ଡେସ୍କ ଲାଇଟ ଅପଣଙ୍କ ସ୍କାଇପ୍ ଷ୍ଟାଟସ ପରି । ଆପଣ ବ୍ୟସ୍ତ ଅଛନ୍ତି ବା କଥାବାର୍ତ୍ତା

ଅଫିସରେ କାମ କରିବା ସମୟରେ ସହକର୍ମୀମାନେ ଅଯଥା ଗପ କରି ଆପଣଙ୍କୁ ସମସ୍ୟାରେ ପକାଉଛନ୍ତି କି ବୈଜ୍ଞାନିକମାନେ ଏହି ସମସ୍ୟାର ସମାଧାନ ବାହାର କରିଛନ୍ତି । ସେମାନେ ଏଭଳି ଏକ ଡେସ୍କଲାଇଟ ତିଆରି କରିଛନ୍ତି ଯାହାକି ଆପଣ ବ୍ୟସ୍ତ ଥିଲେ ଆପେ ଆପେ ଲାଲ ହୋଇଯିବ । ବ୍ୟସ୍ତତା କମ ଥିଲେ ଏହା ସବୁଜ ରଙ୍ଗ ଧାରଣ କରିବ । ଜୁରିକ ବିଶ୍ୱବିଦ୍ୟାଳୟର ଆସୋସିଏଟ୍ ପ୍ରଫେସର ଥୋମାସ କରିବା ପାଇଁ ଆପଣଙ୍କ ନିକଟରେ ସମୟ ଅଛି ଏହି ଲାଇଟ୍ ଦେଖି ଅପଣଙ୍କ ସହକର୍ମୀମାନେ ତାହା ଜାଣିପାରିବେ । କି-ବୋର୍ଡ୍ ଏବଂ ମାଉସର ଗତିବିଧି ଆଧାରରେ ଏହି ଲାଇଟ ଲାଲ ବା ସୁବଜ ରଙ୍ଗ ବିଚ୍ଛୁରିତ କରିଥାଏ । ପ୍ରାୟ ୪୫୦ଜଣ କର୍ମଚାରୀଙ୍କ ଉପରେ ଏହାକୁ ପରୀକ୍ଷା କରାଯାଇଥିବା ବେଳେ ଭବିଷ୍ୟତରେ ଏହାକୁ ବିଭିନ୍ନ ଅଫିସରେ ବ୍ୟବହାର କରାଯିବ ବୋଲି ଫ୍ରିଟଜ ଆଶା ପ୍ରକାଶ କରିଛନ୍ତି ।

## ବିସ୍ଫୋରକ ଠାବକାରୀ ମୂଷା



ଆତଙ୍କବାଦୀ ଓ ଅପରାଧୀଙ୍କ କବଳରୁ ବିମାନ ବନ୍ଦରଗୁଡ଼ିକୁ ସୁରକ୍ଷିତ ରଖିବା ଲାଗି ଏକ ଇସ୍ରାଏଲି ସଂସ୍ଥା ଏକ ଅଭିନବ ପ୍ରକଳ୍ପ ହାତକୁ ନେଇଛି । ଉକ୍ତ ସଂସ୍ଥା ପକ୍ଷରୁ ଗୁଡ଼ିଏ ସାଧାରଣ ମୂଷାଙ୍କୁ ସ୍ୱତନ୍ତ୍ର ଭାବେ ତାଲିମ ପ୍ରଦାନ କରାଯାଉଛି । ମୂଷାଙ୍କର ଘ୍ରାଣ ଶକ୍ତି, କୁକୁରଙ୍କ ଠାରୁ ଅଧିକ । ସେମାନେ ସହଜରେ ବିସ୍ଫୋରକ, ଗୋଳା ବାରୁଦ ଓ ଅବୈଧ ନିଶା ଦ୍ରବ୍ୟ ଆଘ୍ରାଣ ଦ୍ୱାରା ଠାବକରି ସଙ୍କେତ ଦେବାକୁ ସମର୍ଥ । ଉକ୍ତ ସଂସ୍ଥାର ଯୋଜନା ଅନୁଯାୟୀ ବିମାନ-ଯାତ୍ରୀଙ୍କୁ ଏକ ଅପ୍ରଶସ୍ତ ପଥରେ ବିମାନ ବନ୍ଦର ଭିତରକୁ ଛଡ଼ାଯିବ । ପଥର ଦୁଇ କଡ଼ରେ ତାଲିମପ୍ରାପ୍ତ ମୂଷାମାନେ ଆତଯାତ ହେଉଥିବେ । ମୋନେ ଏପରିକି ଅତି କମ ପରିମାଣରେ ବିସ୍ଫୋରକ, ନିଶା ଦ୍ରବ୍ୟ ଆଦିକୁ ବେଶ୍ ସହଜରେ ବାରିପାରିବେ ବୋଲି ତାଲିମଦାତାମାନେ ଆଶାବାଦୀ । ଇସ୍ରାଏଲର ବ୍ୟସ୍ତ ବିମାନ ବନ୍ଦର ଗୁଡ଼ିକରେ ଆସନ୍ତା ବର୍ଷ ଠାରୁ ମୂଷାଙ୍କ ଦ୍ୱାରା ତନଖି କାର୍ଯ୍ୟ ଆରମ୍ଭ କରିବା ପାଇଁ ଲକ୍ଷ୍ୟ ଧାର୍ଯ୍ୟ କରାଯାଇଛି ।

## ହାର୍ଣ୍ଣିଆରୁ ମୁକ୍ତି ଦେବ ହଳାସନ



ସର୍ବାଙ୍ଗାସନ ପରି ଚିତ୍ ହୋଇ ଶୋଇ ଦୁଇ ହାତକୁ ଶରୀରର ଦୁଇ ପାଖରେ ଲମ୍ୱାଇ ରଖନ୍ତୁ । ହାତ ପାପୁଲି ନିମ୍ନକୁ ରଖନ୍ତୁ । ଦୁଇ ପାଦକୁ ଯୋଡ଼ି ଉପରକୁ ଉଠାନ୍ତୁ । ଭୂମି ସହିତ ୨୦ ଡିଗ୍ରୀ କୋଣ କରି କିଛି ସମୟ ରହିବା ପରେ ପୁଣି ଉପରକୁ ଉଠାନ୍ତୁ । ୬୦ ଡିଗ୍ରୀ କରି କିଛି ସମୟ ରହିବା ପରେ ୨୦ଡିଗ୍ରୀ ବଢ଼ାଇ ୯୦ ଡିଗ୍ରୀ କରି ରଖନ୍ତୁ । ଯେଉଁମାନଙ୍କର ପିଠିରେ ବେଶୀ ଯନ୍ତ୍ରଣା ହେବ ସେମାନେ ପ୍ରଥମେ ଅର୍ଦ୍ଧ ହଳାସନ ଅଭ୍ୟାସ କରି ପରେ ପୂର୍ଣ୍ଣ ରୂପେ କରନ୍ତୁ । ଦୁଇପାଦ ମୁଣ୍ଡରେ ପଛକୁ ନେଇ ଭୂମିରେ ଲଗାନ୍ତୁ । ଜଙ୍ଘ ଓ ଲଲାଟ ମଧ୍ୟରେ ଚାରି ଆଙ୍ଗୁଳି ତଫାତ୍ ରହିବା ଉଚିତ୍ । ଯେପରି ଦୁଇ ହାତ ପଛକୁ ଆଗକୁ ଲମ୍ୱ ହୋଇ ଭୂମିରେ ରହିବା ସହ ହାତ ଉପରେ ଆଦୌ ଚାପ ପଡ଼ିବା ଉଚିତ ନୁହେଁ । କେତେକ ଦୁଇ ହାତରେ ଅଂଟାକୁ ଠେଲି ରଖନ୍ତି ତ ଆଉ କେତେକ ମୁଣ୍ଡ ପଛକୁ ନେଇ ପାଦ ଆଙ୍ଗୁଳିକୁ ଛୁଇଁଥାନ୍ତି । ପ୍ରଥମ ଦିନ ଥରେ କରି ତା'ପରଠାରୁ ୩/୪ ଥର ଅଭ୍ୟାସ କଲେ ଭଲ ଲାଭ ମିଳିଥାଏ । ୧୨ବର୍ଷ ବୟସ ନହେଲେ ଏ ଆସନ କରିବା ଉଚିତ୍ ନୁହେଁ । ଏହାକୁ କଲାବେଳେ ସବୁବେଳେ ଶରୀର ଢିଲା ରହିବା ଦରକାର । ଏହି ଆସନକୁ କରିବା ଫଳରେ କାନ୍ଧ ଶକ୍ତ ହୋଇଥାଏ, ମେଦହ୍ରାସ ହୁଏ, ହାର୍ଣ୍ଣିଆରୁ ମୁକ୍ତି ମିଳେ, ମାନସିକ ଶାନ୍ତି ମିଳେ, ମାସିକ ଧର୍ମ ନିୟମିତ ହୁଏ ଓ ଗର୍ଭାଶୟ ବିକୃତି ଦୂର ହେବା ସହ ସନ୍ଧ୍ୟା ଦୋଷ ମଧ୍ୟ ଦୂର ହୋଇଥାଏ ।

## ଘୁଙ୍ଗୁଡ଼ିରୁ ମୁକ୍ତି ଦେବ ସ୍ମାର୍ଟ ତକିଆ

ନିଦରେ ଘୁଙ୍ଗୁଡ଼ି ମାରିବା ଅନେକଙ୍କ ଅଭ୍ୟାସ । ଏହା ଦ୍ୱାରା ନିଜର କ୍ଷତି ହେବା ସହ ପାଖ ଲୋକ ମଧ୍ୟ ଅସୁବିଧାର ସମ୍ମୁଖୀନ ହୁଅନ୍ତି । ଏଭଳି ସମସ୍ୟାରୁ ମୁକ୍ତି ଦେବ ସ୍ମାର୍ଟ ତକିଆ । ଲଣ୍ଡନର ବୈଜ୍ଞାନିକମାନେ ଏହି ତକିଆ ତିଆରି କରିଛନ୍ତି । ତକିଆରେ ଏକ ମାଇକ୍ରୋଫୋନ୍ ଖଞ୍ଜା ହୋଇଛି, ବ୍ୟକ୍ତି ଘୁଙ୍ଗୁଡ଼ି ମାରିବା ମାତ୍ରେ ଏହା କମ୍ପନ କରେ । ଫଳରେ ତକିଆ ୩ ଇଂଚ ପର୍ଯ୍ୟନ୍ତ କମିଯାଏ । ତକିଆ କମିଯିବା ପରେ ଶୋଇବାରେ ଅସୁବିଧା ହୁଏ । ଏଣୁ ବ୍ୟକ୍ତି ଉଠିପଡେ ନଚେତ୍ ଘୁଙ୍ଗୁଡ଼ି ବନ୍ଦ କରିଦିଏ । ଘୁଙ୍ଗୁଡ଼ି ଚାଲୁ ରହିଲେ ତା'ର ଶବ୍ଦ ହ୍ରାସ କରିବାରେ ମଧ୍ୟ ଏହି ସ୍ମାର୍ଟଫୋନ୍ ସକ୍ଷମ ।

## ଉଡ଼ନ୍ତା ଜାହାଜ

ଇଟାଲିର ୮୩ ବର୍ଷୀୟ ଲୁଇଗି ଫ୍ରିନାଙ୍କର ଏବେ ବି ଶିଶୁ ସୁଲଭ ମନୋଭାବ ଯାଇନାହିଁ । ଏହି ବୟସରେ ମଧ୍ୟ ଖେଳଣା ପ୍ରତି ତାଙ୍କର ଆଗ୍ରହ ରହିଛି । ତେବେ ସେ ବେଶି ଭଲ ପାଆନ୍ତି ଜାହାଜ ଖେଳଣାକୁ । ଆଉ ତାଙ୍କ ଷ୍ଟୁଡିଓକୁ ଗଲେ ଛାତରୁ ନାଇଲନ୍ ସୂତାରେ ବନ୍ଧା ହୋଇ ଝୁଲନ୍ତା ଅବସ୍ଥାରେ ଥିବା ବିଭିନ୍ନ ଆକାର, ପ୍ରକାରର ଡେଣା ଥିବା ଛୋଟ ଜାହାଜ ଦେଖିବାକୁ ମିଳେ । ଏଇ ଖେଳଣା ସବୁକୁ ସେ ନିଜେ ତିଆରି କରିଛନ୍ତି । ଆଉ ଏଥିମଧ୍ୟରୁ ଅଧିକାଂଶ ଜାହାଜ ଉଡି ଥାଏମଧ୍ୟ । ଲୁଇଗି ପେସାରେ ଜଣେ ଆର୍କିଟେକ୍ଟ । ତାଙ୍କର ପିଲାଦିନରୁ ହିଁ ଜାହାଜ ବୟସ ହୋଇଥିଲା ସେ ଉଡନ୍ତା ଜାହାଜ ତିଆରି କରିବାକୁ ମନ ବଳାଇଥିଲେ । ଆଉ ଏକ ଉଡନ୍ତା ଜାହାଜ ତିଆରି ବି କଲେ । ତା'ପରେ ସେ ଅନେକ ଖେଳଣା ଉଡନ୍ତା ଜାହାଜ ତିଆରି କରିଛନ୍ତି । ସେ ତାଙ୍କ ଛାତକୁ ନୀଳ ଆକାଶରେ ବାଦଲର ଚିତ୍ର ସଦୃଶ ପେ କରିଛନ୍ତି । ଫଳରେ ଏହି ଜାହାଜ ଗୁଡିକ ଯେତେବେଳେ ଉଡ଼େ ଲାଗେ ସତେ ଯେମିତି ତାହା ବାଦଲ ଭିତରେ ଉଡୁଛି । ୟା' ମଧ୍ୟରେ ୨୦ ବର୍ଷ ବିତି ଗଲାଣି । ଆଉ ସେ ୨୦୦ଟି ଉଡନ୍ତା ଜାହାଜ ଖେଳଣା ତିଆରି କରିସାରିଲେଣି । ଏହି ଜାହାଜ ଗୁଡିକ ଦେଖିବାକୁ ଖୁବ୍ ସୁନ୍ଦର, ଖୁବ୍ ହାଲୁକା (୨୦-୫୦) ଗ୍ରାମ୍ ଓ ଆକାରରେ



ପ୍ରତି ଥିଲା ଅହେତୁକ ଭଲ ପାଇବା । ତେଣୁ ସେ ଛୋଟବେଳୁ ଜାହାଜର ମଡେଲ ତିଆରି କରିବା ଆରମ୍ଭ କରିଥିଲେ । ୧୬ ବର୍ଷ ବୟସରେ ସେ ନ୍ୟାଶନାଲ୍ କ୍ରାଫ୍ଟସ୍ ମଡେଲିଂ ପ୍ରତିଯୋଗିତା ବି ଜିତିଥିଲେ । ତେବେ ତାଙ୍କୁ ଯେତେବେଳେ ୫୦ ବର୍ଷ ଏରୋଡୋମିକ୍ । ଜାହାଜ ଗୁଡିକୁ ସେ ପତଳା କାଗଜ ଓ ବାଲ୍‌ସା କାଗଜରେ ଡିଜାଇନ୍ କରିଥାଆନ୍ତି । ଏଥିରେ ଇଞ୍ଜିନର ପାୱାର ବ୍ୟବହାର କରାଯାଇ ନାହିଁ । କେବଳ ଏକ ଇଲାଷ୍ଟିକ୍ ବ୍ୟାଣ୍ଡ ସାହାଯ୍ୟରେ ଜାହାଜ ଉଡିଥାଏ ।

## ଅଶ୍ଲୀଳ ଫଟୋକୁ ଚିହ୍ନିବ ଆପ୍




ପିଲାମାନେ ଏବେ ହୋଇଯାଅ ହୁସିଆର, ଯଦି ତୁମେମାନେ ଆଣ୍ଡ୍ରାଏଡ୍ ଫୋନ ବ୍ୟବହାର କରୁଛ । ଏଣିକି ପିଲାଙ୍କ ଫୋନକୁ ଯଦି କୌଣସି ଫଟୋ କିମ୍ୱା ଭିଡ଼ିଓ ଆସେ, ତେବେ ପିତା-ମାତାଙ୍କ ପାଖକୁ ତୁରନ୍ତ ନୋଟିଫିକେସନ ଆସିଯିବ । ଆଜିକାଲିର ପିଲାମାନେ ସ୍କୁଲରେ ପାଠ ପଢ଼ିବା ସମୟରୁ ହିଁ ମୋବାଇଲ୍ ଧରିବା ପାଇଁ ଜିଦ୍ ଧରି ବସୁଛନ୍ତି । ମୋବାଇଲ ସାହାଯ୍ୟରେ ଅନେକ ପର୍ଣ୍ଣ ଭିଡ଼ିଓ କିମ୍ୱା ଫଟୋକୁ ଡାଉନଲୋଡ଼ କରି ଦେଖୁଛନ୍ତି ।। ଅନେକ ସମୟରେ ସେମାନଙ୍କ ଅଜାଣତରେ ମଧ୍ୟ ଏମିତି କିଛି ଅଶ୍ଲୀଳ ଭିଡ଼ିଓ ଫୋନକୁ ଆସିଥାଏ । ଯାହାକୁ ଦେଖିବା ଫଳରେ ପିଲାମାନେ ବିଗିଡ଼ିବାକୁ ଲାଗିଥାନ୍ତି ଏବଂ ଏହା ସେମାନଙ୍କ ପାଠପଢ଼ାରେ ମଧ୍ୟ ବାଧା ସୃଷ୍ଟି କରିଥାଏ । ଏହି ଅସୁବିଧାକୁ ଦୃଷ୍ଟିରେ ରଖି ନିକଟରେ ଏଭଳି ଏକ ଆପ୍‌ଲୋଡ୍ ହୋଇଛି । ଗ୍ୟାଲେରି ଗାର୍ଡ଼ିଅନ ନାମକ ଏହି ଆପ୍‌ଟି ଅଭିଭାବକମାନେ ଫୋନରେ ଇନଷ୍ଟଲ କରି ପିଲାଙ୍କୁ ନିୟନ୍ତ୍ରଣରେ ରଖିପାରିବେ । ଯଦି ପିଲାଙ୍କ ଫୋନକୁ କୌଣସି ଅଶ୍ଲୀଳ ଫଟୋ ଆସେ ଏବଂ ଏହାକୁ ଦେଖିବା ପାଇଁ ସେ କ୍ଲିକ କରେ ତେବେ ଅଭିଭାବକଙ୍କ ପାଖକୁ ଏକ ନୋଟିଫିକେସନ ଆସିଯିବ । ଯଦି ଆପଣଙ୍କ ପିଲା ପାଖକୁ କିଛି ଫଟୋ ଆସେ ତେବେ ପ୍ରଥମେ ଏହି ଆପ ଏହାକୁ ଚିହ୍ନିବାକୁ ଚେଷ୍ଟା କରିବ । ତାପରେ ଫଟୋରେ ସ୍କିନକୁ ଦେଖିବ । ଯଦି ଫଟୋରେ ଅଧିକ ତ୍ୱଚା ଦେଖାଯାଉଛି, ତେବେ ତାକୁ ତର୍ଜମା କରିବାକୁ ଚେଷ୍ଟା କରିବ । ଏହି ପ୍ରଣାଳୀ ଭିତରେ ଆପ୍ ଜାଣି ପାରିବ ସେ ଫଟୋଟି ଅଶ୍ଲୀଳ କି ନାହିଁ । ତେବେ ଅଧିକ କପଡ଼ା ପିନ୍ଧିଥିବା ବ୍ୟକ୍ତିର ଫଟୋକୁ ଏହି ଆପ୍ ଧରିପାରିବ ନାହିଁ ।

## ଗିଟାର୍ ଦାମ୍ ୫ କୋଟି

ଗୋଟିଏ ଗୀଟାର୍‌ର ମୂଲ୍ୟ କୋଟି କୋଟି ଟଙ୍କାର ସଂପତ୍ତି ସହ ସମାନ ହୋଇପାରେ । ଆମେରିକାର ପ୍ରସିଦ୍ଧ ଗାୟକ ବବ୍ ଡାନ୍ସ ବ୍ୟବହାର କରୁଥିବା ଏକ ଗିଟାର୍‌କୁ ନିକଟରେ ୫ କୋଟି ୯୦ ଲକ୍ଷ ଟଙ୍କାରେ ନିଲାମ କରାଯାଇଛି । ଏହା ହେଉଛି ବବ୍ ବ୍ୟବହାର କରିଥିବା ପ୍ରଥମ ଇଲେକ୍ଟ୍ରିକ୍ ଗିଟାର୍ । ୧୯୬୫ ମସିହାରେ 'ନ୍ୟୁପୋର୍ଟ୍ ଫୋକ୍ ଫେଷ୍ଟିଭାଲ୍‌ରେ' ବବ୍ ପ୍ରଥମ ଥର ପାଇଁ ଏହି ଇଲେକ୍ଟ୍ରିକ୍ ଗିଟାର୍ ବଜାଇ ଗୀତ ପରିବେଷଣ କରିଥିଲେ । ଏହାକୁ ବିକ୍ରି କରିବା ପାଇଁ ବ୍ରିଟେନ୍ କ୍ରିଷ୍ଟି ନିଲାମ କେନ୍ଦ୍ରରେ ରଖାଯାଇଥିଲା । ଏବେ ଜଣେ ଅଜଣା ବ୍ୟକ୍ତି ଏହି ଗିଟାର୍‌କୁ ୫ କୋଟି ୯୦ ଲକ୍ଷ ଟଙ୍କାରେ କିଣିଛନ୍ତି । ଚଳିତ ବର୍ଷ ନିଲାମ ହୋଇଥିବା ଗିଟାର୍ ମଧ୍ୟରେ ବବ୍‌ଙ୍କ ଏହି ବାଦ୍ୟଯନ୍ତ୍ର ସବୁଠୁ ଅଧିକ ଦରରେ ବିକ୍ରି ହୋଇ ନୂଆ ରେକର୍ଡ୍ ସୃଷ୍ଟି କରିଛି ।



## ପୃଥିବୀର ସ୍ୱର୍ଗ



ବରଫାବୃତ ସ୍ଥାନର ଏଇ ମନୋରମ ଦୃଶ୍ୟ ହୃଦୟକୁ ଶୀତଳତାରେ ଭରିଦିଏ । ଧଳା ଚାଦର ଦୁନିଆରେ ବରଫରୁ ଉଠୁଥିବା ଧୂଆଁକୁ ଦେଖିଲେ ସ୍ଥାନଟି ଆପଣଙ୍କୁ ପୃଥିବୀର ସ୍ୱର୍ଗ ଭଳି ମନେ ହେବ ।

ଏଇ ଚିତ୍ର ବ୍ରିଟେନ୍‌ର ନାଏଗ୍ରା ଜଳପ୍ରପାତର, ଯେଉଁଠି ପୃଥିବୀର ସବୁଠୁ ବଡ଼ ଝରଣା ଏବେ ବରଫ ଚାଦର ଓଢ଼ି ବୋହୂ ସାଜିଛି । ବର୍ଷ ତମାମ୍ କଳକଳ ନାଦ କରୁଥିବା ଏଇ ଝରଣା ଥଣ୍ଡାରେ ଏକଦମ୍ ଜମିଯାଏ । ତା'ର ବରଫବେଶ ଦେଖିବା ପାଇଁ ଲକ୍ଷାଧିକ ପ୍ରକୃତିପ୍ରେମୀ ଏଠାରେ ଭିଡ଼ ଜମାଉଛନ୍ତି । କିଛିଦିନ ପାଇଁ ଈଶ୍ୱର ଏଇ ଅନନ୍ୟ ସ୍ଥାନକୁ ସ୍ୱର୍ଗରେ ପରିଣତ କରିଛନ୍ତି । ପୃଥିବୀର ତାପମାତ୍ରା ଯେତିକି ହ୍ରାସପାଏ, ସେହି ଅନୁସାରେ ସ୍ଥାନର ସୌନ୍ଦର୍ଯ୍ୟ ବହୁଗୁଣିତ ହୋଇଯାଏ । ଏ ଦୃଶ୍ୟ ପର୍ଯ୍ୟଟକଙ୍କୁ ଆଶ୍ଚର୍ଯ୍ୟରେ ପକାଇବା ସହ ଆନନ୍ଦ ମଧ୍ୟ ଦିଏ ।

## ଜିରାପାଣି ବେଶ୍ ଉପକାରୀ



ଜିରାରେ ପ୍ରଚୁର ମାତ୍ରାରେ ଭିଟାମିନ୍ ସି, ଏ ଏବଂ ଆଇରନ୍ ଭରପୂର ରହିଛି । ଏହା ବିଭିନ୍ନ ସଂକ୍ରମଣ ଜନିତ ରୋଗ ଦୂର କରିଥାଏ । ଏହାଦ୍ୱାରା ଚର୍ମ ଓ କେଶ ସୁସ୍ଥ ରହିଥାଏ ।

ଦୈନିକ ଗୋଟେ ଗ୍ଲାସ୍ ପାଣିନେଇ ସେଥିରେ କିଛି ଜିରା ପକାନ୍ତୁ । ଏହାକୁ ରାତିସାରା ଭିଜାଇ ରଖନ୍ତୁ । ସକାଳେ ଏହି ପାଣି ପାନ କରନ୍ତୁ । ଏହାଦ୍ୱାରା ଶରୀରରୁ କାର୍ବୋହାଇଡ୍ରେଟ୍ ଏବଂ ମୋଟାପା ଦୂର ହୋଇଥାଏ । ଜୀର୍ଣ୍ଣଶକ୍ତିକୁ ବଢ଼ାଇବା ସହ ଡାଇରିଆ, ଚିଡଚିଡା, ଦୁର୍ବଳତା, ଗ୍ୟାସ୍ ଆଦି ରୋଗକୁ ଏହା କମ୍ କରିଥାଏ । ଏହା ଲିଭର ଏବଂ ପାକସ୍ଥଳୀ ପାଇଁ ବେଶ୍ ଉପକାରୀ । ଏଥିରେ ପ୍ରଚୁର ପରିମାଣରେ ଆଇରନ୍ ଥିବାରୁ ରକ୍ତହୀନତା ଦୂର କରିଥାଏ । ଗର୍ଭବତୀ ମହିଳାଙ୍କ ପାଇଁ ଏହା ବେଶ୍ ଜରୁରୀ ।

ଦୈନନ୍ଦିନ ଏହି ପାଣି ଯୁବପିଢ଼ି ସେବନ କଲେ ମସ୍ତିଷ୍କ କ୍ଷମତା ବୃଦ୍ଧି ହେବ । ଏହାସହ ସେମାନେ ନିଜକୁ ଫ୍ରେସ୍ ଅନୁଭବ କରିପାରିବେ ।

ଚର୍ମର ପ୍ରାକୃତିକ ସୌନ୍ଦର୍ଯ୍ୟକୁ ଏହା ବଢ଼ାଇବାରେ ସାହାଯ୍ୟ କରେ । ଏଥିରେ କ୍ୟାଲସିୟମ୍, କପର, ପୋଟାସିୟମ୍ ଏବଂ ଭିଟାମିନ୍ ଇ ପ୍ରଚୁର ପରିମାଣରେ ଥିବାରୁ ତ୍ୱଚା ପାଇଁ ବେଶ୍ ଲାଭଦାୟୀ ।

ପାଣିରେ କିଛି ଜୀରା ପକାଇ ଫୁଟାଇ ସେହି ପାଣିକୁ ରଖନ୍ତୁ । ସେଥିରେ କିଛି ଟୋପା ତଲେ ମିଶାଇ ଦେନିକ ମୁହଁରେ ଲଗାଇଲେ ଟୋନର ଭଳି କାମ କରିବ । ଏହାସହ ଏହାଦ୍ୱାରା ସୁନ୍ଦର ତ୍ୱଚା ପାଇ ପାରିବେ । ମୁହଁରେ ଥିବା ବ୍ରଣ ଦାଗକୁ ମଧ୍ୟ ଏହା ସହଜରେ ଦୂରେଇଥାଏ ।

ପୋଡ଼ି ଯାଇଥିବା ସ୍ଥାନରେ ମଧ୍ୟ ଏହି ପାଣି ଲଗାଇ ପାରିବେ ।

ଏଥିରେ ପ୍ରଚୁର ପରିମାଣରେ ଭିଟାମିନ ଓ ମିନେରାଲ ଥିବାରୁ କେଶ ପାଇଁ ଏହା ବେଶ୍ ଲାଭଦାୟୀ । କେଶ ଝଡୁଥିଲେ ଜୀରା ପାଣିକୁ ନେଇ ମୂଳରେ ଦୈନନ୍ଦିନ ମସାଜ କରନ୍ତୁ । ଦେଖିବେ କେଶମୂଳ ମଜବୁତ୍ ରହିବ । ଏହାସହ ସୁନ୍ଦର କେଶ ପାଇ ପାରିବେ ।

## ଥଣ୍ଡା ତେଲ ସ୍ୱାସ୍ଥ୍ୟ ପାଇଁ ବିପଜ୍ଜନକ

ମୁଣ୍ଡବିନ୍ଧା, ଥକ୍କାପଣ, ଅନିଦ୍ରା ଇତ୍ୟାଦିରୁ ମୁକ୍ତି ଦେଦବା ପାଇଁ ଆଜିକାଲି ବଜାରରେ ବହୁ ପ୍ରକାର ଥଣ୍ଡା ତେଲ ମିଳୁଛି । ସେଗୁଡ଼ିକ ଲଗାଇବା ଦ୍ୱାରା ସାମୟିକ ଭାବେ ଆରାମ ମିଳୁଥିଲେ ମଧ୍ୟ ପ୍ରକୃତରେ ତାହା ସ୍ୱାସ୍ଥ୍ୟ ଉପରେ ଖୁବ୍ ନକାରାତ୍ମକ ପ୍ରଭାବ ପକାଇଥାଏ । ଆୟୁର୍ବେଦିକ ଔଷଧ ନାଁରେ ବିକ୍ରି ହେଉଥିବା ଏହି ତେଲ ଗୁଡ଼ିକରେ କର୍ପୁରକୁ ମାତ୍ରାଧିକ ଭାବେ ବ୍ୟବହାର କରାଯାଇଥାଏ । ଏହାଦ୍ୱାରା ଆଖିର ଦୃଷ୍ଟିଶକ୍ତି କମିଯିବା ସହିତ ମସ୍ତିଷ୍କକୁ କ୍ଷତି ପହଂଚିଥାଏ । ବିଏଚୟୁର ଇନଷ୍ଟିଚ୍ୟୁଟ୍ ଅଫ ମେଡ଼ିକାଲ ସାଇନ୍ସ (ଆଇଏମଏସ) ପକ୍ଷରୁ କେନ୍ଦ୍ର ସରକାରଙ୍କୁ ପଠାଯାଇଥିବା ଏକ ରିପୋର୍ଟରେ ଏହି ଦାବି କରାଯାଇଛି । ୫୦୦ ରୋଗୀଙ୍କୁ ନେଇ ଏକ ସର୍ବେକ୍ଷଣ କରାଯିବା ପରେ ଆଇଏମଏସର ନ୍ୟୁରୋଲୋଜି ବିଭାଗର ପ୍ରଫେସର ବିଜୟ ନାଥ ମିଶ୍ର ଏହା ପ୍ରକାଶ କରିଛନ୍ତି । ତାଙ୍କ ଅନୁସାରେ କର୍ପୁର ମିଶ୍ରିତ ଥଣ୍ଡା ତେଲ ଲଗାତର ଲଗାଇବା ଦ୍ୱାରା ବ୍ୟକ୍ତିଙ୍କର ମସ୍ତିଷ୍କର ଶିରା ଦୁର୍ବଳ ବା ଶିଥିଳ ହୋଇଯାଏ । ମସ୍ତିଷ୍କ ଉପରେ ଏହା ସିଧାସଳଖ ପ୍ରଭାବ ପକାଉଥିବାରୁ ପରବର୍ତ୍ତୀ ସମୟରେ ବ୍ୟକ୍ତିଜଣକ ମାନସିକ ଦୁଶ୍ଚିନ୍ତା, ମୁଣ୍ଡବିନ୍ଧା, ବାନ୍ତିଲାଗିବା, ଉଚ୍ଚ ରକ୍ତଚାପ ଇତ୍ୟାଦି ସମସ୍ୟାରେ ପୀଡ଼ିତ ହୋଇଥାନ୍ତି । ତେଣୁ କେନ୍ଦ୍ର ସରକାରଙ୍କୁ ପଠାଇଥିବା ରିପୋର୍ଟରେ ସେ କର୍ପୁରର ପ୍ରୟୋଗର ମାତ୍ରାକୁ ନିର୍ଦ୍ଧାରିତ କରିବା ଲାଗି ଦାବି କରିଛନ୍ତି ।

## ୧୦୯ ବର୍ଷ ପରେ ମିଳିଥିବା ପ୍ରଜାତି



ନିକଟରେ ବୈଜ୍ଞାନିକମାନେ ଏକ ବିରଳ ପ୍ରଜାତିର ପ୍ରଜାପତିକୁ ଠାବ କରିଛନ୍ତି । ଯାହାର ନାମ ରଖାଯାଇଛି ଏସୋଂଟ୍ରିଆଜ୍ ଫ୍ରିଟ୍‌ଲାରୀ । ଏହି ପ୍ରଜାପତି, ମାଉଂଟ ହରମୋନର ନିମ୍ନଭାଗରେ ବୁଲୁଥିବା ସମୟରେ ବୈଜ୍ଞାନିକଙ୍କ ନିକଟରେ ଆସିଥାନ୍ତି । ଏହି ବିରଳ ପ୍ରଜାତିର ପ୍ରଜାପତିଙ୍କ ଉପରେ ପ୍ରଜାପତିଙ୍କ ଉପରେ ରଷର ଜୁଲୋଜିକାଲ (ଭୂତତ୍ୱବିଭାଗ) ଅନୁଷ୍ଠାନର ବିଶେଷଜ୍ଞମାନେ ୨୦୧୨ ମସିହାରୁ ହିଁ ଅଧ୍ୟୟନ ଆରମ୍ଭ କରିଥିଲେ । ତେବେ ଦୀର୍ଘ ୧୦୯ବର୍ଷ ପରେ ଏପରି ପ୍ରଜାତିକୁ ଖୋଜି ପାଇଥିବାରୁ ପ୍ରାଣୀ ବିଶେଷଜ୍ଞ ବେଶ୍ ଉତ୍ସାହିତ ଥିବା ପ୍ରକାଶ କରିଛନ୍ତି ।

# ବାଙ୍କିବାହାଲ-ଟପରିଆ ରାସ୍ତାରେ କୋଇଲା ପରିବହନ ସମ୍ପର୍କିତ କଟକଣା ଓ ସର୍ତ୍ତକୁ ମାନୁନାହାନ୍ତି ଟ୍ରକ ମାଲିକ ଓ ଚାଳକ



ସୁନ୍ଦରଗଡ଼ ,୨୬/୧୦ (ନି.ପ୍ର): ବାଙ୍କିବାହାଲ-ଟପରିଆ ରାସ୍ତାରେ ଜିଲ୍ଲାପାଳଙ୍କ କଟକଣା ସମୟରେ ଏମସିଏଲରୁ ଛତିଶଗଡ଼କୁ କୋଇଲା ପରିବହନ ହେଉଥିବା ଅଭିଯୋଗ ହୋଇଛି । ଏପରିକି ପରିବହନ ସମ୍ପର୍କିତ କଡ଼ା ସର୍ତ୍ତକୁ ମଧ ଟ୍ରକ ମାଲିକ ଓ ଚାଳକମାନେ ଅବମାନନା କରିଚାଲିଛନ୍ତି । ଯାହା ସ୍ଥାନୀୟ ଜନଜୀବନ ପ୍ରତି ବିପଦର କାରଣ ହୋଇଛି ।

ଜିଲ୍ଲାପାଳ ଲଗାଇଥିବା ସର୍ତ୍ତ ଓ କଟକଣା ମଧରେ ସକାଳ ୯ଟାରୁ ସାଢ଼େ ୧୦, ପୁଣି ଅପରାହ୍ନ ୧ଟାରୁ ଅପରାହ୍ନ ସାଢ଼େ ୧ଟା ଯାଏ, ଅପରାହ୍ନ ୩ଟା ୫୦ରୁ ୪ଟା ୨୦ ଯାଏଁ ଗାଡ଼ି ଚଳାଚଳ କଟକଣା, ପ୍ରଦୂଷଣ ରୋକିବାକୁ ଗାଁ ଅଞ୍ଚଳରେ ପାଣି ସିଞ୍ଚନ, କୋଇଲା ବୋଝେଇ ଗାଡ଼ିରେ ତାରପୋଲିନ୍ ଘୋଡ଼ାଇବା, ଦ୍ରୁତ ଓ ବେପରୱା ଗାଡ଼ି ଚାଳନା ରୋକିବାକୁ ନିରୀକ୍ଷଣ ପ୍ରହରୀ (ୱାଚ୍ ଗାର୍ଡ) ମୁତୟନ, ରାଉରକେଲା ପଟୁ ଲୁହାପଥର ବୋଝେଇ ଗାଡ଼ିଗୁଡ଼ିକ ରାଜ୍ୟ ରାଜପଥ-୧୦ ଶଙ୍କରା ବାଏପାସ ଫ୍ଲାଏଓଭର ଦେଇ ଝାରସୁଗୁଡ଼ା- ଛତିଶଗଡ଼ ଯିବାକୁ ନିର୍ଦ୍ଦେଶ ରହିଛି । ଏସବୁ ସର୍ତ୍ତ ଓ କଟକଣାକୁ କୋଇଲା ପରିବହନରେ ନିୟୋଜିତ ଟ୍ରକଗୁଡ଼ିକ ମାନୁ ନଥିବା ଅଭିଯୋଗ ହୋଇଛି । ବିଶେଷ କରି ଜିଲ୍ଲାପାଳ ସ୍କୁଲ ପିଲାଙ୍କ ସମୟକୁ ଦେଖି ଗାଡ଼ି ଚଳାଚଳ ଉପରେ ସମୟଭିତିକ କଟକଣା ଲଗାଇଥିଲେ । କିନ୍ତୁ ଟ୍ରକ୍ ସବୁ କଟକଣା ସମୟରେ ବି ଗାଁ ଓ ସ୍କୁଲ ରାସ୍ତା ଦେଇ କୋଇଲା ପରିବହନ କରି ଚାଲିଛନ୍ତି । କିଛି ଦିନ ହେଲା ଛତାବର ଗାଁ ରାସ୍ତାରେ ପୂରା ଦିନ ସାରା ଗାଡ଼ି ଚଳାଚଳ କରୁଥିବା ଦେଖାଯାଇଛି । ଗାଁ ଲୋକେ ବିରୋଧ କଲେ ସର୍ତ୍ତ ମଧରେ ତମ ଗାଁ ନାହିଁ କହି ନାଲି ଆଖି ଦେଖାଉଥିବା ଲୋକେ ଅଭିଯୋଗ କରିଛନ୍ତି ।

ପ୍ରକାଶଯୋଗ୍ୟ, ପରିବେଶ ମଞ୍ଜୁରି ସର୍ତ୍ତରେ ଏମସିଏଲକୁ ଗାଁ ରାସ୍ତାରେ କୋଇଲା ପରିବହନ ନକରିବା ଓ ଏଥିପାଇଁ ସ୍ୱତନ୍ତ୍ର କୋଲ୍ କରିଡର ନିର୍ମାଣ କରିବାକୁ ନିର୍ଦ୍ଦେଶ ହୋଇଥିଲା । ପରବର୍ତ୍ତୀ ସମୟରେ ଏମସିଏଲ ଗାଁ ରାସ୍ତାରେ ନୁହେଁ, ସ୍ୱତନ୍ତ୍ର କୋଲ୍ କରିଡରରେ କୋଇଲା ପରିବହନ ହେଉଥିବା ମିଛ ରିପୋର୍ଟ ଦେଇଥିଲା । ତେବେ ଏମସିଏଲର ମିଛ ରିପୋର୍ଟ ବିରୋଧରେ ଓ ପରିବେଶ ମଞ୍ଜୁରି ସର୍ତ୍ତାନୁସାରେ ଗାଁ ରାସ୍ତାରେ କୋଇଲା ପରିବହନ ବନ୍ଦ ପାଇଁ ହେମଗିର ଅଞ୍ଚଳର ଜନଶକ୍ତି ବିକାଶ ପରିଷଦ ୨୦୨୧ ଫେବ୍ରୁଆରିରେ ଓଡ଼ିଶା ମାନବାଧିକାର ଆୟୋଗଙ୍କ ନିକଟରେ ଆବେଦନ କରିଥିଲେ । ତାକୁ ଗ୍ରହଣ କରି କୋଇଲା ପରିବହନ (ଉଭୟ ବୋଝେଇ ଓ ଖାଲି ଗାଡ଼ି) ଉପରେ ରୋକ ଲଗାଇଥିଲେ ଆୟୋଗ । ତେବେ ମାର୍ଚ୍ଚ ୯ରେ ଗାଡ଼ି ମାଲିକଙ୍କ ଏକ ରିଟ୍ ପିଟିସନକୁ ଗ୍ରହଣ କରି ଓଡ଼ିଶା ଉଚ୍ଚ ନ୍ୟାୟାଳୟ ଆୟୋଗଙ୍କ ଆଦେଶ ଉପରେ ରହିତାଦେଶ ଜାରି କରିଥିଲେ । ଏହାକୁ ଆଧାର କରି ୨୦୨୧ ମାର୍ଚ୍ଚ ୧୧ରେ ଜିଲ୍ଲାପାଳ ନିଖିଲ ପବନ କଲ୍ୟାଣ ବାଙ୍କିବାହାଲ-ଟପରିଆ ରାସ୍ତାରେ ସର୍ତ୍ତ ଓ କଟକଣା ମଧରେ ସମସ୍ତ ପ୍ରକାର ବ୍ୟବସାୟିକ ଭାରୀଯାନ, ମଲ୍ଟି ଏକ୍ସେଲ ଚଳାଚଳ ପାଇଁ ଅନୁମତି ଦେଇଥିଲେ ।

# ମୁକୁଳା ଟ୍ରାନ୍ସଫର୍ମର ଯୋଗୁ ଗଲା ଯୁବକଙ୍କ ଜୀବନ: କ୍ଷତିପୂରଣ ଦାବିରେ ରାସ୍ତାରୋକ



ଭବାନୀପାଟଣା ,୨୬/୧୦ (ନି.ପ୍ର): ପ୍ରାତଃ ଭ୍ରମଣ ସାରି ଘରକୁ ଫେରୁଥିବା ସମୟରେ ବିଦ୍ୟୁତ ତାର ସଂସ୍ପର୍ଶରେ ଆସି ଜଣେ ବ୍ୟକ୍ତିଙ୍କ ମୃତ୍ୟୁ ଘଟିଛି । ଏଭଳି ଘଟଣା ଘଟିଛି କଳାହାଣ୍ଡି ଜିଲ୍ଲା ଭବାନିପାଟଣା ସଦର ଥାନା ଅନ୍ତର୍ଗତ ଅଧମୁଣ୍ଡା ଗାଁରେ । ମୃତ ଯୁବକ ଜଣଙ୍କ ହେଲେ ଅଧମୁଣ୍ଡା ଗାଁର ଲକ୍ଷ୍ମଣ ଗୌଡ଼ । ଆଜି ସକାଳେ ଲକ୍ଷ୍ମଣ ପ୍ରାତଃ ଭ୍ରମଣ ସାରି ଘରକୁ ଫେରୁଥିଲେ । ଘର ନିକଟରେ ଥିବା ମୁକୁଳା ଟ୍ରାନ୍ସଫର୍ମରରୁ ତାର ଗୁଡ଼ିକ ବାହାରି ପଡ଼ିଥିଲା । ଲକ୍ଷ୍ମଣ ସେହି ତାର ସଂସ୍ପର୍ଶରେ ଆସିଯାଇଥିଲେ । ପରିବାର ଲୋକେ ତାଙ୍କୁ ଗୁରୁତର ଅବସ୍ଥାରେ ଉଦ୍ଧାର କରି ପାଷ୍ଟିକୁଡି ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଭର୍ତ୍ତି କରିଥିଲେ । ସେଠାରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ । ଲକ୍ଷ୍ମଣଙ୍କ ମୃତ୍ୟୁ ପରେ ଉତ୍ତେଜନା ପ୍ରକାଶ ପାଇଛି । ବିଦ୍ୟୁତ ବିଭାଗ ଲକ୍ଷ୍ମଣଙ୍କ ପରିବାରକୁ ୧୦ଲକ୍ଷ ଟଙ୍କା ଦେଉ ବୋଲି ସ୍ଥାନୀୟ ଲୋକେ ଅଡ଼ି ବସିଛନ୍ତି । ଏହାସହ ମୁକୁଳା ବିଦ୍ୟୁତ ଟ୍ରାନ୍ସଫର୍ମରକୁ ଅନ୍ୟତ୍ର ସ୍ଥାନାନ୍ତର କରିବା ଦାବିରେ ଜାତୀୟ ରାଜପଥ ୨୬କୁ ଅବରୋଧ କରିଛନ୍ତି । ଫଳରେ ଗାଡ଼ିଚଳାଚଳ ବନ୍ଦ ରହିଛି । ଉଭୟ ପାର୍ଶ୍ୱରେ ଗାଡ଼ିମଟର ଅଟକି ରହିଛି । ଦୀର୍ଘଦିନ ହେବ ଗାଁରେ ବସିଥିବା ମୁକୁଳା ଟ୍ରାନ୍ସଫର୍ମକୁ ଅନ୍ୟତ୍ର ଉଠାଇଦେବାକୁ ଗ୍ରାମବାସୀ ବିଦ୍ୟୁତ ବିଭାଗ ନିକଟରେ ଦାବି କରି ଆସୁଥିଲେ । ହେଲେ ବିଦ୍ୟୁତ ବିଭାଗ ଟ୍ରାନ୍ସଫର୍ମକୁ ଅନ୍ୟତ୍ର ଉଠାଇ ନଥିଲା ।

# ଯାଜପୁରବାସୀଙ୍କ ଭାଗ୍ୟରେ ଭଲ ବସଷ୍ଟାଣ୍ଡଟିଏ ଜୁଟିବ କେବେ ?




ଯାଜପୁରସଦର,୨୬/୧୦ (ନି.ପ୍ର): ଯାଜପୁର ସହରରେ ବସଷ୍ଟାଣ୍ଡ ମୁଖ୍ୟ ସମସ୍ୟା ହୋଇ ଛିଡା ହୋଇଛି । ୧୫୦ ବର୍ଷର ପୌରପାଳିକାରେ ଭଲ ବସଷ୍ଟାଣ୍ଡଟିଏ ନଥିବାବେଳେ ସହର ଭିତରେ ବସ୍ ଚଳାଚଳ କାରଣରୁ ବ୍ୟବସାୟୀ ନାହିଁ ନଥିବା ଅସୁବିଧାକୁ ସାମ୍ନା କରୁଛନ୍ତି । ସହର ଭିତରେ ଘର କରିଥିବା ଲୋକେ ବସ ଶବ୍ଦ ଓ ଧୂଆଁ ଧୂଳିରେ ଅତିଷ୍ଠ ହୋଇ ପଡୁଛନ୍ତି ।

ଯାଜପୁର ସହରରେ ମାଳମାଳ ପ୍ରକଳ୍ପ ନିର୍ମାଣ କରାଯାଉଛି । ପର୍ଯ୍ୟଟନର ଗନ୍ତାଘର ହେବ ବୋଲି କୁହାଯାଉଛି । ସେମାନଙ୍କ ପ୍ରଥମ ସୁବିଧା ଯୋଗାଯୋଗ ପାଇଁ ଭଲ ବସଷ୍ଟାଣ୍ଡଟିଏ ନିର୍ମାଣ ହୋଇପାରିନାହିଁ । ଯାଜପୁର ସହର ଦେଇ ମଙ୍ଗଳପୁର ଓ ବିଂଝାରପୁରରୁ ଦୈନିକ ୪୦ରୁ ଉର୍ଦ୍ଧ୍ୱ ବସ କଟକ ଭୁବନେଶ୍ୱର ଯାଉଥିବା ବେଳେ ରାଉଲକେଲା, କୋଲକାତା, ସମ୍ବଲପୁର, କେନ୍ଦୁଝର, ଢେଙ୍କାନାଳ ଓ ଗଞ୍ଜାମ ଆଦି ଅଞ୍ଚଳକୁ ବସ ଚଳାଚଳ କରୁଛି । ଯାଜପୁର ସହରର ବସଷ୍ଟାଣ୍ଡ ଦେଖିଲେ ଯେକେହି ବି ନାକ ଟେକୁଛନ୍ତି । ସଂକୀର୍ଣ୍ଣ ସ୍ଥାନରେ ୨/୩ଟି ବସ ଛିଡ଼ାହେବାର ବ୍ୟବସ୍ଥା ନଥିଲା ବେଳେ ଗୋଟିଏ ବସ ବାହାରିଲେ ଆଉ ଗୋଟିଏ ବସ ପଶିଥାଏ । ଯାତ୍ରୀମାନଙ୍କ ପାଇଁ ଭଲ ପ୍ରତୀକ୍ଷାଳୟଟିଏ ନଥିବାରୁ ବର୍ଷା ହେଲେ ବେହାଲ ହୋଇଯାଏ । ଆଣ୍ଠୁଏ ପାଣିରେ ଯାତ୍ରୀ ବସକୁ ଅପେକ୍ଷା କରିବାକୁ ବାଧ ହୋଇଥାନ୍ତି । ସହର ଅଧା ଅବର୍ଜନା ବସଷ୍ଟାଣ୍ଡରେ ଜମା ହେଉଛି । ଯାତ୍ରୀମାନଙ୍କ ପାଇଁ ଥିବା ମାଗଣା ଶୌଚାଳୟରେ ଜୋରଜବରଦସ୍ତ ଅର୍ଥ ନିଆଯାଉଛି । ଏଭଳି ପରିସ୍ଥିତିରେ ଯାଜପୁରବାସୀଙ୍କ ଭାଗ୍ୟରେ ଭଲ ବସଷ୍ଟାଣ୍ଡଟିଏ କେବେ ଜୁଟିବ ବୋଲି ପ୍ରଶ୍ନ ସୃଷ୍ଟି ହୋଇଛି । ଅନ୍ୟ ଜିଲ୍ଲାଗୁଡ଼ିକରେ ଅତ୍ୟାଧୁନିକ ବସ ଟର୍ମିନାଲ ନିର୍ମାଣ ହୋଇ ଲୋକଙ୍କ ସେବାରେ ଲାଗୁଥିବା ବେଳେ ଯାଜପୁର ପରି ବିକାଶଶୀଳ ସହରରେ ବସଷ୍ଟାଣ୍ଡ ପାଇଁ ରାସ୍ତା କଡ଼ ବ୍ୟବସାୟୀ ସମସ୍ୟାରେ ପଡୁଛନ୍ତି । ଗାନ୍ଧୀ ଛକଠାରେ ବସଷ୍ଟାଣ୍ଡକୁ ସଂଯୋଗୀକରଣ ରାସ୍ତା ଏତେ ସଂକୀର୍ଣ୍ଣ ଯେ ଗୋଟିଏ ବସ୍ ଗଲେ ବିପରୀତ ଦିଗରୁ ଆସୁଥିବା ଗାଡ଼ିକୁ ଅପେକ୍ଷା କରିବାକୁ ପଡୁଛି । ଏଥିଯୋଗୁ ଦୋକାନକୁ ଆସୁଥିବା ଗ୍ରାହକ ରାସ୍ତା ଉପରେ ଗାଡ଼ିଟିଏ ରଖି ଜିନିଷ କିଣିବାକୁ ସୁଯୋଗ ପାଉନାହାନ୍ତି । ଗାଡି ରଖି କିଣାବିକା କଲେ ରାସ୍ତାରେ ସଙ୍ଗେସଙ୍ଗେ ଟ୍ରାଫିକ ସମସ୍ୟା ସୃଷ୍ଟି ହେଉଛି । ବସ ଚଳାଚଳ ଯୋଗୁଁ ରାସ୍ତା ସଂଲଗ୍ନ ଦୋକାନଗୁଡିକ ଧୂଳିମୟ ହୋଇଯାଉଛି । ଫଳରେ ବ୍ୟବସାୟ ସମ୍ଭବ ହେଉନଥିବା ମୋବାଇଲ ବ୍ୟବସାୟୀ ଦୁଃଶାସନ ବେହେରା କହିଛନ୍ତି । ସେହିପରି ରାସ୍ତା କଡ଼ରେ ଫଳ ବିକୁଥିବା ଶ୍ରୀକାନ୍ତ ସାହୁ କହିଛନ୍ତି, ସହର ଭିତରେ ବସଷ୍ଟାଣ୍ଡ ଯୋଗୁଁ ରାସ୍ତା କଡରେ ବସିବା ସମ୍ଭବ ହେଉନି । ଦୋକାନ ଖୋଲିବାକୁ ବହୁ ଅସୁବିଧା ହେଉଛି । ଯାଜପୁର ସହରରେ ଭଲ ବସଷ୍ଟାଣ୍ଡଟିଏ ନିର୍ମାଣ ନହେବାଯାଏ ଟ୍ରାଫିକ ସମସ୍ୟା ଦୂର ହୋଇପାରିବ ନାହିଁ ବୋଲି କୁହାଯାଉଛି ।

# ବଢୁଛି କଙ୍କ୍ରିଟ୍ ଆବର୍ଜନା : ଚିନ୍ତାରେ କୋରାପୁଟ ପୌରପାଳିକା ଓ ସହରବାସୀ



କୋରାପୁଟ ,୨୬/୧୦ (ନି.ପ୍ର): ଆଶାତୀତ ଭାବେ ବୃଦ୍ଧି ପାଇଛି କୋରାପୁଟରେ ନିର୍ମାଣ କାର୍ଯ୍ୟ । ସହରର ଅଧିକାଂଶ ଗଳି କନ୍ଦିରେ ଗଢି ଉଠିଲାଣି ବେଆଇନ ବଡ଼ ବଡ଼ କୋଠା । ପୌରପାଳିକାର ବିନା ଅନୁମତିରେ ଏହି କୋଠା ଗୁଡ଼ିକ ନିର୍ମାଣ ହେଉଥିବା ବେଳେ ଲଗାମ ନ ଲଗାଇ ଚୁପ୍ ବସିଛି ପ୍ରଶାସନ ।

ଅନ୍ୟପଟେ କିନ୍ତୁ ସ୍ଥିତି ସଙ୍ଗିନ୍ ହେବାରେ ଲାଗିଲାଣି । ସହରରେ ବର୍ତମାନ ଆଶାତୀତ ଭାବେ ବଢ଼ି ଚାଲିଛି କଙ୍କ୍ରିଟ୍ ଆବର୍ଜନା । ସହରର ଗଳି କନ୍ଦିରେ ଭର୍ତ୍ତି ହୋଇଛି ଏହି ଆବର୍ଜନା । ଗୋଟିଏ ପଟେ ସ୍ୱଚ୍ଛ ଭାରତ ଅଭିଯାନ ନାରା ଦିଆଯାଇ 'ଗ୍ରିନ୍ କୋରାପୁଟ, କ୍ଲିନ୍ ସହର' ବାର୍ତା ବଣ୍ଟନ ଯାଉଥିବା ବେଳେ ସହର ଗଳିକନ୍ଦିର ରାସ୍ତାଘାଟରେ କୁଢକୁଢ କଂକ୍ରିଟ୍ ଆବର୍ଜନ ଗଦା ହେବା ଏହି ଅଭିଯାନ ପ୍ରତି ଉପହାସ ବୋଲି ମନେ ହେଉଛି । ରାସ୍ତା କଡ଼ରେ ଜମି ରହିଥିବା ଏହି ଆର୍ବଜନା ବର୍ଷାଦିନେ ଡ୍ରେନ ଭିତରେ ପଶୁଥିବାରୁ ଡ୍ରେନେଜ୍ ବ୍ୟବସ୍ଥା ବିପନ୍ନ ହେଉଛି । ଅନ୍ୟଦିନେ ରାସ୍ତା ଉପରେ କଂକ୍ରିଟ୍ ଆବର୍ଜନା ଜମି ରହୁଥିବାରୁ ଛୋଟମୋଟ ଦୁର୍ଘଟଣା ମଧ୍ୟ ଘଟୁଥିବା ନଜିର ରହିଛି । ଏଭଳି ସ୍ଥିତି କୋରାପୁଟ ସହର ଗୌତମ ନଗର, ପୂଜାରୀପୁଟ, କହ୍ନେଇପୁଟ, ପିଏଚ୍ଡି କଲୋନି, ବନଭାରତୀ ଅଞ୍ଚଳ, ଟିକିରା ସାହି, ଶାନ୍ତି କୋଲୋନି, ପରଜା ସାହି, ବସ୍ଷ୍ଟାଣ୍ଡ ସହିତ ପୁରୁଣା କୋରାପୁଟ ଭଳି ସାହିରେ ଅଧିକ ଦେଖିବାକୁ ମିଳୁଛି । ତେବେ ନଗରବାସୀ ଘର ଭାଙ୍ଗିବା ପୂର୍ବରୁ ଏନେଇ ପୌରପାଳିକାକୁ ଅବଗତ କରିବା କଥା । ଏହାପରେ ପୌରପାଳିକାର କନିଷ୍ଠ ଯନ୍ତ୍ରୀ ପହଞ୍ଚି ଏହାର ଏଷ୍ଟିମେଟ୍ କରିବେ । ପରେ ଘର ଭାଙ୍ଗିବା ଲୋକ ଅର୍ଥ ପୈଠ କରିବା ପରେ ଅନୁମତି ନେବା କଥା । କିନ୍ତୁ ଲୋକେ ଏହି ଅନୁମତି ନେଉ ନ ଥିବା ଜଣା ପଡ଼ିଛି । ଯିଏ ଯେଉଁଠି ପାରୁଛି କଂକ୍ରିଟ୍ ଆବର୍ଜନା ଗଦେଇ ଦେଉଥିବା ଦେଖିବାକୁ ମିଳୁଛି । ମନେ ହେଉଛି ଯେଉଁଭଳି ସ୍ୱଚ୍ଛତା ଅଭିଯାନ ପାଇଁ ପ୍ରଶାସନ ପକ୍ଷରୁ ନିଆଯାଇଥିବା ପଦକ୍ଷେପ କେବଳ ଧୂଆଁବାଣ ପାଲଟିଛି । କେବଳ କାନ୍ଥ ଅଙ୍କିତ ଚିତ୍ରରେ ହିଁ ସୀମିତ ରହିଛି ସ୍ୱଚ୍ଛତା ଅଭିଯାନ । ରାଜ୍ୟ ସରକାର ଏହି ପୌରପାଳିକା ପାଇଁ କୋଟି କୋଟି ଟଙ୍କା ଖର୍ଚ୍ଚ କରୁଥିଲେ ମଧ୍ୟ ପରିମଳ ବ୍ୟବସ୍ଥାରେ ସୁଧାର ଆସୁନି ।

ପୂଜାରୀପୁଟର ଶ୍ରୀବାସ ଦାଶଙ୍କ କହିବା ଅନୁଯାୟୀ, ଗତ ୩ରୁ ୪ ବର୍ଷ ମଧ୍ୟରେ ଏହି ସାହିରେ ଆଶାତୀତ ଭାବେ କୋଠାବାଡ଼ି ନିର୍ମାଣ କାର୍ଯ୍ୟ ବଢ଼ିବାରେ ଲାଗିଛି । କୋଠା ନିର୍ମାଣ ସମୟରେ ଆବଶ୍ୟକ ପଡୁଥିବା ବାଲି, କଂକ୍ରିଟ୍ ଓ ପଥର ଆଦି ରାସ୍ତା କଡ଼ରେ ପଡ଼ି ରହୁଛି । ଏଥି ସହ ଘରୁ ବାହାରୁଥିବା କଙ୍କ୍ରିଟ୍ ଆବର୍ଜନାକୁ ମଧ୍ୟ ରାସ୍ତାରୁ ହଟାଯାଉନି । ବର୍ଷାଦିନେ ଏହା ଡ୍ରେନେଜ୍ ବ୍ୟବସ୍ଥାକୁ ବିପନ୍ନ କରୁଥିବା ବେଳେ ରାସ୍ତା କଡ଼ରେ ଜମି ରହୁଥିବାରୁ ଟ୍ରାଫିକ ସମସ୍ୟା ବୃଦ୍ଧି ପାଉଛି । ଏଥିପ୍ରତି ପ୍ରଶାସନ ଦୃଷ୍ଟି ଦେବା ଉଚିତ । ଗୌତମ ନଗରର ସାଇ ଶିବ ମହାନ୍ତିଙ୍କ କହିବା ଅନୁଯାୟୀ, ଏହି ଅଞ୍ଚଳରେ ଖାଲି କଙ୍କ୍ରିଟ୍ ଆବର୍ଜନା ବୃଦ୍ଧି ପାଉଛି ତାହା ନୁହେଁ ଲୋକେ ଘରର ଭଗ୍ନାବଶେଷକୁ ରାସ୍ତା କଡ଼ରେ ବେପରୁଆ ଭାବେ ପକାଉଛନ୍ତି । ପ୍ରଶାସନ ପକ୍ଷରୁ କି ପୌରପାଳିକା ପକ୍ଷରୁ ଏନେଇ କୌଣସି ପଦକ୍ଷେପ ନିଆଯାଉ ନଥିବାରୁ ଏହା ଆଶାତୀତ ଭାବେ ବୃଦ୍ଧି ପାଉଛି । ଏଥିଯୋଗୁ ସାଧାରଣଜନତା ପ୍ରଭାବିତ ହେଉଛନ୍ତି । ଏନେଇ ପୌର ନିର୍ବାହୀ ଅଧିକାରୀ ସ୍ୱାତ୍ତିକ ଜମାଦାରଙ୍କ ସହିତ ଯୋଗାଯୋଗ କରିବାରୁ କଠିନବସ୍ତୁ ପରିଚାଳନା ପାଇଁ ପୌରପାଳିକା ବ୍ୟବସ୍ଥା ଗ୍ରହଣ କରୁଛି । କୋରାପୁଟ ସହରର ନିର୍ଦ୍ଦିଷ୍ଟ ସ୍ଥାନ ଏନେଇ ଚିହ୍ନଟ ହୋଇଥିବା କହିଛନ୍ତି ।

# ଆଜି ରାଜ୍ୟରେ ୨୫ କରୋନା ପଜିଟିଭ

ଭୁବନେଶ୍ୱର ,୨୬/୧୦ (ନି.ପ୍ର): ଆଜି ବି ରାଜ୍ୟରେ ଦୈନିକ କରୋନା ସଂକ୍ରମଣ ଶହେ ତଳେ ରହିଛି । ଗତକାଲି ୩୪ ଜଣ କରୋନା ପଜିଟିଭ ଚିହ୍ନଟ ହୋଇଥିବା ବେଳେ ରାଜ୍ୟରେ ଗତ ୨୪ ଘଣ୍ଟା ମଧରେ ୨୫ ଜଣ କରୋନା ପଜିଟିଭ ଚିହ୍ନଟ ହୋଇଛନ୍ତି । ଏମାନଙ୍କ ମଧ୍ୟରୁ ୧୪ ଜଣ ସଙ୍ଗରୋଧ କେନ୍ଦ୍ରରୁ ଚିହ୍ନଟ ହୋଇଥିବା ବେଳେ ୧୧ ଜଣ ପଜିଟିଭ ସ୍ଥାନୀୟ ସଂକ୍ରମଣରୁ ଚିହ୍ନଟ ହୋଇଛନ୍ତି । ଏଥିମଧରେ ୨ ଜଣ ୧୮ ବର୍ଷରୁ କମ୍ ବୟସର ଶିଶୁ- କିଶୋର ଥିବା ଜଣାଯାଇଛି । ଆଜି ରାଜ୍ୟର ୧୦ଟି ଜିଲ୍ଲାରୁ ୨୫ ଜଣ କରୋନା ପଜିଟିଭ ଚିହ୍ନଟ ହୋଇଛନ୍ତି । ଆଜି ସୁନ୍ଦରଗଡ଼ ଜିଲ୍ଲାରୁ ସର୍ବାଧିକ ୪ ଜଣ କରୋନା ପଜିଟିଭ ଚିହ୍ନଟ ହୋଇଛନ୍ତି । ଏନେଇ ରାଜ୍ୟ ସୂଚନା ଓ ଲୋକସଂପର୍କ ବିଭାଗ ପକ୍ଷରୁ ତଥ୍ୟ ପ୍ରଦାନ କରାଯାଇଛି । ଗତ ୨୪ ଘଣ୍ଟା ମଧରେ ବାଲେଶ୍ୱର ଜିଲ୍ଲାରୁ ୧, ବରଗଡ଼ରୁ ୨, କଟକରୁ ୩ ଜଣ, କଳାହାଣ୍ଡିରୁ ୨, ଖୋର୍ଦ୍ଧା ଜିଲ୍ଲାରୁ ୩, ମୟୂରଭଞ୍ଜରୁ ୨, ନୂଆପଡ଼ାରୁ ୧, ପୁରୀରୁ ୩, ସମ୍ବଲପୁରରୁ ୩ ଜଣ, ସୁନ୍ଦରଗଡ଼ରୁ ୪ ଜଣ ଓ ଷ୍ଟେଟପୁଲରୁ ଜଣେ ସଂକ୍ରମିତ ଚିହ୍ନଟ ହୋଇଛନ୍ତି ।

# ତମାଣ୍ଡୋ ଥାନାରେ ନବବଧୂ ହତ୍ୟା ଅଭିଯୋଗ : ଶଶୁର ଓ ସ୍ୱାମୀ ଫେରାର

ଭୁବନେଶ୍ୱର ,୨୬/୧୦ (ନି.ପ୍ର): ତମାଣ୍ଡୋ ଥାନାରେ ନବବଧୂ ହତ୍ୟା ଅଭିଯୋଗ ହୋଇଛି । ଘଟଣାରେ ଜଡ଼ିତ ବୋଲି କୁହାଯାଉଥିବା ଶଶୁର ଓ ସ୍ୱାମୀ ଫେରାର ଥିବାର ସୂଚନା ମିଳିଛି । ଅଭିଯୋଗ ମୁତାବକ ୨୦୨୧ ମସିହା ଜାନୁଆରୀ ୨୦ ତାରିଖରେ ନିଆଳି ବାଆରାଣାର ସୁଶ୍ରୀ ସଙ୍ଗୀତା ବସ୍ତିଆ ନୂଆ ଗାଁ ଗୋବିନ୍ଦପୁରଠାରେ ବାହା ହୋଇଥିଲେ । ପୁଅ ପ୍ରବୀଣ ଚନ୍ଦ୍ର ନାୟକ ପୂର୍ବରୁ ମାଇନ୍ସରେ କାମ କରୁଥିଲେ ବୋଲି ପୁଅଘର ଲୋକ କହିଥିଲେ । କିନ୍ତୁ ସେ ପାଣି ଫ୍ୟାକ୍ଟ୍ରି କରିଥିବା ବେଳେ ସୁଶ୍ରୀ ସଙ୍ଗୀତା ଭୁବନେଶ୍ୱରର ଏକ ଘରୋଇ ନର୍ସିଂହୋମରେ ନର୍ସ ଭାବେ କାମ କରୁଥିଲେ । ସେମାନେ ଭୁବନେଶ୍ୱର କଳିଙ୍ଗ ନଗର କେ ନାଇନରେ ଭଡ଼ା ଘରେ ରହୁଥିଲେ । ଗତକାଲି ଦୀପାବଳି ଥିବା ବେଳେ ହଠାତ ରାତି ୧୧ଟା ବେଳେ ଫୋନ ଆସିଲା । ତମ ଝିଅ ଦେହ ଭଲ ନାହିଁ କହିଲେ ଶାଶୁଘର ଲୋକ । ଆଉ ଶାଶୁ ଘର ଲୋକ ଝିଅର ମୃତଦେହ ଦଉଡ଼ିରୁ ଫିଟାଇ ଏମ୍ସ ନେଇ ଆସିଥିଲେ । ଏପଟେ ନିଆଳିରୁ ବାପଘର ଲୋକେ ଆସିଲା ବେଳକୁ ଏମ୍ସରେ କିନ୍ତୁ ଶାଶୁ ଶଶୁର ସେ ପର୍ଯ୍ୟନ୍ତ ଆସି ପାରିନଥିଲେ । ତେଣୁ ଝିଅକୁ ମାରିଦେଇ ଘରୁ ସବୁ ପ୍ରମାଣ ନଷ୍ଟ କରିଛନ୍ତି ବୋଲି ମୃତ ସଙ୍ଗୀତାଙ୍କ ପରିବାର ଲୋକ ଅଭିଯୋଗ କରିଛନ୍ତ । ଏପଟେ କାଲି ରାତିରେ ପୁଲିସ ଆସିବା ପରଠୁ କେବଳ ଶାଶୁ ହସ୍ପିଟାଲରେ ଅଛନ୍ତି, କିନ୍ତୁ ଶଶୁର ଆଉ ଜ୍ୱାଇଁ ନାହାନ୍ତି । ତେବେ ଝିଅକୁ ଚାକିରି କରି ପଇସା ଦେବାକୁ ବାଧ କରୁଥିଲେ ବୋଲି ମଧ ପରିବାର ଲୋକ କହିଛନ୍ତି ।

# ବାପାଙ୍କୁ ଛୁରାମାଡ଼ କରି ପୁଅ ଫେରାର: ଡାକ୍ତରଖାନାରେ ପୀଡ଼ିତଙ୍କ ମୃତ୍ୟୁ

ଆସିକା ,୨୬/୧୦ (ନି.ପ୍ର): ପାରିବାରିକ କଳହକୁ ନେଇ ଏକ ପରିବାରରେ ଅଭାବନୀୟ ପରିସ୍ଥିତି ଦେଖିବାକୁ ମିଳିଛି । ଗଞ୍ଜାମ ଜିଲ୍ଲା ଆସିକା ଥାନାର ପଡ଼ାଳ ଗ୍ରାମରେ ଏକ ଅଭାବନୀୟ ଘଟଣା ଘଟିଛି । ଏଠାରେ ଘରୋଇ ଗଣ୍ଡଗୋଳ କାରଣରୁ ନିଜ ବାପାଙ୍କୁ ଛୁରାମାଡ଼ କରି ଚମ୍ପଟ ମାରିଛି ପୁଅ । ପରେ ଡାକ୍ତରଖାନାରେ ଡାକ୍ତର ବାପାଙ୍କୁ ମୃତ ଘୋଷଣା କରିଛନ୍ତି । ସୂଚନା ଅନୁଯାୟୀ, ଗତକାଲି ରାତି ପ୍ରାୟ ୮ଟା ବେଳେ ପଡ଼ାଳ ଗ୍ରାମର ଦେବରାଜ ନାହାକ (୬୪ )ଓ ତାଙ୍କ ପୁଅ ଅରୁଣ ନାହାକ (୩୪)ଙ୍କ ମଧରେ କୌଣସି କାରଣରୁ ଝଗଡ଼ା ହୋଇଥିଲା । ଏଥିରେ ଉତକ୍ଷିପ୍ତ ହୋଇ ପୁଅ ଅରୁଣ ବାପା ଦେବରାଜଙ୍କୁ ଏକାଧିକ ବାର ଛୁରାମାଡ଼ କରିଥିଲେ । ଏଭଳି କାଣ୍ଡ ଭିଆଇବା ପରେ ଅରୁଣ ଚମ୍ପଟ ମାରିଥିଲା । ତେବେ ଦେବରାଜଙ୍କୁ ରକ୍ତାକ୍ତ ଅବସ୍ଥାରେ ପରିବାର ଲୋକେ ଆସିକା ଉପଖଣ୍ଡ ଡାକ୍ତରଖାନାକୁ ଆଣିଥିଲେ । ସେଠାରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ । ଘଟଣାସ୍ଥଳରେ ଆସିକା ଥାନା ପୁଲିସ ପହଞ୍ଚି ଶବକୁ ଜବତ କରିବା ସହ ବ୍ୟବଚ୍ଛେଦ ପାଇଁ ପଠାଇଛି । ପୁଲିସ ମାମଲା ରୁଜୁ କରି ଘଟଣାର ତଦନ୍ତ ଜାରି ରଖିଥିବା ବେଳେ ଫେରାର ପୁଅଙ୍କୁ ଖୋଜୁଥିବା ଜଣାଯାଇଛି ।

# ଯବାନଙ୍କ ଘରେ କଳାକନା ବୁଲାଇଲେ ଚୋର



କାମାକ୍ଷାନଗର ,୨୬/୧୦ (ନି.ପ୍ର): ଯବାନଙ୍କ ଘରୁ ଲକ୍ଷାଧିକ ଟଙ୍କାର ସୁନା ଗହଣା ସହ ନଗଦ ୨୦ ହଜାର ଟଙ୍କା ଚୋରି କରି ନେଲେ ଦୁର୍ବୃତ୍ତ । ଢେଙ୍କାନାଳ ଜିଲ୍ଲା କାମାକ୍ଷାନଗର ଥାନା ଅନନ୍ତପୁର ଅଞ୍ଚଳରେ ଏହି ଘଟଣା ଘଟିଛି । ଆର୍ମିରେ ଚାକିରି କରୁଥିବା ସୁଶାନ୍ତ କୁମାର ସାହୁଙ୍କ ଘରୁ ଗତକାଲି ବିଳମ୍ବିତ ରାତିରେ ଏହି ଚୋରି ହୋଇଛି ।

ସୁଶାନ୍ତ ନିଜ ପରିବାର ଲୋକଙ୍କୁ ଧରି ପୈତୃକ ଗାଁ କଙ୍କଡାହାଡ଼ ଥାନା ତରାଜଙ୍ଗ ଗାଁକୁ ଦୀପାବଳି ପାଳନ ପାଇଁ ଯାଇଥିଲେ । ଘରେ କେହି ନ ଥିବାର ସୁଯୋଗ ନେଇ ଦୁର୍ବୃତମାନେ ଘରେ ପଶି କଳାକନା ବୁଲେଇ ଦେଇଛନ୍ତି । ସୁଶାନ୍ତଙ୍କ ପତ୍ନୀ ଅନିତା ସାହୁଙ୍କ ସୁନା ଗହଣା, ଏଟିଏମ କାର୍ଡ ଓ କିଛି ଦରକାରୀ କାଗଜପତ୍ର ଦୁର୍ବୃତମାନେ ନେଇ ପଳାଇଛନ୍ତି । ସକାଳୁ ପଡ଼ୋଶୀମାନେ ଉଠି ଦେଖନ୍ତି ସୁଶାନ୍ତ ଘର ତାଲା ଭାଙ୍ଗି ପଡ଼ିଛି । ଘର ଦୁଆର ଖୋଲା ପଡ଼ିଛି । ତେଣୁ ସେମାନେ ଏ ନେଇ ତୁରନ୍ତ ସୁଶାନ୍ତଙ୍କୁ ଖବର ଦେଇଥିଲେ । ଖବର ପାଇ ସୁଶାନ୍ତ ପହଞ୍ଚି କାମାକ୍ଷାନଗର ଥାନାରେ ଅଭିଯୋଗ କରିଥିଲେ । ଏତଲା ପାଇବା ପରେ ପୁଲିସ ଘଟଣାସ୍ଥଳରେ ପହଞ୍ଚି ଚଳାଇଛି ।

# ୧୩ ଦିନରେ ଭାଷା ଶିକ୍ଷକଙ୍କ ଆନ୍ଦୋଳନ



ବାରିପଦା,୨୫/୧୦(ନି.ପ୍ର): ସାନ୍ତଳ ଜନଜାତିର ମାତୃଭାଷା ସାନ୍ତାଳି ଏବଂ ଏହିଭାଷାର ଲିପି ଅଲଚିକି ୨୦୦୩ ମସିହା ଡିସେମ୍ବର ୨୨ ତାରିଖରେ ସମ୍ବିଧାନର ଅଷ୍ଟମ ପରିଚ୍ଛେଦରେ ସ୍ଥାନିତ ହେବା ପରେ ସାନ୍ତାଳ ଜନଜାତିର ପିଲାମାନେ ନିଜ ମାତୃଭାଷାରେ ଶିକ୍ଷାପାଇବାର ସାମ୍ବିଧାନିକ ଅଧିକାର ହାସଲ କଲେ । ସେହି ଅନୁସାରେ ଓଡିଶା ଶିକ୍ଷା ନିର୍ଦ୍ଦେଶକଙ୍କ କାର୍ଯ୍ୟାଳୟ ଚିଠି ସଂଖ୍ୟା ୧୬୦୮୯ ତା ୧୬/୧୧/୨୦୦୫ ରିଖରେ ମୟୂରଭଂଜ, ସୁନ୍ଦରଗଡ, କେନ୍ଦୁଝର, ବାଲେଶ୍ୱର ଜିଲ୍ଲାର ଜିଲ୍ଲାପାଳ ମାନଙ୍କୁ ସଂଖ୍ୟାଧିକ ସାନ୍ତାଳି ଭାଷାଭାଷି ପିଲା ପଢୁଥିବା ବିଦ୍ୟାଳୟ ଚିହ୍ନଟ କରିବାକୁ ନିର୍ଦ୍ଦେଶ ଦେବାପରେ ମୟୂରଭଂଜ ଜିଲ୍ଲାରେ ୧୫୭୩ଟି ବିଦ୍ୟାଳୟ ଚିହ୍ନଟ କରାଯାଇ ସରକାରଙ୍କୁ ଜିଲ୍ଲା ପ୍ରସାଶନ ପକ୍ଷରୁ ରିପର୍ଟ କରାଯାଇଥିଲା । ୨୦୦୬ ମସିହା ମାର୍ଚ୍ଚ ୨ ତାରିଖରେ ମୁଖ୍ୟମନ୍ତ୍ରୀ ତାଙ୍କର ମୟୂରଭଂଜ ଗସ୍ତ କାଳରେ ପ୍ରଥମ ପର୍ଯ୍ୟାୟରେ ଜିଲ୍ଲାର ୧୦୦ଟି ସ୍କୁଲରେ ସାନ୍ତାଳୀ ଭାଷାରେ ଶିକ୍ଷାଦାନ ନିମନ୍ତେ ଘୋଷଣା କରିଥିଲେ । ଏହାପରେ ମୟୁରଭଂଜ ପ୍ରଶାସନ ସେହି ୧୦୦ ଗୋଟି ବିଦ୍ୟାଳୟ ପାଇଁ ସାନ୍ତାଳୀ ଭାଷା ପ୍ରଶିକ୍ଷକ ବିଜ୍ଞାପନ ପ୍ରକାଶକରି ୨୦୦୭ ମସିହାରୁ ୧୦୦ ଜଣ ସାନ୍ତାଳୀ ଭାଷା ପ୍ରଶିକ୍ଷକ ଚୁକ୍ତି ଭିତିରେ ନିଯୁକ୍ତି ଦେଇଥିଲେ । ପ୍ରଥମେ ଏମାନଙ୍କର ଦରମା ୧ହଜାର ଥିଲା ଯାହା ବର୍ତମାନ ୩୨ଶହ ଟଙ୍କାରେ ପହଂଚିଛି । ଦୀର୍ଘ ୧୫ ବର୍ଷ ହେଲା ସାନ୍ତାଳୀ ଭାଷା ପ୍ରଶିକ୍ଷକ ମାନେ ଅତି ଦୟନୀୟ ଭାବେ କାଳାତିପାତ କରୁଛନ୍ତି । ସରକାରଙ୍କ ଏଭଳି ମନୋଭାବ ଆଦିବାସୀ ମାନଙ୍କ ପ୍ରତି ଓ ସାନ୍ତାଳୀ ଭାଷାପ୍ରତି ଏହା ବଡ ଛଳନା ଓ କୁଠାରଘାତ ବୋଲି ବିଭିନ୍ନ ଆଦିବାସୀ ସଂଗଠନ ପକ୍ଷରୁ କୁହାଯାଇଛି । ତେବେ ମୟୂରଭଂଜ ଜିଲ୍ଲାରେ କାର୍ଯ୍ୟରତ ସାନ୍ତାଳି ଓ ମୁଣ୍ଡାରୀ ଭାଷା ଶିକ୍ଷକ ମାନଙ୍କୁ ନିୟମିତ କରିବା ଦାବୀରେ ଚାଲିଥିବା ଆନ୍ଦୋଳନ ଆଜି ୧୩ଦିନରେ ପହଂଚିଥିବା ବେଳେ, ବର୍ତମାନ ସୁଦ୍ଧା କୌଣଷି ସମାଧାନର ପନ୍ଥା ବାହାରି ପାରିନାହିଁ । ସେମାନେ ନିରନ୍ତର ଭାବରେ ଦୀର୍ଘ ୧୫ ବର୍ଷ ଧରି ନିଜ ମାତୃ ଭାଷାରେ ପିଲା ମାନଙ୍କୁ ପାଠ ପଢାଇବା ସହିତ ଅଧାର କାର୍ଡ, କୋଭିଡ କାମ, ନିର୍ବାଚନ ଆଦି ଅନ୍ୟାନ୍ୟ ଅତିରିକ୍ତ ସରକାରୀ ଦାୟୀତ୍ୱ ସାଧାରଣ ଶିକ୍ଷକ ମାନଙ୍କ ଭଳି ତୁଲାଇ ଆସୁଥିଲେ ମଧ ଏମାନଙ୍କୁ ମାସିକ ମାତ୍ର ୩୨ଶହ ଟଙ୍କା ଦରମା ମିଳୁଛି । ତେବେ କିଛି ଦିନ ପୂର୍ବରୁ ଓଡିଶା ସରକାର ତଥା ମୁଖ୍ୟମନ୍ତ୍ରୀ ରାଜ୍ୟରୁ ଚୁକ୍ତି ଭିତିକ ନିଯୁକ୍ତି ଉଚ୍ଛେଦ କଲେ ବୋଲି ଘୋଷଣା କରିଥିଲେ ମଧ ଏହି ଅଳ୍ପ ସଂଖ୍ୟକ ସାନ୍ତାଳୀ ଏବଂ ମୁଣ୍ଡାରୀ ଭାଷା ଶିକ୍ଷକ ମାନଙ୍କୁ ନିୟମିତ ନକରିବାକୁ ନେଇ ଆନ୍ଦୋଳନ ତୀବ୍ର ହେଉଥିବାର ଦେଖା ଯାଇଛି । ଏହି ଆନ୍ଦୋଳନକୁ ସମର୍ଥନ ଜଣାଇ ଜେଏମଏମ, ପେସା ଗ୍ରାମସଭା, ମାସା ଆର୍ମୀ, ମୟୂରଭଂଜ ମୁକ୍ତି ମୋର୍ଚ୍ଚା, ଭଂଜସେନା ଆଦିବାସୀ ସେଲ, ନିଖିଳ ଓଡିଶା ସାନ୍ତାଳି ଅବିଭାବକ କ୍ରିୟାନୁଷ୍ଠାନ କମିଟି, ଆସେକା ରାଇରଙ୍ଗପୁର, ଭାରତ ଜାକାତ ମାଝି ପାର୍ଗାନା ମହଲ, ଆଦିବାସୀ ଅଧିକାର ମଂଚ, ଭାରତ ମୁଣ୍ଡା ସମାଜ ପ୍ରମୁଖ ଅନୁଷ୍ଠାନ ସହ ବହୁ ସାନ୍ତାଳି ଗ୍ରାମ ମୁଖିଆ ମାନେ ଏବଂ ମୟୂରଭଂଜର ପୂର୍ବତନ ସାଂସଦ ଇଂ ରାମଚନ୍ଦ୍ର ହାଁସଦା, ବିଜେପି ଆଦିବାସୀ ସେଲର ଫାଗୁ ହାଁସଦା, ବଡପଥରା ସରପଂଚ ମଙ୍ଗଲ ଚରଣ ମୁର୍ମୁ ପ୍ରମୁଖ ବହୁ ବ୍ୟକ୍ତି ବିଶେଷ ମଧ ଆନ୍ଦୋଳନକୁ ସମର୍ଥନ ଜଣାଇଥିଲେ ।

## ହରପ୍ରିୟା ମାଉସୀଙ୍କ ସହ ଦୀପାବଳି ପାଳିଲା ଛାତ୍ର କଂଗ୍ରେସ

ବାଲେଶ୍ୱର,୨୫/୧୦(ନି.ପ୍ର): ବାଲେଶ୍ୱର ୯୪ ବର୍ଷ ବୟସ୍କା ସ୍ୱାଭିମାନୀ ହରପ୍ରିୟା ମାଉସୀଙ୍କ ସହ ଛାତ୍ର କଂଗ୍ରେସ କାର୍ଯ୍ୟକର୍ତ୍ତା ଦୀପାବଳି ପାଳନ କରିଛନ୍ତି। ବାଲେଶ୍ୱର ସଂସଦୀୟ କ୍ଷେତ୍ର କଂଗ୍ରେସ ନେତା ନବଜ୍ୟୋତି ପଟନାୟକ ପଠାଇଥିବା ଶାଢ଼ୀ ସହ ଗୌତମ ସାହୁଙ୍କ ନେତୃତ୍ୱରେ ଜିଲ୍ଲା ଛାତ୍ର କଂଗ୍ରେସର କାର୍ଯ୍ୟକର୍ତ୍ତା ସନ୍ଧ୍ୟାରେ ମାଉସୀଙ୍କ ଘରେ ପହଞ୍ଚିଥିଲେ। ସେଠାରେ ଦୀପ ଲଗାଇ, ମିଠା ଖୁଆଇ, ଝରାବତୀ ଲଗାଇ ମାଉସୀ ସହ ସମସ୍ତେ ଦୀପାବଳି ପାଳନ କରିଥିଲେ। ଉଲ୍ଲେଖଯୋଗ୍ୟ ଯେ ହରପ୍ରିୟା ମାଉସୀ ବୟସର ଅପରାହ୍ନରେ ପହଞ୍ଚିଥିଲେ ମଧ ସିନେମା ଛକଠାରେ ଏକ ଦୋକାନ ଚଳାଇ ନିଜ ପରିବାର ଚଳାଉଛନ୍ତି। ସରକାରୀ ସହାୟତାରୁ ବଞ୍ଚିତ ଏହି ବୟସ୍କା ମାଉସୀଙ୍କ ପାଇଁ ଗତ ବର୍ଷ ନବଜ୍ୟୋତି ପଟ୍ଟନାୟକଙ୍କ ନିର୍ଦ୍ଦେଶକ୍ରମେ ବାଲେଶ୍ୱର ଜିଲ୍ଲା ଛାତ୍ର କଂଗ୍ରେସ ଏକ ଘର ତିଆରି କରି ଦେଇଥିଲା। ଚଳିତବର୍ଷ ଦୀପାବଳି ପାଳନ ଅବସରରେ ଯୁବ କଗ୍ରେସ ସାଧାରଣ ସମ୍ପାଦକ ଭବାନୀ ମହାଳିକ, ଛାତ୍ର କଂଗ୍ରେସ ଉପ-ସଭାପତି ଜୀବନ ମହାପାତ୍ର, ସୌରଭ ବେହେରା, ନବପ୍ରସାଦ ଭୂୟାଁ, ଶେଖ ଇମତାଜ, ରଞ୍ଜିତ ସିଂହ ପ୍ରମୁଖ ଉପସ୍ଥିତ ଥିଲେ।

## ସାମାଜିକ ଗଣମାଧ୍ୟମର ଆବଶ୍ୟକତା ଶିର୍ଷକ ଆଲୋଚନାଚକ୍ର



ଉଦଳା,୨୫/୧୦(ନି.ପ୍ର): ସ୍ୱେଚ୍ଛାସେବୀ ସଂଗଠନ ଜନଜାଗୃତି ମଞ୍ଚର ଉଦ୍ୟମରେ ମହିଳା ଶ୍ରମଜୀବିମଞ୍ଚ, ଓଡ଼ିଶା, ଭୁବନେଶ୍ୱରର ସହଯୋଗରେ ଖୁଣ୍ଟା +୩ ଡ଼ିଗ୍ରୀ ମହାବିଦ୍ୟାଳୟର ପରିସରରେ ୟୁଥ ରେଡ଼୍‌କ୍ରସ କାଉନସିଲର ଅଧ୍ୟାପକ ରଞ୍ଜନକୁମାର ମହାପାତ୍ରଙ୍କ ଅଧ୍ୟକ୍ଷତାରେ ସାମାଜିକ ଗଣମାଧ୍ୟମର ଆବଶ୍ୟକତା ଶିର୍ଷକ ଏକ ଆଲୋଚନାଚକ୍ର ଅନୁଷ୍ଠିତ ହୋଇ ଯାଇଛି । ଜନଜାଗୃତିମଞ୍ଚର ଟିମ ଲିଡ଼ର ଗଦାଧର ଦାଶ ଉକ୍ତ ଆଲୋଚନାଚକ୍ରର ଉଦେଶ୍ୟ ସମ୍ପର୍କରେ ପ୍ରାରମ୍ଭରେ ଅବଗତ କରାଇଥିଲେ । ଆଲୋଚକ ଭାବରେ ଅଧ୍ୟାପକ ପ୍ରୋମଦ କୁମାର ମିଶ୍ର, ଅଧ୍ୟାପିକା ବବିତା ମହାନ୍ତ, ବାଣିବ୍ରତ ପ୍ରଧାନ ଓ ମଧୁସ୍ମିତା ପାଇନ ବିଗତ କରୋନା କାଳରେ ସରକାର କିପରି ଅନଲାଇନ ପାଠପଢ଼ାକୁ ଏକମାତ୍ର ବିକଳ୍ପ ଭାବରେ ଗ୍ରହଣ କରିଥିଲେ ଓ ସେ ସମୟର ଅନୁଭବ ବ୍ୟକ୍ତ କରିଥିଲେ । ପରେ ଜାତୀୟ ସେବା ଯୋଜନାର ପ୍ରୋଗ୍ରାମ ଅଫିସର ଅଧ୍ୟାପକ ଗୋପା ସିଂ ଓ ଅଧ୍ୟାପକ ତପନ କୁମାର ବାରିକ, ମୋ କଲେଜ ଅଭିଯାନର କୋଡ଼ିନେଟର ଅଧ୍ୟାପକ ପ୍ରଦୀପ କୁମାର ବେହେରା ପ୍ରମୁଖ ଏଣିକି ଅନଲାଇନରେ ସରକାର ସବୁକିଛିର ବ୍ୟବସ୍ଥା କରୁଛନ୍ତି ଯଥା- ଜାତି ପ୍ରମାଣପତ୍ର, ବାସିନ୍ଦା ପ୍ରମାଣପତ୍ର, ଜମିପଟ୍ଟା ଇତ୍ୟାଦି ପାଇବା ପାଇଁ ଅନଲାଇନରେ ଆବେଦନ କରିବାକୁ ପଡୁଛି , ଧିରେ ଧିରେ ଏହା ସମସ୍ତଙ୍କ ପାଇଁ ବାଧ୍ୟତା ମୂଳକ ହେବ । ଏ ସମ୍ପର୍କରେ ଜ୍ଞାନ ଆମ ପାଖରେ ନଥିଲେ ଆମେ ପଛୁଆ ହୋଇ ରହିଯିବା ବୋଲି କହିଥିଲେ । ଭୁବନେଶ୍ୱରରୁ ଆସିଥିବା ମହିଳା ଶ୍ରମଜୀବି ମଞ୍ଚର ରାଜ୍ୟ ପରିଚାଳକ ପ୍ରସନ୍ନ କୁମାର ପ୍ରଧାନ, ହାସଟାକ ଓରିୟର ମ୍ୟାନେଜର ନିତ୍ୟାନନ୍ଦ ଥାନପତି, କମ୍ୟୁନିକେସନ ଅଫିସର ନବକିଶୋର ପୁଝାରୀ ମୋବାଇଲରେ ଟୁଇଟର ଆକାଉଣ୍ଟ ଖୋଲିବା ଓ ଟୁଇଟ କରି ଆମେ ଆମ ସମସ୍ୟା ଅଧିକାରୀଙ୍କୁ କିପରି ଜଣାଇପାରିବା ସେ ସମ୍ପର୍କରେ ତାଲିମ ପ୍ରଦାନ କରିଥିଲେ ।

## ବରିଷ୍ଠ ସାମ୍ବାଦିକ ପରମାନନ୍ଦ ଦାସଙ୍କ ପରଲୋକ



ଭଦ୍ରକ,୨୫/୧୦(ନି.ପ୍ର): ଓଡ଼ିଶା ପ୍ରସିଦ୍ଧ ଗାନ୍ଧୀ ଓଡ଼ିଶା ବାଳାଶ୍ରମର ପ୍ରତିଷ୍ଠାତା କପିଳ ଦାସଙ୍କ ଜ୍ୟେଷ୍ଠପୁତ୍ର ତଥା ଭଦ୍ରକର ବରିଷ୍ଠ ସାମ୍ବାଦିକ ପରମାନନ୍ଦ ଦାସଙ୍କର ଆଜି କଟକର ଏକ ଘରୋଇ ହସ୍‌ପିଟାଲରେ ୭୬ ବର୍ଷ ବୟସରେ ପରଲୋକ ହୋଇ ଯାଇଛି। ସେ ଦୀର୍ଘ ଦିନ ଧରି ରୋଗଗ୍ରସ୍ତ ହୋଇ ଚିକିତ୍ସାଧିନ ଥିଲେ। ପରମାନନ୍ଦ ଗାନ୍ଧୀ ଓଡ଼ିଶା ବାଳାଶ୍ରମର ଆଜୀବନ ସମ୍ପାଦକ ଥିବା ସହିତ ଭଦ୍ରକର ବିଭିନ୍ନ ଅନୁଷ୍ଠାନ ସହିତ ଜଡ଼ିତ ରହିଥିଲେ। ସେ ଜଣେ ଗାନ୍ଧୀବାଦୀ ନେତା, ଭଦ୍ରକ ପୌରପାଳିକାର ପୂର୍ବତନ ପାରିଷଦ, ଜଣେ ନିଷ୍ଠାବାନ, ନୀତିନିଷ୍ଠ ବ୍ୟକ୍ତିତ୍ୱ ଭାବେ ତାଙ୍କର ଏକ ସ୍ୱତନ୍ତ୍ର ସମ୍ମାନ ରହିଥିଲା। ସେ ଜଣେ ସଚ୍ଚୋଟ ସାମ୍ବାଦିକ ଭାବେ ବହୁ ଖବରକାଗଜରେ କାର୍ଯ୍ୟ କରିଥିଲେ। ଆଜି ଅପରାହ୍ଣ ୪ଟା୨୦ରେ ତାଙ୍କର ମୃତ୍ୟୁ ଖବର ପାଇ ତ୍ୟାଭଗୂମି ସାଂସ୍କୃତିକ ସମ୍ମେଳନ ପକ୍ଷରୁ ନରିପୁରରେ ଏକ ଶ୍ରଦ୍ଧାଞ୍ଜଳି ସଭା ଅନୁଷ୍ଠିତ ହୋଇଥିଲା। ତ୍ୟାଗଭୂମିର ସଭାପତି ଅଜୟ ନାୟକଙ୍କ ପୌରୋହିତ୍ୟରେ ଅନୁଷ୍ଠିତ ଏହି ଶୋକସଭାରେ ନାଟ୍ୟନିର୍ଦ୍ଦେଶକ ବିଜୟ ଦାସ, ସୁଧାକର ରାଉତ, କଣ୍ଠଶିଳ୍ପୀ ରାମନାରାୟଣ ମହାନ୍ତି, ଅଧ୍ୟାପକ ଅଭୟ ଦାସ, ବସନ୍ତ ମହାନ୍ତି, ଅଧିବକ୍ତା ଗଦାଧର ବଳ, ସମାଜସେବୀ ଦୋଳଗୋବିନ୍ଦ ନାୟକ, ଗୌରାଙ୍ଗ ବାରିକ, ମାନସ ମିଶ୍ର ପ୍ରମୁଖ ଯୋଗ ଦେଇ ଦିବଂଗତ ଆତ୍ମାର ସଦ୍‌ଗତି କାମନା କରିବା ସହ ସ୍ମୃତିଚାରଣ କରିଥିଲେ।

## 'ସାଇ ଦେବରାଜ ଏଜେନ୍ସି' ପକ୍ଷରୁ ଦୃଷ୍ଟିହୀନଙ୍କ ନିମନ୍ତେ ବିଦ୍ୟାଳୟରେ ଦୀପାବଳି

ବାଲେଶ୍ୱର,୨୫/୧୦(ନି.ପ୍ର): 'ସାଇ ଦେବରାଜ ଏଜେନ୍ସି' ପକ୍ଷରୁ ସହରର ରାଣୀପାଟଣା ସ୍ଥିତ ଦୃଷ୍ଟିହୀନଙ୍କ ନିମନ୍ତେ ବିଦ୍ୟାଳୟ ଛାତ୍ରଛାତ୍ରୀଙ୍କ ସହ ଆଲୋକର ପର୍ବ 'ଦୀପାବଳି' ପାଳିତ ହୋଇଯାଇଛି । ଏଜେନ୍ସିର ମୁଖ୍ୟ ଯୁବ ସଙ୍ଗଠକ ଧୀରେନ ନାୟକଙ୍କ ପୌରୋହିତ୍ୟରେ ଆୟୋଜିତ କାର୍ଯ୍ୟକ୍ରମରେ ପୂର୍ବତନ ବାଲେଶ୍ୱର ପୌରପାଳ ଆଲୋକ କୁମାର ସାହୁ, ଶେଖ ଆୟୁବ, ସବିତା ରାଣୀ ସାହୁ, ଅର୍ପିତା ପ୍ରିୟଦର୍ଶିନୀ ପଟ୍ଟନାୟକ, ଶଶିରେଖା ମହାନ୍ତି ପ୍ରମୁଖ କାଉନସିଲରଙ୍କ ସମେତ ଶେଖ ଅନସର ଯୋଗଦେଇ ଦୀପାବଳି ପାଳନର ଯଥାର୍ଥତା ସମ୍ପର୍କରେ ଆଲୋଚନା କରିଥିଲେ। ଦୃଷ୍ଟିହୀନ ଛାତ୍ରଛାତ୍ରୀଙ୍କ ସହ ବାଣ ରୋଷଣି ଜାଳି ଅତିଥିମାନେ ଦୀପାବଳି ପାଳନ କରିଥିଲେ। ଅନୁଷ୍ଠାନର ଶିଶୁମାନଙ୍କ ମୁହଁରେ ହସ ଫୁଟାଇବା ଉଦେଶ୍ୟରେ ଏହି ଭଳି ପ୍ରୟାସ ଅନ୍ୟମାନଙ୍କ ପାଇଁ ଉଦାହରଣ ସୃଷ୍ଟି କରିପାରିଛି ବୋଲି ଅତିଥିମାନେ ମତ ପ୍ରକାଶ କରିଥିଲେ। ନିଜେ ଖୁସି ରହିବା ସହିତ ସମାଜର ଦୁସ୍ଥ ଓ ଅବହେଳିତଙ୍କୁ ଖୁସି ରଖିବାରେ ଜୀବନ ସାର୍ଥକତା ଥାଏ ବୋଲି ସେମାନେ କହିଥିଲେ। ଏହି ଅବସରରେ ସେମାନେ ଶିଶୁମାନଙ୍କୁ ମିଷ୍ଟାନ୍ନ ପ୍ରଦାନ କରିଥିଲେ ।

# ପ୍ରଥମ ପୃଷ୍ଠାର ଅବଶିଷ୍ଟାଂଶ ...

## ଆକାଶରେ ଦୃଶ୍ୟମାନ ....

ହୋଇଛି ସୂର୍ଯ୍ୟପରାଗର ଚିତ୍ର । ଭାରତରେ ପ୍ରଥମେ ଅମୃତଶରରେ ଦେଖିବାକୁ ମିଳିଥିଲା ପରାଗ ସମୟର ଦୃଶ୍ୟ । ୪.୧୬ରେ ପରାଗ ଅମୃତସରରେ ଦୃଶ୍ୟମାନ ହୋଇଥିଲା ସୂର୍ଯ୍ୟପରାଗ । ହରିଦ୍ୱାରରେ ସୂର୍ଯ୍ୟପରାଗର ଦୃଶ୍ୟକୁ ଟେଲିସ୍କୋପ ସହାୟତାରେ ଦେଖିଥିଲେ ଉତରପ୍ରଦେଶ ମୁଖ୍ୟମନ୍ତ୍ରୀ ଯୋଗୀ ଆଦିତ୍ୟନାଥ । ସୂର୍ଯ୍ୟପରାଗ ଲାଗିବା ପରେ ସୂର୍ଯ୍ୟର ରଙ୍ଗ ବଦଳିବାରେ ଲାଗିଥିଲା । କେତେବେଳେ ନାରଙ୍ଗୀ, ତ ଆଉ କେତେବେଳେ ଲାଲ ପୁଣି କେତେବେଳେ ସମ୍ପୂର୍ଣ୍ଣ ଗୋଲାପି ଦେଖାଯାଉଥିଲା ସୂର୍ଯ୍ୟ । ଆକାଶର ରଙ୍ଗ ବି ବଦଳି ଯାଇଥିଲା । ଲାଲ ହୋଇଯାଇଥିଲା ପୂରା ଆକାଶ । ଯେତେବେଳେ ସୂର୍ଯ୍ୟ ଓ ପୃଥିବୀ ମଝିରେ ଚନ୍ଦ୍ର ଅତିକ୍ରମ କରିଥାଏ । ସେହି ସମୟରେ କିଛି ସମୟ ପାଇଁ ସୂର୍ଯ୍ୟ ଓ ପୃଥିବୀ ମଧ୍ୟରେ ଚନ୍ଦ୍ର ଏକ ସରଳରେଖାରେ ରହିଥାନ୍ତି । ପୃଥିବୀର ଗୋଟିଏ ପାଶ୍ୱର୍ରେ ଚନ୍ଦ୍ରର ଛାଇ ପଡିଥାଏ । ଏହାକୁ ସୂର୍ଯ୍ୟପରାଗ କୁହାଯାଏ । ଏହାକୁ ରାହୁର ପ୍ରଭାବ ବୋଲି କହିଥାନ୍ତି ଜ୍ୟୋତିଷ । ସୂର୍ଯ୍ୟପରାଗ ସମୟରେ ଗୋଟିଏ ପ୍ରମୁଖ ଗ୍ରହ ବୁଧ, ଗୁରୁ, ଶୁକ୍ର, ଶନି ନିଜ ନିଜ ଘରରେ ରହୁଥିବାରୁ ସାଧାରଣ ଲୋକଙ୍କ ବିଶେଷ ସତର୍କତା ଅବଲମ୍ବନ କରିବାକୁ ଜ୍ୟୋତିଷମାନେ ପରାମର୍ଶ ଦେଇଥିଲେ ।

## ବ୍ରିଟେନରେ ଆରମ୍ଭ ହେଲା....

ନେବା ପରେ ସେ ଦେଶର ଅର୍ଥନୀତିକୁ ସଜାଡ଼ିବାକୁ ବଡ଼ ଘୋଷଣା କରିଛନ୍ତି। ସେ କହିଛନ୍ତି, "ଆମ ଦେଶ ବର୍ତ୍ତମାନ ସାଂଘାତିକ ଅର୍ଥନୀତିକ ସମସ୍ୟା ଦେଇ ଗତି କରିଛୁ। କଠିନ ଓ କଷ୍ଟଦାୟକ ନିଷ୍ପତ୍ତି ଆଗକୁ ଆସିବ।" ସୁନକ ପୂର୍ବରୁ ବୋରିସ ଜନସନଙ୍କ ସରକାରରେ ଅର୍ଥମନ୍ତ୍ରୀ ଥିଲେ। ବିବାଦ କାରଣରୁ ଜନସନ ଇସ୍ତଫା ଦେବାରୁ ପ୍ରଧାନମନ୍ତ୍ରୀ ପଦ ପାଇଁ ନିର୍ବାଚନ ହୋଇଥିଲା। ସୁନକଙ୍କୁ ହରାଇ ଲିଜ ଟ୍ରସ ପ୍ରଧାନମନ୍ତ୍ରୀ ଦାୟିତ୍ୱ ନେଇଥିଲେ। କିନ୍ତୁ ଶପଥ ନେବାର ୪୫ ଦିନ ପରେ ସେ ଦେଶର ଅର୍ଥନୀତି ଓ ନିଜର ପ୍ରତିଶ୍ରୁତି ପୂରଣ କରି ନ ପାରିବାରୁ ଇସ୍ତଫା ଦେଇଥିଲେ। ସେ ଇସ୍ତଫା ଦେବା ପରେ ସୁନକ ପ୍ରଧାନମନ୍ତ୍ରୀ ପଦ ପାଇଛନ୍ତି। ଆଜି ଲିଜ ଟ୍ରସ ମଧ ରାଜା ଚାର୍ଲସ ତୃତୀୟଙ୍କୁ ଭେଟିଥିଲେ। ଏହି ସମୟରେ ସେ ନିଜର ଇସ୍ତଫାପତ୍ର ରାଜାଙ୍କୁ ଦେଇଥିଲେ। ଏଥିସହ ନିଜର ବିଦାୟୀ ଭାଷଣରେ ପ୍ରଧାନମନ୍ତ୍ରୀ ଋଷି ସୁନକଙ୍କ ସଫଳତା କାମନା କରିଥିଲେ।

## ବାଂଲାଦେଶରେ ସିତ୍ରାଙ୍ଗ ତାଣ୍ଡବ....

ପ୍ରାଣ ହରାଇଥିଲା ବେଳେ ନାଙ୍ଗାଲକୋଟ ରିଜନୀର କୌମିଲ୍ଲାରେ ଜଣେ ଦମ୍ପତି ଓ ସେମାଙ୍କ ଛୋଟ ପିଲାର ମୃତ୍ୟୁ ଘଟିଛି। ଏମାନେ ଘର ଭିତରେ ରହିଥିବା ବେଳେ ଗୋଟିଏ ବଡ଼ ଗଛ ଏହା ଉପରେ ପଡ଼ି ଯାଇଥିଲା। ଫଳରେ ବାପା, ମା' ଓ ଛୋଟ ପିଲାର ଜୀବନ ଯାଇଛି। ହଜାରିବାଗ ଅଞ୍ଚଳରେ ଜଣେ ରିକ୍ସା ଚାଳକଙ୍କ ଉପରେ କାନ୍ଥ ପଡ଼ିଯିବାରୁ ତାଙ୍କର ମୃତ୍ୟୁ ଘଟିଛି। ଚିଓାଗଥଙ୍ଗର ସିତାକୁଣ୍ଡାର ରିଜନର ଗୋଟିଏ ନାଳରୁ ଜଣେ ଛୋଟ ପିଲାର ମୃତଦେହ ଉଦ୍ଧାର କରାଯାଇଛି। ପ୍ରଖର ସ୍ରୋତରେ ପିଲାଟି କୌଣସି ଉପର ଅଞ୍ଚଳକୁ ଭାସି ଆସିଥିବା ପୁଲିସ୍ ? ସନ୍ଦେହ କରୁଛି। ପାତୁଖାଲି ଓ ସିରାଜଗଞ୍ଜରେ ଡଙ୍ଗା ଓଲଟି ୩ ଜଣ ପ୍ରାଣ ହରାଇଛନ୍ତି। ଗଛ ପଡ଼ିବା ଯୋଗୁ ଆଉ ୪ ଜଣ ଓ କାନ୍ଥ ପଡ଼ି ୨ ଜଣ ଲୋକ ବିଭିନ୍ନ ଉପକୂଳବର୍ତ୍ତୀ ଜିଲ୍ଲାରେ ଆଖି ବୁଜିଥିବା ପ୍ରଶାସନ ସୂଚନା ଦେଇଛି।

## ଧାମନଗରରେ କିଏ ବାଣ୍ଟୁଛି ....

ସୁଲତା ଦେଓଙ୍କ ଉପସ୍ଥିତିରେ ଏହି ଘୋଷଣା କରୁଛନ୍ତି ସ୍ଥାନୀୟ ବିଜେଡି ନେତା । ଏହି ଭାଇରାଲ ଭିଡିଓକୁ ନେଇ ଏବେ ଚର୍ଚ୍ଚା ଜୋର ଧରିଛି । ଧାମନଗର ନିର୍ବାଚନମଣ୍ଡଳୀରେ ଏସଏଚଜି ମହିଳା ଟଙ୍କା ବାଣ୍ଟୁଥିବା ଅଭିଯୋଗ ହୋଇଛି । ଏ ସମ୍ପର୍କିତ ଏକ ଭିଡିଓ ଏବେ ସାମ୍ନାକୁ ଆସିଛି । ଏକ ସ୍କୁଟିରେ ଜଣେ ମହିଳା ଗାଁରେ ପହଞ୍ଚି ମହିଳାଙ୍କୁ ଡାକି ଟଙ୍କା ବାଣ୍ଟୁଛନ୍ତି । ଆଉ ସେହି ସମୟର ଦୃଶ୍ୟକୁ କେହି ଜଣେ ମୋବାଇଲରେ କଏଦ କରି ଏବେ ସୋସିଆଲ ମିଡିଆରେ ଭାଇରାଲ କରି ଦେଇଛି । କୁହାଯାଉଛି ଟଙ୍କା ଦେଉଥିବା ମହିଳା ଜଣକ ଏସଏଚଜି ସଦସ୍ୟ, ଆଉ ଭୋଟ ପାଇଁ ସେ ଟଙ୍କା ଦେଉଛନ୍ତି । ଧାମନଗର ଉପନିର୍ବାଚନ ପାଇଁ ଟଙ୍କା ଉଡୁଛି । ଆଉ ଏପଟେ ବିଜେଡି-ବିଜେପି ମଧ୍ୟରେ ଆରୋପ ପ୍ରତ୍ୟାରୋପ ଆରମ୍ଭ ହୋଇଛି । ଉଭୟ ଦଳ ପରସ୍ପର ଉପରେ ଟଙ୍କା ବାଣ୍ଟୁଥିବା ଅଭିଯୋଗ ଆଣିଛନ୍ତି । ବିଜେପି ରାଜ୍ୟ ସଭାପତି ସମୀର ମହାନ୍ତିଙ୍କ ନେତୃତ୍ୱରେ ବିଜେପିର ଏକ ପ୍ରତିନିଧିମଣ୍ଡଳୀ ସିଇଓଙ୍କୁ ଭେଟିଛନ୍ତି । ଶାସକ ଦଳ ଭୋଟ ପାଇଁ ଟଙ୍କା ବାଣ୍ଟୁଥିବା ଅଭିଯୋଗ ଆଣିଛି ବିଜେପି । ସେହିପରି ବିଜେଡି ମୁଖପାତ୍ର ଲେନିନ ମହାନ୍ତିଙ୍କ ନେତୃତ୍ୱରେ ବିଜେଡିର ଏକ ପ୍ରତିନିଧି ମଣ୍ଡଳୀ ସିଇଓଙ୍କୁ ଭେଟିଛନ୍ତି । ଦଳ ଅଭିଯୋଗ କରିଛି ବିଜେପି ବେଆଇନ ଭାବେ ଭୋଟରଙ୍କୁ ପ୍ରଲୋଭିତ କରୁଛି । ଏଣୁ ପ୍ରଶ୍ନ ଉଠୁଛି ଧାମନଗରରେ ଟଙ୍କା ବାଣ୍ଟୁଛି କିଏ ।

## ବିନା ପ୍ରମାଣରେ ସ୍ୱାମୀକୁ ମଦୁଆ ....

ହାଇକୋର୍ଟରେ ଚ୍ୟାଲେଞ୍ଜ ଦେଇଥିଲେ । ଏହି ମାମଲାରେ ବିବାହ ବିଚ୍ଛେଦକୁ ଅନୁମତି ଦିଆଯାଇଥିଲା । ଅଭିଯୋଗକାରୀ ମହିଳାଙ୍କ ସ୍ୱାମୀ ଜଣେ ଅବସରପ୍ରାପ୍ତ ସେନା କର୍ମଚାରୀ । ଏହି ମାମଲାରେ ଶୁଣାଣି ହାଇକୋର୍ଟରେ ବହୁତ ଡେରି ହୋଇଥିବା ବେଳେ ତାଙ୍କର ମୃତ୍ୟୁ ହୋଇଯାଇଥିଲା । ଏହାପରେ କୋର୍ଟ ତରଫରୁ ତାଙ୍କ ଆଇନଗତ ଉତ୍ତରାଧିକାରୀଙ୍କୁ ପ୍ରତିବାଦୀ ଭାବେ ସାମିଲ କରିବାକୁ କୋର୍ଟ ନିର୍ଦ୍ଦେଶ ଦେଇଥିଲେ । ଏହି ମାମଲାରେ ମହିଳା ଜଣଙ୍କ କୋର୍ଟରେ ଅଭିଯୋଗ କରିଥିଲେ କି ତାଙ୍କ ସ୍ୱାମୀ ଜଣେ ଚରିତ୍ରହୀନ ଓ ମଦୁଆ । ଏହି କାରଣରୁ ସେ ତାଙ୍କ ବୈବାହିକ ଜୀବନର ଅଧିକାରରୁ ବଞ୍ଚିତ ହୋଇଥିଲେ । ଏହି ମାମଲାର ଶୁଣାଣି କରି ଖଣ୍ଡପୀଠ କହିଛନ୍ତି କି ବିନା ପ୍ରମାଣରେ କୌଣସି ସ୍ତ୍ରୀ ତାର ସ୍ୱାମୀକୁ ଚରିତ୍ରହୀନ ବା ମଦୁଆ କହିପାରିବ ନାହିଁ । ଯଦି ଏଭଳି କୁହନ୍ତି ତେବେ ଏହା ନିଷ୍ଠୁରତା ବୋଲି ଗ୍ରହଣ କରାଯିବ ।

## ଖୁବ ଆନନ୍ଦଦାୟକ ହୋଇ ଉଠିଛି ସୁରଭି : କୃଷ୍ଣ ଚନ୍ଦ୍ର ମହାନ୍ତ

ଉଦଳା,୨୫/୧୦(ନି.ପ୍ର): ପାଟଣାଣିପୁର ଆଞ୍ଚଳିକ ସାଧନକେନ୍ଦ୍ର ସ୍ତରୀୟ ଶିଶୁ ମହୋତ୍ସବ ସୁରଭି – ୨୦୨୨ ଅନୁଷ୍ଠିତ ହୋଇଯାଇଛି । କରୋନା ପାଇଁ କ୍ରମାଗତ ୨ ବର୍ଷ ଧରି ଶିଶୁ ମହୋତ୍ସବ ବନ୍ଦ ହୋଇଯାଇଥିବା ବେଳେ ଚଳିତ ବର୍ଷ ପିଲାଙ୍କ ମଧ୍ୟରେ ଆନନ୍ଦ କହିଲେ ନସରେ ବୋଲି ସିଆରସିସି କୃଷ୍ଣଚନ୍ଦ୍ର ମହାନ୍ତ ଜଣାଇଛନ୍ତି । ସେହିପରି କ୍ରୀଡ଼ା ଶିକ୍ଷକ କୋକିଳଚନ୍ଦ୍ର ମହାନ୍ତ, ପ୍ରଧାନ ଶିକ୍ଷକ ବିରେନ୍ଦ୍ର ଶତପଥୀ ଓ ପ୍ରଧାନ ଶିକ୍ଷୟିତ୍ରୀ ଆରତିମଣି ସିଂ ଚଳିତ ବର୍ଷ ପିଲାଙ୍କ ଖୁସି ଦେଖି ଏତେ ଆନନ୍ଦ ଲାଗୁଛି ଯେ ଖେଳ ପଡ଼ିଆ ଛାଡ଼ି ଗୋଟିଏ ମୁହୂର୍ତ୍ତବି ଯିବାକୁ ଇଚ୍ଛା ହେଉ ନାହିଁ ବୋଲି କହିଥିଲେ । ଉକ୍ତ କ୍ଲଷ୍ଟର ଅଧିନରେ ଥିବା ସମସ୍ତ ବିଦ୍ୟାଳୟରୁ ଶତାଧିକ ଛାତ୍ର ଛାତ୍ରୀ ବିଭିନ୍ନ ପ୍ରକାର ପ୍ରତିଯୋଗିତାରେ ଅଂଶ ଗ୍ରହଣ କରିଥିଲେ । ପୁରସ୍କାର ବିତରଣ ଉତ୍ସବରେ ପଞ୍ଚାୟତ ସଭ୍ୟା ସ୍ନେହଲତା ସିଂ, ପୁର୍ବତନ ସରପଞ୍ଚ କରୁଣାକର ମାଝୀ, ପରିଚାଳନା କମିଟି ସଭାପତି ଶ୍ରୀଧର ସିଂ, ପ୍ରଧାନ ଶିକ୍ଷକ ମେଘନାଦ ମୁର୍ମୁ ଓ ଶିକ୍ଷାବିତ ବୁଦ୍ଧଦେବ ସିଂ ଅତିଥି ଭାବରେ ଯୋଗ ଦେଇ କୃତି ପ୍ରତିଯୋଗିଙ୍କୁ ପୁରସ୍କାର ବିତରଣ କରିଥିଲେ । ପ୍ରାରମ୍ଭରେ ରେଣୁବାଳା ସିଂ ଅତିଥି ପରିଚୟ ଓ ସ୍ୱାଗତ ଭାଷଣ ପ୍ରଦାନ କରିଥିବା ବେଳେ ବିରକିଶୋର ସିଂ ଧନ୍ୟବାଦ ଅର୍ପଣ କରିଥିଲେ ।

# କାରଗିଲ୍‌ଠାରେ ସଶସ୍ତ୍ର ସେନାବାହିନୀ ସହିତ ଦୀପାବଳି ଉତ୍ସବ ପାଳନ କଲେ ପ୍ରଧାନମନ୍ତ୍ରୀ

ନୂଆଦିଲ୍ଲୀ,୨୫/୧୦(ନି.ପ୍ର): ଦୀପାବଳି ଉତ୍ସବକୁ ସଶସ୍ତ୍ର ସେନା ବାହିନୀ ସହିତ ପାଳନ କରିବାର ପରମ୍ପରାକୁ ବଜାୟ ରଖି ପ୍ରଧାନମନ୍ତ୍ରୀ ଏହି ଦୀପାବଳିକୁ କାରଗିଲ୍ ଠାରେ ଥିବା ସେନା ମାନଙ୍କ ସହିତ ପାଳନ କରିଛନ୍ତି। ସାହସୀ ଯବାନ ମାନଙ୍କୁ ସମ୍ବୋଧିତ କରି ପ୍ରଧାନମନ୍ତ୍ରୀ କହିଥିଲେ ଯେ , କାରଗିଲ୍ ର ମାଟି ପ୍ରତି ସମ୍ମାନ ତାଙ୍କୁ ସର୍ବଦା ସଶସ୍ତ୍ର ବାହିନୀର ସାହସୀ ପୁଅ ଓ ଝିଅ ମାନଙ୍କ ପ୍ରତି ଆକର୍ଷିତ କରିଥାଏ। ପ୍ରଧାନମନ୍ତ୍ରୀ କହିଥିଲେ ଯେ, "ବର୍ଷ ବର୍ଷ ଧରି ଆପଣ ମାନେ ମୋ ପରିବାରର ଏକ ଅଂଶ ହୋଇ ରହି ଆସିଛନ୍ତି । ପ୍ରଧାନମନ୍ତ୍ରୀ ସୂଚାଇ ଦେଇଥିଲେ ଯେ, ଯବାନ ମାନଙ୍କର ଉପସ୍ଥିତିରେ ଦୀପାବଳିର ମଧୁରତା ବୃଦ୍ଧି ପାଇଥାଏ ଏବଂ ସେମାନଙ୍କ ମଧ୍ୟରେ ରହିଥିବା ଦୀପାବଳିର ଆଲୋକ ସେମାନଙ୍କର ଉତ୍ସାହକୁ ଅଧିକରୁ ଅଧିକୁ କରିଥାଏ। ଗୋଟିଏ ପକ୍ଷରେ, ମାତୃଭୂମି ପ୍ରତି ଭଲ ପାଇବା ରହିଥିବା ବେଳେ, ଅନ୍ୟ ପକ୍ଷରେ ସାହସୀ ଯବାନ ମାନେ ଏଠାରେ ଅଛନ୍ତି । ମୁଁ ଅନ୍ୟ କୌଣସି ସ୍ଥାନରେ ଏପରି ଦୀପାବଳି ଆଶା କରି ନଥାଏ "। ପ୍ରଧାନମନ୍ତ୍ରୀ ମନ୍ତବ୍ୟ ଦେଇଥିଲେ ଯେ ଆମର ପରମ୍ପରା ତଥା ସଂସ୍କୃତିର ଏକ ଅଂଶ ହୋଇଥିବା ସାହସ ଏବଂ ସାହସିକତାର ଉତ୍ସବ ଭାରତ ଆନନ୍ଦ ସହକାରେ ପାଳନ କରେ। ପ୍ରଧାନମନ୍ତ୍ରୀ କହିଥିଲେ ଯେ, ଆଜି କାରଗିଲ୍ ର ବିଜୟ ଭୂମିରୁ, " ମୁଁ ଭାରତ ତଥା ସାରା ବିଶ୍ୱର ସମସ୍ତଙ୍କୁ ଦୀପାବଳି ଉତ୍ସବ ପାଇଁ ଅନେକ ଅନେକ ଶୁଭେଚ୍ଛା ଜଣାଉଛି ।" ପ୍ରଧାନମନ୍ତ୍ରୀ ଦର୍ଶାଇ ଥିଲେ ଯେ, ପାକିସ୍ତାନ ବିରୋଧରେ ଏପରି କୌଣସି ଯୁଦ୍ଧ ହୋଇ ନାହିଁ ଯେତେବେଳେ କାରଗିଲ୍ ବିଜୟୀ ହେବା ପରେ ତ୍ରିରଙ୍ଗା ପତାକାକୁ ସେଠାରେ ଉଡାଇ ନାହିଁ । ଆଜିର ଦୁନିଆରେ ଭାରତର ଇଚ୍ଛା ବିଷୟରେ ପ୍ରଧାନମନ୍ତ୍ରୀ ଟିପ୍ପଣୀ କରି କହିଥିଲେ ଯେ, ଆଲୋକର ପର୍ବ ବର୍ତ୍ତମାନ ସମୟର ଭୂ - ରାଜନୈତିକ ଦୃଶ୍ୟପଟ୍ଟରେ ଶାନ୍ତି ଏବଂ ସମୃଦ୍ଧତାର ପଥକୁ ଆଲୋକିତ କରିବ। ଦୀପାବଳି ପର୍ବର ମହତ୍ୱ ସମ୍ପର୍କରେ ବର୍ଣ୍ଣନା କରି ପ୍ରଧାନମନ୍ତ୍ରୀ କହିଥିଲେ ଯେ, "ଏହା ହେଉଛି ଆତଙ୍କବାଦ ଶେଷ ହେବାର ପର୍ବ ।" ଦୀପାବଳି ପର୍ବକୁ ବର୍ଣ୍ଣନା କରି ପ୍ରଧାନମନ୍ତ୍ରୀ ମନ୍ତବ୍ୟ ଦେଇଥିଲେ ଯେ କାରଗିଲ୍ ଠିକ୍ ସେହିପରି କରିଥିଲା ଏବଂ ସେହି ବିଜୟର ଉତ୍ସବକୁ ଆଜି ମଧ ସ୍ମରଣ କରା ଯାଇଥାଏ ।" ପ୍ରଧାନମନ୍ତ୍ରୀ କହିଥିଲେ ଯେ "ଆମେ ଯେଉଁ ଭାରତକୁ ସମ୍ମାନ ଦେଉଛୁ ତାହା କେବଳ ଏକ ଭୌଗୋଳିକ ଅଂଚଳ ନୁହେଁ ବରଂ ଜୀବନ୍ତ ଆତ୍ମା, ନିରନ୍ତର ଚେତନା, ଅମର ଅସ୍ତିତ୍ୱ " ବୋଲି ପ୍ରଧାନମନ୍ତ୍ରୀ କହିଥିଲେ । ଶ୍ରୀ ମୋଦୀ କହିଥିଲେ ଯେ, "ଯେତେବେଳେ ଆମେ ଭାରତ ବିଷୟରେ କିଛି କହିଥାଉ, ଭାରତର ସଂସ୍କୃତିର ଅନନ୍ତ ଚିତ୍ର ଆମ ସାମ୍ନାକୁ ଆସେ, ଐତିହ୍ୟର ଚକ୍ର ନିଜକୁ ନିର୍ମାଣ କରିଥାଏ ଏବଂ ଭାରତର ଶକ୍ତିର ମଡେଲ ବୃଦ୍ଧି ପାଇବାରେ ଲାଗିଥାଏ ।" ସେ ଆହୁରି ମଧ କହିଥିଲେ ଯେ ଭାରତ ହେଉଛି ଏପରି ଏକ ଅସ୍ତ୍ରଶସ୍ତ୍ର ଗୁଡିକର ପ୍ରବାହ ଯାହା ଗୋଟିଏ ପଟେ ଆକାଶ - ଉଚ୍ଚ ହିମାଳୟରୁ ଆରମ୍ଭ ହୋଇ ଭାରତ ମହାସାଗରକୁ ଘେରି ରହିଥାଏ । ପ୍ରଧାନମନ୍ତ୍ରୀ ମନେ ପକାଇ ଥିଲେ ଯେ ଅତୀତର ଅନେକ ସମୃଦ୍ଧ ସଭ୍ୟତା ଗୁଡିକ ବାଲି ଶଯ୍ୟାରେ ପରିଣତ ହୋଇଥିଲା କିନ୍ତୁ ଭାରତର ସାଂସ୍କୃତିକ ସ୍ରୋତର ଅସ୍ତିତ୍ୱ ନିରବଚ୍ଛିନ୍ନ ରହିଛି ।

# ମା' ଭଦ୍ରକାଳୀଙ୍କ ବେଦମାତା ଓ ମହାକାଳୀ ବେଶ



ଭଦ୍ରକ,୨୫/୧୦(ନି.ପ୍ର): ଭଦ୍ରକର ଅଧିଷ୍ଠାତ୍ରୀ ଦେବୀ ମା' ଭଦ୍ରକାଳୀଙ୍କ ପୀଠରେ ସପ୍ତମାତୃକା ବେଶର ପ୍ରଥମ ଦିନରେ ମା'ଙ୍କର ବେଦମାତା ବେଶ ସହିତ ପୀଠରେ ବିଶ୍ୱଶାନ୍ତି ମହାଯଜ୍ଞର ଶୁଭାରମ୍ଭ ହୋଇଛି । ସକାଳଠାରୁ ଭକ୍ତମାନଙ୍କର ଭିଡ଼ ଦେଖିବାକୁ ମିଳିଥିଲା। ଧାଡ଼ିବାନ୍ଧି ଭକ୍ତମାନେ ଧୂପ, ଦୀପ ଦେଇ ମା'ଙ୍କ ଦର୍ଶନ କରି ଆଶିଷ ଭିକ୍ଷା କରିଥିଲେ। ବେଦମାତା ବେଶରେ ମା'ଙ୍କର ମୁଖମଣ୍ଡଳ ହଳଦୀ ବର୍ଣ୍ଣ ଥିବା ବେଳେ ମା' ହଳଦିଆ ପାଟବସ୍ତ୍ର ପରିଧାନ କରି ସ୍ୱର୍ଣ୍ଣ ଓ ରୌପ୍ୟ ଅଳଙ୍କାରରେ ଭୂଷିତ ହୋଇଥିଲେ। ହଂସ ବାହନରେ ପଦ୍ମାସନରେ ବିରାଜମାନ କରି ମା' ଉପର ହସ୍ତ ଯୁଗଳରେ ଜପାମାଳୀ ଓ ତଳ ହସ୍ତ ଯୁଗଳରେ କମଣ୍ଡଳୁ ଓ ପଦ୍ମ ଧାରଣ କରି ଭକ୍ତମାନଙ୍କୁ ଆଶୀର୍ବାଦ ପ୍ରଦାନ କରିଥିଲେ। ସକାଳ ୯ ଘଟିକା ସମୟରେ ମନ୍ଦିର ମଧ୍ୟରୁ ମାନସିକଧାରୀ ଭକ୍ତମାନେ ବାଦ୍ୟ, ନୃତ୍ୟ ଓ ଆତସବାଜୀ ସହ ଏକ ବିରାଟ ପଟୁଆରରେ କଳସ ଶୋଭାଯାତ୍ରାରେ ବାହାରିଥିଲେ। ପବିତ୍ର ସାଳନ୍ଦୀ ନଦୀର ଆହାରପଦା ଘାଟରୁ ମାନସିକ ଧାରୀ ଭକ୍ତମାନେ ଜଳ ଉଠାଇ ମନ୍ଦିର ଯଜ୍ଞ ମଣ୍ଡପ ଚତୁର୍ପାର୍ଶ୍ୱରେ ପରିକ୍ରମା କରିବା ପରେ କଳସ ମଣ୍ଡପରେ ଘଟ ସ୍ଥାପନ କରାଯାଇଥିଲା। ବିଶ୍ୱଶାନ୍ତି ଯଜ୍ଞର ଶୁଭାରମ୍ଭ ପୂର୍ବରୁ ମନ୍ଦିରରେ ସୂର୍ଯ୍ୟପୂଜା, ଗୁରୁପୂଜା, ପଞ୍ଚ ଦେବତା ପୂଜା ଓ ମଙ୍ଗଳ ଆଳତୀ ପରେ ବେଦ ବିଦ୍ୟାଳୟର ଛାତ୍ରମାନଙ୍କ ଦ୍ୱାରା ବେଦପାଠ କରାଯାଇଥିଲା। ବହୁ ଶ୍ରଦ୍ଧାଳୁ ଭକ୍ତମାନଙ୍କ ଦାନରେ ଯଜ୍ଞର ଶୁଭାରମ୍ଭ ଅବସରରେ ହଜାର ହଜାର ଭକ୍ତମାନଙ୍କୁ ମନ୍ଦିର ପ୍ରଶାସନ ତରଫରୁ ପ୍ରସାଦ ବଣ୍ଟନ କରାଯାଇଥିଲା। ସେହପରି ସପ୍ତମାତୃକା ବେଶର ଦ୍ୱିତୀୟ ଦିନରେ ସୂର୍ଯ୍ୟ ପରାଗ ପାଇଁ ମା'ଙ୍କର ପହଡ଼ ବନ୍ଦ ରହିଥିଲା। ସନ୍ଧ୍ୟା ପରେ ମା'ଙ୍କର ମହାକାଳୀ ବେଶକୁ ଦର୍ଶନ କରିବା ପାଇଁ ବିଳମ୍ବିତ ରାତ୍ରୀ ପର୍ଯ୍ୟନ୍ତ ଭିଡ଼ ଲାଗି ରହିଥିଲା। ମା' ଭଦ୍ରକାଳୀ କୋଳରେ ବାଳଗୋପାଳଙ୍କୁ ଧାରଣ କରି ସ୍ନେହମୟୀ ଶାନ୍ତା ହେଲେ ମଧ ବର୍ଷକରେ ଥରଟିଏ ଏହି ଅମାବାସ୍ୟା ସମୟରେ ଗୋଟିଏ ଦିନ ଉଗ୍ରରୂପ ଧାରଣ କରିଥାନ୍ତି। ମହାକାଳୀ ବେଶରେ ମା' ମୁକ୍ତକେଶା, ରକ୍ତଜିହ୍ୱା, ମୁଣ୍ଡମାଳ ଓ ଖଡ଼୍‌ଗ ଧାରଣ କରି ଭକ୍ତଙ୍କୁ ଦର୍ଶନ ଦେଇଛନ୍ତି। ପାପୀ ଓ ଅଧର୍ମୀଙ୍କୁ ଧର୍ମ ମାର୍ଗରେ ପରିଚାଳିତ ହେବା ପାଇଁ ବାର୍ତ୍ତା ଦେଇଥାନ୍ତି। ଆସନ୍ତାକାଲି ମା'ଙ୍କର ରାଜରାଜେଶ୍ୱରୀ ବେଶ ଅନୁଷ୍ଠିତ ହେବ।

ବୁଧବାର, ଅକ୍ଟୋବର ୨୬, ୨୦୨୨

ଧ୍ୱନି ପ୍ରତିଧ୍ୱନି

# ପୁରୀ ଆଞ୍ଚଳିକ ପରିବହନ ବିଭାଗ ପକ୍ଷରୁ ସ୍ପେସିଆଲ ଡ୍ରାଇଭ କାର୍ଯ୍ୟକ୍ରମ

ପୁରୀ,୨୫/୧୦(ନି.ପ୍ର): ରାଜ୍ୟ ପରିବହନ ବିଭାଗ କମିଶନରଙ୍କ ନିର୍ଦ୍ଦେଶ କ୍ରମେ ଓ ପୁରୀ ଜିଲ୍ଲାପାଳ ସମର୍ଥ ବର୍ମା ଓ ଏସପି. ଡଃ କନୱର ବିଶାଲ ସିଂ ଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନ ରେ ଜିଲ୍ଲା ପୋଲିସ ଓ ଆଞ୍ଚଳିକ ପରିବହନ ବିଭାଗ ପକ୍ଷରୁ ପୁରୀ ବାସେଲୀ ସାହି ଓ ସଦର ଥାନା ଛକ ସମେତ ସହର ର ବିଭିନ୍ନ ଛକ ମାନଙ୍କ ରେ ସ୍ପେସିଆଲ ଡ୍ରାଇଭ କାର୍ଯ୍ୟକ୍ରମ ରେ ଶହ ଶହ ଗାଡି ମୋଟର ଯାଞ୍ଚ କରାଯାଇଥିଲା । ଚଳିତ ମାସ ୧୮ ତାରିଖ ଠାରୁ୨୧ ତାରିଖ ପର୍ଯ୍ୟନ୍ତ ଅନୁଷ୍ଠିତ ଏହି ସ୍ପେସିଆଲ ଡ୍ରାଇଭ ଅଭିଯାନ ରେ ଗାଡି ଚାଳକ ଙ୍କ ଡ୍ରିଏଲ, ସିଟ ବେଲ୍ଟ, ହେଲମେଟ ଚେକିଂ କରାଯାଇ ନଅ ଗୋଟି ଗାଡି ଜବତ, ୨୫୩ ଜଣ ଙ୍କ ନାଁ ରେ ଇ-ଚାଲାଣ କରାଯାଇ ସମୁଦାୟ ୧୮ ଲକ୍ଷ ୬ ହଜାର ୫୯୩ ଟଙ୍କା ଜୋରିମାନା କରାଯାଇଥିଲା । ଅନେକ ଡ୍ରିଏଲ କୁ ବାତିଲ କରାଯାଇ ଗାଡି ଚାଳକ ନାଁ ରେ ବିଭିନ୍ନ ମାମଲା ରୁଜୁ ହୋଇଛି । ସହର ତଥା ଜିଲ୍ଲା ରେ ଦୁର୍ଘଟଣା ହାର ଓ ମୃତ୍ୟୁ ହାର ବୃଦ୍ଧି ପାଇଥିବାରୁ ଜିଲ୍ଲା ର ବୃହତ୍ତର ସ୍ୱାର୍ଥ ଦୃଷ୍ଟି ରୁ ସାଧାରଣ ଲୋକ ଓ ପର୍ଯ୍ୟଟକ ଙ୍କ ଧନ ଜୀବନ ସୁରକ୍ଷା ଲାଗି ଆଗକୁ ଏ ଅଭିଯାନ କୁ ଆହୁରି କଡାକଡି କରାଯିବ । ଲୋକେ ଯେମିତି ଅଯଥା ରେ ଦଶ ହଜାର, ପନ୍ଦର ହଜାର ଟଙ୍କା ଫାଇନ ନ ଦେବେ, ନିଶା ଗ୍ରସ୍ତ ଅବସ୍ଥା ରେ ଗାଡି ନ ଚଳାଇବାକୁ, ଟ୍ରାଫିକ ନିୟମ କୁ ଶୃଙ୍ଖଳା ର ସହିତ ମାନିବାକୁ ଓ ଜିଲ୍ଲା ରେ ଦୁର୍ଘଟଣା ମୃତ୍ୟୁ ହାର କୁ କିଭଳି ରୋକା ଯାଇ ପାରିବ ଏଥିପାଇଁ ପୁରୀ ଜିଲ୍ଲା ଆଞ୍ଚଳିକ ପରିବହନ ଅଧିକାରୀ ରବୀନ ପଟ୍ଟନାୟକ ସହର ତଥା ଜିଲ୍ଲା ବାସୀ ଙ୍କୁ ନିବେଦନ କରିଛନ୍ତି । ଏ ନେଇ ସହର ତଥା ଜିଲ୍ଲା ର ବିଭିନ୍ନ ସ୍କୁଲ କଲେଜ ଛାତ୍ର ଛାତ୍ରୀ, ବିଭିନ୍ନ ସ୍ୱେଚ୍ଛାସେବୀ ଅନୁଷ୍ଠାନ ଓ ପୋଲିସ ସହାୟତା ରେ ଆହୁରି ବ୍ୟାପକ ସଚେତନତା କାର୍ଯ୍ୟକ୍ରମ ଆରମ୍ଭ କରାଯିବ ବୋଲି ଆରଟିଓ ଶ୍ରୀ ପଟ୍ଟନାୟକ ସୂଚନା ଦେଇଛନ୍ତି । ଏଇ ଅଭିଯାନ ରେ ଆରଟିଓ ଶ୍ରୀ ପଟ୍ଟନାୟକ ଙ୍କ ସମେତ ଏମ ଭିଆଇ, ଆସିଷ୍ଟାଣ୍ଡ ଏମଭିଆଇ, ଟି ଆଇ ଓ ବିଭିନ୍ନ ପୋଲିସ ଅଧିକାରୀ ପ୍ରମୁଖ ଉଭୟ ବିଭାଗ ର ବିଭିନ୍ନ ଅଧିକାରୀ କର୍ମଚାରୀ ସାମିଲ ଥିଲେ ।

# ୨୮ରୁ ୧୬ତମ ଗୁରୁ ଦେବପ୍ରସାଦ ସମ୍ମାନ ପ୍ରଦାନ ଉତ୍ସବ

ଭୁବନେଶ୍ୱର,୨୫/୧୦(ନି.ପ୍ର): କିମ୍ବଦନ୍ତି ଓଡ଼ିଶୀ ନୃତ୍ୟ ଗୁରୁ ଦେବପ୍ରସାଦ ଦାସଙ୍କ ସ୍ମୃତିରେ ତ୍ରିଧାରା ଅନୁଷ୍ଠାନ ପକ୍ଷରୁ ୧୬ତମ ଗୁରୁ ଦେବପ୍ରସାଦ ସମ୍ମାନ ପ୍ରଦାନ ଉତ୍ସବ ୨୮ ରୁ୩୦ ଅକ୍ଟୋବର ପର୍ଯ୍ୟନ୍ତ ଭୁବନେଶ୍ୱରର ବୀନ୍ଦ୍ରମଣ୍ଡପରେ ପ୍ରତ୍ୟେହ ୬.୩୦ ଘଟିକାରେ ଅନୁଷ୍ଠିତ ହେବ। ଚଳିତ ବର୍ଷ ବିଶିଷ୍ଟ ନୃତ୍ୟାଙ୍ଗନା ଡ଼. ସୋନାଲମାନସିଂହ (ପଦ୍ମ ବିଭୂଷଣ)ଙ୍କୁ ଆଜୀବନ ନୃତ୍ୟସାଧନା ନିମନ୍ତେ ଗୁରୁ ଦେବପ୍ରସାଦ ଲାଇଫଟାଇମ୍ ଆଚିଭମେଂଟ ଆୱାର୍ଡ଼ ୨୦୨୨ ପ୍ରଦାନ କରାଯିବ। ଗୁରୁ ଦେବପ୍ରଦାସ ସମ୍ମାନ ୨୦୨୨ କୁଚିପୁଡ଼ି ନୃତ୍ୟ କ୍ଷେତ୍ରରେ ଅମୂଲ୍ୟ ଅବଦାନ ପାଇଁ ବିଦୁଷି ଦୀପିକା ରେଡ୍ଡୀ; କଥକ ନୃତ୍ୟ କ୍ଷେତ୍ରରେ ପ୍ରସିଦ୍ଧି ଲାଭ କରିଥିବା ବିଦୁଷି ପ୍ରେରଣା ଶ୍ରୀମାଳୀଙ୍କୁ ପ୍ରଦାନ କରାଯିବ । ସେହିଭଳି ଗୁରୁ ଦେବପ୍ରସାଦ ଯୁବ ପ୍ରତିଭା ସମ୍ମାନ ୨୦୨୨ ମାଲେସିୟାର ଓଡ଼ିଶୀ ନୃତ୍ୟଶିଳ୍ପୀ ତାନ୍ ମେଇମେଇ, ପ୍ରସିଦ୍ଧ ସଖୀ ନାଟ ଓ ଘୁଡୁକି ନାଟର ଶିଳ୍ପୀ ରାଧାଶ୍ୟାମ ତରାଇଙ୍କୁ ପ୍ରଦାନ କରାଯିବ। ଏହିବର୍ଷ ଗୁରୁ ଦେବ ପ୍ରସାଦ ଶିଶୁ ପ୍ରତିଭା ସମ୍ମାନ ୨୦୨୨ ମାଲେସିୟାର ଶିଶୁ ଓଡ଼ିଶୀ ନୃତ୍ୟଶିଳ୍ପୀ ଐଶର୍ଯ୍ୟା ଲକ୍ଷ୍ମୀ ଏରିସନ୍ ଏବଂ ପୁରୀର ଶିଶୁ ଓଡ଼ିଶୀ ନୃତ୍ୟ ଶିଳ୍ପୀ ସୁହାନା ମିଶ୍ରଙ୍କୁ ପ୍ରଦାନ କରାଯିବ । ତ୍ରିଧାରା ଅନୁଷ୍ଠାନର ନିର୍ଦ୍ଦେଶକ ତଥା ଗୁରୁ ଗଜେନ୍ଦ୍ର ପଣ୍ଡା ଏକ ସାମ୍ବାଦିକ ସମ୍ମିଳନୀରେ ଏହି ସୂଚନା ଦେଇଛନ୍ତି। ଚଳିତ ବର୍ଷ ସମ୍ମାନ ପ୍ରଦାନ ଉତ୍ସବରେ ୨୮ତାରିଖ ସଂଧ୍ୟାରେ ତ୍ରିଧାରା ଅନୁଷ୍ଠାନ ଦ୍ୱାରା ଓଡ଼ିଶୀ ଦଳଗତ ନୃତ୍ୟ ସହିତ ବିଶ୍ୱମୋହନ ଭଟ୍ଟଙ୍କ ଦ୍ୱାରାମୋହନ ବିଣାବାଦନ ପରିବେଶଣ କରାଯିବ।ସେହିପରି ୨୯ ସଂଧ୍ୟାରେ ଆୟାକସକିନା ଓ ମଞ୍ଜୁଙ୍କ ଦ୍ୱାରା ଦୈତ୍ୟ ଓଡ଼ିଶୀ ନୃତ୍ୟ; ହାନାମୋମିୟୟୁମିକୋଚଟାନୀଙ୍କ ଦ୍ୱାରା ଏକକ ଓଡ଼ିଶୀ ନୃତ୍ୟ; ଦୀପିକା ରେଡ୍ଡୀଙ୍କ ଦ୍ୱାରା ଏକକ କୁଚିପୁଡ଼ି ନୃତ୍ୟ; ବାଗ୍ମିଶ୍ରୀ ଦାସ ଓ ଲିପିମନିସାଙ୍କ ଦ୍ୱାରା ଏକକ ଓଡ଼ିଶୀ ନୃତ୍ୟ ଏବଂ ଶେଷରେ କଳା ବିକାଶ କେନ୍ଦ୍ର ଦ୍ୱାରା ଦଳଗତ ଓଡ଼ିଶୀ ନୃତ୍ୟ ପରିବେଷିତ ହେବ ।୩୦ ସଂଧ୍ୟାରେ ପୁରସ୍କାର ପ୍ରଦାନ ଉତ୍ସବ ସହିତ ପ୍ରେରଣା ଶ୍ରୀମାଳୀଙ୍କ ଦ୍ୱାରା କଥକ ନୃତ୍ୟ ଏବଂ ମାଲେସିୟାର ସୁତ୍ର ଫାଉଣ୍ଡେସନ ଦ୍ୱାରା ଦଳଗତ ଓଡ଼ିଶୀ ନୃତ୍ୟ ପରିବେଷିତ ହେବ ।

## ଅର୍ଚ୍ଚନା ମାମଲାରେ ହସ୍ତକ୍ଷେପ କରିପାରେ ଇଡି

ଭୁବନେଶ୍ୱର,୨୫/୧୦(ନି.ପ୍ର): ଲେଡି ବ୍ଲାକ୍ ମେଲର ଅର୍ଚ୍ଚନା ନାଗ ଗିରଫ ମାମଲାରେ ବେଆଇନ ଆର୍ଥିକ କାରବାରର ତଦନ୍ତ କରିପାରେ ପ୍ରବର୍ତନ ନିର୍ଦ୍ଦେଶାଳୟ(ଇଡି)। ଏହି ମାମଲାରେ ପ୍ରବର୍ତନ ନିର୍ଦ୍ଦେଶାଳୟ ପକ୍ଷରୁ କମିଶନରେଟ୍ ପୋଲିସକୁ ଏଫ୍ଆଇଆର୍ କପି ମଗାଯାଇଛି। ତେଣୁ ସମ୍ଭବତଃ ଏହି ମାମଲାରେ ଇଡି ହସ୍ତକ୍ଷେପ କରିପାରେ ବୋଲି ଚର୍ଚ୍ଚା ହେଉଛି। ଇଡି ଏହି ମାମଲାରେ ହସ୍ତକ୍ଷେପ କଲେ ଅର୍ଚ୍ଚନା ଓ ତାଙ୍କ ସ୍ୱାମୀ ଜଗବନ୍ଧୁଙ୍କ ଆକାଉଂଟକୁ ନେଇ ଖୋଳତାଡ଼ ହେବ ବୋଲି ସୂଚନା ମିଳିଛି। ଖୁବ୍ କମ୍ ଦିନ ଭିତରେ ଏହି ଦମ୍ପତି କିପରି କୋଟି ପତି ହେଲେ ଓ ତାଙ୍କୁ କିଏ କାହିଁକି ଟଙ୍କା ଦେଇଛି ଇଡି ତଦନ୍ତ କରିବା ପରେ ସ୍ପଷ୍ଟ ହେବ ବୋଲି ଜଣାପଡ଼ିଛି। ଉଭୟ ସ୍ୱାମୀ ଓ ସ୍ତ୍ରୀ ଏବେ ଗିରଫ ହୋଇ ଝାରପଡ଼ା ଜେଲରେ ଅଛନ୍ତି। ଗତ ୭ ତାରିଖରେ ଅର୍ଚ୍ଚନା ଗିରଫ ହେବାର ୧୫ ଦିନ ପରେ ସ୍ୱାମୀ ଜଗବନ୍ଧୁଙ୍କୁ ପୁଲିସ ଗିରଫ କରିଥିଲା।ଗତ ୨୧ ତାରିଖରେ ଅର୍ଚ୍ଚନାର ସ୍ୱାମୀ ଜଗବନ୍ଧୁ ଚାନ୍ଦ ଗିରଫ ହୋଇ ଝାରପଡ଼ା ଜେଲ୍ ଯିବା ପରେ ଡିସିପି ପ୍ରତୀକ ସିଂ କହିଥିଲେ ଯେ, ଅର୍ଚ୍ଚନାର ଅପରାଧିକ ଷଡଯନ୍ତ୍ରରେ ଜଗବନ୍ଧୁ ସାମିଲ ଥିଲେ। ଫଟୋ, ଭିଡ଼ିଓ ଭାଇରଲ ସହ ବ୍ଲାକମେଲର ଜଗବନ୍ଧୁ ସମ୍ପର୍କ ରହିଛି । ୪ଟି ମୋବାଇଲ ଫୋନ୍, ଲାପଟପ ଓ ଡାଏରି ସହ ଅନ୍ୟ ଗୁରୁତ୍ୱପୂର୍ଣ୍ଣ କାଗଜପତ୍ର ଜବତ ହୋଇଛି।

## କବି ପଂଚାନନ ସାହୁଙ୍କ ଏକାଦଶାହ ଉପଲକ୍ଷେ ସ୍ମୃତି ସଭା




ବାଲେଶ୍ୱର,୨୫/୧୦(ନି.ପ୍ର): ରେମୁଣା ବଜାରସ୍ଥ ବେଗମ୍ପୁର ଗ୍ରାମର ବର୍ଷିୟାନ କବି ପଂଚାନନ ସାହୁଙ୍କ ଏକାଦଶାହ ଉପଲକ୍ଷେ ଏକ ସ୍ମୃତି ସଭା ତାଙ୍କ ବାସଭବନରେ ଅନୁଷ୍ଠିତ ହୋଇଯାଇଛି । ଶିକ୍ଷାବିଦ୍ ଡ. ଭାଗବତ ପ୍ରସାଦ ଦାସଙ୍କ ପୌରାହିତ୍ୟରେ ଅନୁଷ୍ଠିତ ସଭାରେ ଅତିଥି ଭାବେ ପ୍ରଦୀପ୍ତ ପଣ୍ଡା ପୂର୍ବତନ ବିଧାୟକ ନୀଳଗିରି, କବି କାଳୀପଦ ପଣ୍ଡା, ସାହିତ୍ୟିକ ସୃଷ୍ଟିଧର ପରିଡ଼ା, କବି ଅଭୟ ଦାସ, ନିରଞ୍ଜନ ସାହୁ, ଅଜୟ କୁମାର ମହାନ୍ତି, ମଧୁସୂଦନ ମାଝି, ମଞ୍ଜୁ ସେନ, ପ୍ରଭାକର ସାହୁ, ସନ୍ତୋଷ କୁମାର ବେହେରା, ହୃଦାନନ୍ଦ ସାହୁ, ଯୋଗେଶ ଚନ୍ଦ୍ର ବେହେରା, ବ୍ରଜବିଳାସୀ, ଦୁଷ୍ମନ୍ତ କୁମାର ଦାସ, ରବୀନ୍ଦ୍ର କୁମାର ବିଶ୍ୱାଳ, ସାମ୍ବାଦିକ ଗୋବିନ୍ଦ ଚନ୍ଦ୍ର ପାଢ଼ୀ, କାର୍ଯ୍ୟ ନିର୍ବାହୀ ଅଧିକାରୀ ସରୋଜ କୁମାର ବେହେରା, ସତ୍ୟ ନାରାୟଣ ପାଳକ, ଷ୍ଟାଲିନ୍ ମିଶ୍ର, ପ୍ରମୁଖ ଯୋଗ ଦେଇ କବି ପଂଚାନନ ସାହୁଙ୍କ ସମ୍ପର୍କରେ ସ୍ମୃତି ଚାରଣ କରିଥିଲେ । ପଂଚାନନ ସାହୁଙ୍କ କନିଷ୍ଠ ପୁତ୍ର ଡାକ୍ତର ସୁଦାମ ଚନ୍ଦ୍ର ସାହୁ ଅତିଥିଙ୍କ ପରିଚୟ ରଖିଥିବା ବେଳେ ଜ୍ୟୋଷ୍ଠ ପୁତ୍ର ମନୋରଂଜନ ସାହୁ ସମସ୍ତଙ୍କୁ କୃତଜ୍ଞତା ଜଣାଇଥିଲେ । ଅନ୍ୟ ମାନଙ୍କ ମଧ୍ୟରେ କବି ତପନ ଦାସ, ହରେକୃଷ୍ଣ ସାହୁ, ହରିନାରାୟଣ ସେଠୀ, ସତ୍ୟଭାମା ମୁଦୁଲି, ଇପ୍ସିତା ସ୍ୱାଇଁ, ସୁଧାକର ସେଠୀ, ଚନ୍ଦ୍ରଧର ଦାସ, କରୁଣାକର ଖଟୁଆ ପ୍ରମୁଖ କବିତା ମାଧ୍ୟମରେ ସ୍ୱର୍ଗତ ସାହୁଙ୍କୁ ଶ୍ରଦ୍ଧାଞ୍ଜଳି ଜଣାଇଥିଲେ । ସଭା ପ୍ରାରମ୍ଭରେ ସ୍ୱର୍ଗତଃ ସାହୁଙ୍କ ଅମର ଆତ୍ମାର ସଦ୍‌ଗତି ନିମନ୍ତେ ଏକ ମିନିଟ୍ ନୀରବ ପ୍ରାର୍ଥନା କରାଯାଇଥିଲା ।

## ଶିଶୁ ସୁରକ୍ଷା ସଚେତନତା କାର୍ଯ୍ୟକ୍ରମ ଅନୁଷ୍ଠିତ




ବାରିପଦା,୨୫/୧୦(ନି.ପ୍ର): ଅକ୍ଟୋବର ୨୧ ଓ ୨୨ ଦୁଇ ଦିନ ଧରି ବାରିପଦାର ରାଧାରାଣୀ ଦୟାଭାଇ ମାଧ୍ୟମିକ ବିଦ୍ୟାଳୟ, ମହାରାଣୀ ପ୍ରେମକୁମାରୀ ବାଳିକା ଉଚ୍ଚବିଦ୍ୟାଳୟ, ମହାରାଜା କୃଷ୍ଣ ଚନ୍ଦ୍ର ଉଚ୍ଚ ବିଦ୍ୟାଳୟ, ଝାନ୍ସିରାଣୀ ମହିଳା ଉଚ୍ଚମାଧ୍ୟମିକ ବିଦ୍ୟାଳୟ, ଶ୍ରୀମା ମହିଳା ମହାବିଦ୍ୟାଳୟ ଠାରେ ତରଙ୍ଗ ମ୍ୟୁଜିକ ତରଫରୁ କଲେଜ କୁଇନର ଟପ ଫାଇନାଲିଷ୍ଟ ତାଲିକାରେ ଥିବା ମୟୂରଭଂଜର ପ୍ରତିଯୋଗୀ ଶତଦ୍ରୁତି ମହାନ୍ତିଙ୍କ ପ୍ରତକ୍ଷ୍ୟ ତତ୍ତ୍ୱାବଧାନରେ ଦୁଇ ଦିନିଆ ଶିଶୁ ସୁରକ୍ଷା ସଚେତନତା ଶିବିର ଅନୁଷ୍ଠିତ ହୋଇଯାଇଛି । ଏଥିରେ ବହୁ ସଂଖ୍ୟାରେ ସ୍କୁଲ ଓ କଲେଜର ଅଧ୍ୟାପକ ଅଧ୍ୟାପିକାଙ୍କ ସମେତ ଶିକ୍ଷକ ଶିକ୍ଷୟତ୍ରୀ ଏବଂ ଛାତ୍ରଛାତ୍ରୀ ଅଂଶଗ୍ରହଣ କରିଥିଲେ । ଏଥିରେ ସିପୁନ ଅବିନାଶ ସାହୁ, ସ୍ମିତିକ ମହାନ୍ତି, ଚଂଚଳ ସାହୁ, ଅପରୂପା, ଲୋପାମୁଦ୍ରା, ମଧୁଲିତା, ମୋନାଲିସା, ଉପାଲି, ତନିଷା ଓ ହିରଣ୍ୟମୟ ପ୍ରମୁଖ ଉପସ୍ଥିତ ରହି ଶିଶୁ ସୁରକ୍ଷା ଦିଗରେ ସଚେତନତା ଉଦ୍ଦେଶ୍ୟରେ ପ୍ରଚାର ପତ୍ର ବଂଟନ କରିଥିଲେ ।

## ରାଜ୍ୟରେ ନୂଆ ୨୫ କରୋନା ଆକ୍ରାନ୍ତ ଚିହ୍ନଟ

ଭୁବନେଶ୍ୱର,୨୫/୧୦(ନି.ପ୍ର): ରାଜ୍ୟରେ ଗୋଟିଏ ଦିନରେ ୨୫ ଜଣ ନୂଆ କରୋନା ଆକ୍ରାନ୍ତ ଚିହ୍ନଟ ହେବା ପରେ ମୋଟ୍ କରୋନା ସଂକ୍ରମିତଙ୍କ ସଂଖ୍ୟା ୧୩୩୫୯୨୦ କୁ ବୃଦ୍ଧି ପାଇଛି। ନୂଆ ଚିହ୍ନଟ ୨୫ ଆକ୍ରାନ୍ତଙ୍କ ମଧ୍ୟରୁ ୧୪ ଜଣ କ୍ୱାରେଂଟାଇନ (ସଙ୍ଗରୋଧ)ରୁ ଏବଂ ୧୧ ଜଣ ଲୋକାଲ୍ କଂଟାକ୍ଟ (ସ୍ଥାନୀୟ ସମ୍ପର୍କ)ରୁ ରହିଛନ୍ତି। ସେହିପରି ୦ ରୁ ୧୮ ବର୍ଷ ମଧ୍ୟରେ ୨ ଜଣ କରୋନା ସଂକ୍ରମିତ ଚିହ୍ନଟ ହୋଇଥିବା ନେଇ ରାଜ୍ୟ ସୂଚନା ଓ ଲୋକ ସମ୍ପର୍କ ବିଭାଗ ପକ୍ଷରୁ ଟ୍ୱିଟ୍ କରି ସୂଚନା ଦିଆଯାଇଛି । ଅନ୍ୟପକ୍ଷରେ ନୂଆ ୫୫ ଜଣ ସୁସ୍ଥ ହେବା ପରେ ସୁସ୍ଥ ହୋଇଥିବା ଆକ୍ରାନ୍ତଙ୍କ ସଂଖ୍ୟା ୧୩୨୬୨୬୭ ରେ ପହଂଚିଛି। ରାଜ୍ୟରେ ବର୍ତ୍ତମାନ ସୁଦ୍ଧା ସକ୍ରିୟ ରୋଗୀଙ୍କ ସଂଖ୍ୟା ୩୯୭ ରହିଛି । ରାଜ୍ୟରେ ନୂଆ ଚିହ୍ନଟ ହୋଇଥିବା ୨୫ ସଂକ୍ରମିତଙ୍କ ମଧ୍ୟରୁ ବାଲେଶ୍ୱର ଜିଲ୍ଲାରେ ୧, ବରଗଡ଼ ଜିଲ୍ଲାରେ ୨, କଟକ ଜିଲ୍ଲାରେ ୩, କଳାହାଣ୍ଡି ଜିଲ୍ଲାରେ ୨ ଏବଂ ଖୋର୍ଦ୍ଧା ଜିଲ୍ଲାରେ ୩ ଜଣ ସଂକ୍ରମିତ ଚିହ୍ନଟ ହୋଇଛନ୍ତି। ସେହିପରି ମୟୂରଭଞ୍ଜ ଜିଲ୍ଲାରେ ୨, ନୂଆପଡା ଜିଲ୍ଲାରେ ୧, ପୁରୀ ଜିଲ୍ଲାରେ ୩, ସମ୍ବଲପୁର ଜିଲ୍ଲାରେ ୩, ସୁନ୍ଦରଗଡ଼ ଜିଲ୍ଲାରେ ୪ ଓ ଷ୍ଟେଟ ପୁଲରେ ଜଣେ ସଂକ୍ରମିତ ଚିହ୍ନଟ ହୋଇଛନ୍ତି ।

## ରାମମନ୍ଦିର ନିର୍ମାଣର ୫୦ ପ୍ରତିଶତ କାର୍ଯ୍ୟ ସମ୍ପୂର୍ଣ୍ଣ

ଅଯୋଧ୍ୟା,୨୫/୧୦(ନି.ପ୍ର): ଶ୍ରୀରାମ ଜନ୍ମଭୂମି ମନ୍ଦିର ନିର୍ମାଣ କାର୍ଯ୍ୟ ଯୁଦ୍ଧକାଳୀନ ଭିତିରେ ଜାରି ଅଛି। ନିର୍ମାଣ କାମର ତଦାରଖ ଦିପାବଳୀ ଆରମ୍ଭ ଅବସରରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ କରିଥିଲେ। ଶ୍ରଦ୍ଧାଳୁ ମକର ସଂକ୍ରାନ୍ତି ୨୦୨୪ରୁ ରାମଲଲାଙ୍କ ଦର୍ଶନ ଜନ୍ମଭୂମି ମନ୍ଦିରର ଗର୍ଭଗୃହରୁ କରିପାରିବେ। ଏହିପରି ବ୍ୟବସ୍ଥା କରାଯାଉଛି ଯେ ପ୍ରତିଦିନ ପାଖାପାଖି ଅଢ଼େଇଲକ୍ଷ ଶ୍ରଦ୍ଧାଳୁ ୧୦ ଘଂଟାରେ ଦର୍ଶନ କରିପାରିବେ। ମନ୍ଦିର ନିର୍ମାଣର ୫୦ ପ୍ରତିଶତ କାମ ସମ୍ପୂର୍ଣ୍ଣ ହୋଇସାରିଛି। ଏହି କଥା ଶ୍ରୀରାମ ଜନ୍ମଭୂମି ତୀର୍ଥକ୍ଷେତ୍ର ଟ୍ରଷ୍ଟର ସଦସ୍ୟ ଡା. ଅନିଲ ମିଶ୍ର କହିଛନ୍ତି। ଟ୍ରଷ୍ଟ ମଙ୍ଗଳବାର ଦିନ ଶ୍ରୀରାମ ମନ୍ଦିର ନିର୍ମାଣ କାର୍ଯ୍ୟ ସହିତ ଅବଗତ କରାଇବା ପାଇଁ ସାମ୍ବାଦିକମାନଙ୍କୁ ଆମନ୍ତ୍ରିତ କରିଥିଲା। ଏହି ଅବସରରେ ଡା. ଅନିଲ ମିଶ୍ରଙ୍କ ସହିତ ଟ୍ରଷ୍ଟର ମହାସଚିବ ଚମ୍ପତ ରାୟ ଏବଂ ମନ୍ଦିର ନିର୍ମାଣରେ ସାମିଲ ଥିବା ଇଞ୍ଜିନିୟର ମଧ ଉପସ୍ଥିତ ଥିଲେ। ଡା. ମିଶ୍ର ସାମ୍ବାଦିକମାନଙ୍କୁ କହିଥିଲେ ଯେ ମନ୍ଦିରର ପରିକୋଟା ମନ୍ଦିରର ଚୌଡାଇରୁ ୨୭ ମିଟର ଦୂରରେ ୧୪ ମିଟରର ହେବ। ଏଥିରେ ରାମଲଲାଙ୍କ ବ୍ୟତୀତ ମନ୍ଦିରର ଚାରିକଣରେ ଚାରି ମନ୍ଦିର ହେବ ଯେଉଁଥିରେ ଗଣେଶ, ଶିବ, ଦୁର୍ଗା, ବିଷ୍ଣୁ ଭଗବାନଙ୍କ ମନ୍ଦିର ହେବ।

# ଆମ ଆଦମୀ ପାର୍ଟିରୁ ଉଦଳା ବିଧାୟକ ପ୍ରାର୍ଥି ନିର୍ବାଚନ ଲଢ଼ିବେ



ଉଦଳା,୨୫/୧୦(ନି.ପ୍ର): ଉଦଳା ବିଧାନସଭା ନିର୍ବାଚନ ମଣ୍ଡଳୀରୁ ଆସନ୍ତା ନିର୍ବାଚନରେ ଆମଆଦମୀ ପାର୍ଟିର ଟିକଟରେ ବିଧାୟକ ପ୍ରାର୍ଥି ନିର୍ବାଚନ ରଣାଙ୍ଗନକୁ ଓହ୍ଲାଇବେ ବୋଲି ଜଣାଯାଇଛି । ସେଥିପାଇଁ ଚଳିତ ଅକ୍ଟୋବର ୨୩ ତାରିଖ ରବିବାର ଦିନ ପାର୍ଟି ତରଫରୁ ବସିଥିବା ବୈଠକରେ ନିଷ୍ପତି ହୋଇଥିବାର ସାଧାରଣରେ ଚର୍ଚ୍ଚା ହେଉଛି । ପାର୍ଟିର ଉଦଳା ବିଧାନସଭା ସଂଯୋଜକ ସତ୍ୟ ସୁନ୍ଦର ଦେଙ୍କ ଅଧକ୍ଷତାରେ ଅନୁଷ୍ଠିତ ଏହି ବୈଠକରେ ମୟୂରଭଞ୍ଜ ଜିଲ୍ଲା ପ୍ରଭାରୀ ଜୟସୂର୍ଯ୍ୟ କାନୁନଗୋ ଓ ମୋରଡ଼ା ନିର୍ବାଚନ ମଣ୍ଡଳୀ ସଂଯୋଜକ ବିଶ୍ୱ ବିଜୟୀ ପଣ୍ଡା ଯୋଗ ଦେଇ ଆମ ଆଦମୀ ପାର୍ଟି କ୍ଷମତାକୁ ଆସିଲେ ବିଜୁଳି ଉପଭୋକ୍ତାଙ୍କୁ ୨୦୦ ୟୁନିଟ ଦେୟ ମୁକ୍ତ ବିଜୁଳି ଯୋଗାଣ, ଶୁଦ୍ଧ ପାନୀୟ ଜଳ ଯୋଗାଣ, ଦେୟ ମୁକ୍ତ ଚିକିତ୍ସା ବ୍ୟବସ୍ଥା, ଦେୟ ମୁକ୍ତ ଶିକ୍ଷା ବ୍ୟବସ୍ଥା, ନିଯୁକ୍ତି, ମହିଳା ଓ ଶ୍ରମିକଙ୍କୁ ବସ ଯାତ୍ରା ଦେୟ ମୁକ୍ତ ଓ ବେକାରୀ ଭତ୍ତା ଇତ୍ୟାଦି ଲାଗୁ କରିବ ବୋଲି ଘୋଷଣା କରିଥିଲେ । ପାର୍ଟି ତରଫରୁ ଆୟୋଜିତ ଆଜିର ଏହି ସମ୍ମିଳନୀରେ ୧୫୦ରୁ ଉର୍ଦ୍ଧ ଲୋକ ଯୋଗ ଦେଇଥିଲେ । ପ୍ରାରମ୍ଭରେ ଅଜିତ ବେହେରା ସ୍ୱାଗତ ଭାଷଣ ଓ ଅତିଥି ପରିଚୟ ପ୍ରଦାନ କରିଥିବା ବେଳେ ସୁରେଶ୍ୱର ଜେନା ଶେଷ ସ୍ୱର୍ଶ ଦେଇଥିଲେ । ସମ୍ମିଳନୀକୁ ସଫଳ କରିବାରେ ଜଗବନ୍ଧୁ ପ୍ରଧାନ, ମୋହନ ମୁର୍ମୁ, ସନ୍ତୋଷ ମୁର୍ମୁ, ଠାକୁରା ମୁର୍ମୁ, କୁନାଲ ମିଶ୍ର, ବସନ୍ତ ନାୟକ ପ୍ରମୁଖ ସହଯୋଗ କରିଥିଲେ ।

# ‘ସୁମହନ ମ୍ୟୁଜିକ’ ପକ୍ଷରୁ ‘କେଏଲଏମ’ ପ୍ରତିଯୋଗିତାର ସେମିଫାଇନାଲ

ବାଲେଶ୍ୱର,୨୫/୧୦(ନି.ପ୍ର): ‘ସୁମହନ ମ୍ୟୁଜିକ୍’ ପକ୍ଷରୁ ବାଲେଶ୍ୱର ସହରର ସ୍ଥାନୀୟ ଉଦ୍ୟୋଗ ଭବନରେ ୧୧ ତମ କେଏଲଏମ ସଙ୍ଗୀତ ପ୍ରତିଯୋଗିତା ଅନୁଷ୍ଠିତ ହୋଇଯାଇଛି। ଭାରତୀୟ ସଂଗୀତ ଜଗତର ତିନି ଉଜ୍ଜ୍ୱଳ ତାରକା ଦିବଂଗତ କିଶୋର କୁମାର, ଲତା ମଙ୍ଗେସକର ଓ ମହମ୍ମଦ ରଫିଙ୍କ ସ୍ମୃତି ଉଦ୍ଦେଶ୍ୟରେ ଏହି ପ୍ରତିଯୋଗିତା ଆୟୋଜିତ ହୋଇଥିବା ବେଳେ ଉତ୍ତର ଓଡ଼ିଶାର ବିଭିନ୍ନ ଜିଲାରୁ ବହୁ ପ୍ରତିଯୋଗୀ ଏଥିରେ ଅଂଶଗ୍ରହଣ ସହ ସଂଗୀତ ପରିବେଷଣ କରିଥିଲେ। ପ୍ରତିଯୋଗିତା ଶେଷରେ ସେମିଫାଇନାଲ ରାଉଣ୍ଡରୁ ଫାଇନାଲ ରାଉଣ୍ଡକୁ ୨୪ ଜଣ ଉନ୍ନୀତ ହୋଇଥିଲେ । ସୁମହନ ମ୍ୟୁଜିକ ମୁଖ୍ୟ ସୁଜିତ ଭୋଇଙ୍କ ଅଧକ୍ଷତାରେ ଆୟୋଜିତ କାର୍ଯ୍ୟକ୍ରମରେ ରେବତୀ ପତ୍ରିକାର ସମ୍ପାଦିକା ସୁବାସିନୀ ଜେନା, କବି ପ୍ରଶାନ୍ତ ଦାସ, ସମାଜସେବୀ ଶ୍ରଦ୍ଧାଞ୍ଜଳି ରାୟ, ଯୁବନେତା ବିକ୍ରମ ପଣ୍ଡା, ପ୍ରତୀମା ପଣ୍ଡା, ସୁବ୍ରତ କର ପ୍ରମୁଖ ବରେଣ୍ୟ ଅତିଥି ଭାବେ ଯୋଗଦେଇ ସମସ୍ତ ପ୍ରତିଯୋଗୀଙ୍କୁ ଶୁଭେଚ୍ଛା ଜଣାଇଥିଲେ। ଜିତିବା ଓ ହାରିବାକୁ ଗୁରୁତ୍ୱ ନ ଦେଇ ଆଗକୁ ବଢ଼ିବା ପାଇଁ ଅତିଥିମାନେ ପରାମର୍ଶ ଦେବା ସହ କୃତୀ ପ୍ରତିଯୋଗୀଙ୍କୁ ପୁରସ୍କୃତ କରିଥିଲେ। ସଂଗୀତ ଶିକ୍ଷକ ନରୋତ୍ତମ ଜେନା କାର୍ଯ୍ୟକ୍ରମ ପରିଚାଳନା କରିଥିଲେ। ଏହି ଅବସରରେ ଅନୁଷ୍ଠାନ ପକ୍ଷରୁ ସଂଗୀତ ଶିକ୍ଷକ ମମତା ହାଜିରାଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। ସୁମହନ ମ୍ୟୁଜିକ ପକ୍ଷରୁ ଦୀର୍ଘ ୪ ମାସ ଧରି ବାଲେଶ୍ୱର, ଭଦ୍ରକ ଓ ମୟୂରଭଞ୍ଜ ଜିଲ୍ଲାରେ ଅଡ଼ିସନ୍ ଚାଲିବା ପରେ ବାଲେଶ୍ୱରରେ ସେମିଫାଇନାଲ ରାଉଣ୍ଡ ଆୟୋଜିତ ହୋଇଥିଲା । ଅଡିସନ ରାଉଣ୍ଡରେ ଉତ୍ତର ଓଡିଶାର ସମସ୍ତ ଜିଲ୍ଲାରୁ ସବ୍ ଜୁନିୟର, ଜୁନିୟର ଓ ସିନିୟର ବର୍ଗରେ ସର୍ବମୋଟ ୩୯ ଜଣ ପ୍ରତିଯୋଗୀ ଉନ୍ନୀତ ହୋଇଥିଲେ । ସେମାନଙ୍କ ମଧ୍ୟରୁ ଆଗାମୀ ଦିନରେ ଆୟୋଜିତ ହେବାକୁ ଥିବା ଫାଇନାଲ ରାଉଣ୍ଡ ପାଇଁ ସମୁଦାୟ ୨୪ ଜଣ ପ୍ରତିଯୋଗୀ ମନୋନୀତ ହୋଇଥିବା ଆୟୋଜକ କମିଟି ପକ୍ଷରୁ ସୂଚନା ଦିଆଯାଇଛି ।

# ସଡକ ଦୁର୍ଘଟଣା ଘଟି ଦୀପାବଳିରେ ଚାଲିଗଲା ୨ ଜୀବନ

ଭଦ୍ରକ,୨୫/୧୦(ନି.ପ୍ର): ଗତକାଲି କାଳୀପୂଜା ଓ ଦୀପାବଳି ପରିବାର ଲୋକେ ପାଳୁଥିବା ବେଳେ ଏପଟେ ସଡକ ଦୁର୍ଘଟଣାରେ ଚାଲିଗଲା ଦୁଇ ପରିବାରଙ୍କ ଦୁଇଟି ଭେଣ୍ଡିଆ ପୁଅର ଜୀବନ। ସୂଚନା ଅନୁସାରେ ଖଣ୍ଡାୟତ ପଂଚାୟତର ଜୟପ୍ରକାଶ ପ୍ରଧାନ ମୁମ୍ବାଇରେ ରହି ଇଂଜିନିୟରିଂ ପଢୁଥିଲେ। ଦୀପାବଳି ଅବସରରେ ଘରକୁ ଆସିବା ପାଇଁ ମୁମ୍ବାଇରୁ ବିମାନ ଯୋଗେ ଭୁବନେଶ୍ୱରରେ ପହଂଚିଥିଲେ। ଏବଂ ଭୁବନେଶ୍ୱରରେ ପହଂଚିବା ପରେ ସେ ଘରକୁ ଫୋନ୍ ଯୋଗେ ‘ମା’ ମୁଁ ଭୁବନେଶ୍ୱରରେ ପହଂଚିଗଲିଣି, ଆଉ ଅଳ୍ପ ସମୟ ଲାଗିବ ଘରେ ପହଂଚିବାକୁ। ମୋ ପାଇଁ ଖାଇବ ରଖିବନାହିଁ, ମୁଁ ହୋଟେଲରେ ଖାଇକରି ଯିବି। ଆଉ ଗଲାବେଳେ ଏଠାରୁ ବାଣ କିଣିନେବି, ଘରେ ଦୀପାବଳି ପାଳିବା। ମୋ ସାଙ୍ଗ ହାତୀସାହିର ମୀନକେତନ ବିନ୍ଧାଣୀ ତା ବୁଲେଟ୍ ନେଇ ଆସିଗଲାଣି, ଆଉ ୨ ଘଂଟା ମଧ୍ୟରେ ଘରେ ପହଂଚିବି, ମୋ ପାଇଁ ଚିନ୍ତା କରନି, ମୁଁ ଘରକୁ ଗଲେ କଥାହେବି’ ବୋଲି ଜୟପ୍ରକାଶ ତାର ମା’କୁ କହିଥିଲା। ଜୟପ୍ରକାଶ ତା ସାଙ୍ଗ ମୀନକେତନ ସହ ବୁଲେଟ୍‌ରେ ବସି ଭୁବନେଶ୍ୱରରୁ ଘରକୁ ଆସୁଥିବ ସମୟରେ ଭଦ୍ରକର ଗେଲପୁର ଛକ ନିକଟରେ ଏକ କଂଟେନର ସେମାନଙ୍କୁ ଧକ୍କା ଦେଇଥିଲା। ଫଳରେ ଘଟଣାସ୍ଥଳରେ ଦୁଇ ଜଣଙ୍କର ଜୀବନ ଚାଲିଯାଇଥିଲା। ଏହି ଘଟଣାକୁ ନେଇ ସ୍ଥାନୀୟ ଅଂଚଳରେ ଟାୟାର ଜାଳି ରାସ୍ତାରୋକ କରିଥିବାବେଳେ ଡିବିଏଲ୍ କଂପାନୀର ମନମୁଖୀ କାର୍ଯ୍ୟ ପାଇଁ ୨ଟି ଶିକ୍ଷିତ ଯୁବକଙ୍କ ଜୀବନ ଚାଲିଯାଇଥିବାର କହିଛନ୍ତି। ସେଠାରେ ଟାଉନ୍ ଥାନାଧିକାରୀ ଉମାଶଙ୍କର ନାୟକ ପହଂଚି ଉତ୍ୟକ୍ତ ଲୋକଙ୍କୁ ବୁଝାସୁଝା କରିଥିଲେ। ଏହି ଘଟଣାରେ ସ୍ଥାନୀୟ ଥାନାରେ ଏକ ଅପମୃତ୍ୟୁ ମାମଲା ରୁଜୁ ହୋଇଥିଲା। ଏହି ମର୍ମନ୍ତୁଦ ସଡକ ଦୁର୍ଘଟଣାରେ ଦୁଇ ବନ୍ଧୁଙ୍କ ଜୀବନ ଦୀପ ଲିଭିଯାଇଥିବାରୁ ଭଦ୍ରକ ଜିଲାରେ ଏକ ଶୋକର ଛାୟା ଖେଳିଯାଇଛି।

# ବାଲେଶ୍ୱରରେ ଭକ୍ତି-ଶ୍ରଦ୍ଧାର ସହ ଦୀପାବଳି ଓ କାଳୀପୂଜା ସମ୍ପନ୍ନ

ବାଲେଶ୍ୱର,୨୫/୧୦(ନି.ପ୍ର): ସହର ସମେତ ବାଲେଶ୍ୱର ଜିଲାରେ ଶ୍ରଦ୍ଧା ଓ ଭକ୍ତିର ସହ ଆଲୋକର ପର୍ବ ଦୀପାବଳି ଏବଂ ମାଆ କାଳୀଙ୍କ ପୂଜା ସମ୍ପନ୍ନ ହୋଇଯାଇଛି । ମହାମାରୀ କରୋନା ଜନିତ କଟକଣା ପାଇଁ ଗତ ଦୁଇବର୍ଷ ଧରି ନିରାଡ଼ମ୍ବର ଭାବେ ପାଳିତ ହୋଇ ଆସିଥିବା ଏହି ଗଣପର୍ବ ଚଳିତ ବର୍ଷ ବେଶ ଉତ୍ସାହ ଉଦ୍ଦୀପନା ମଧ୍ୟରେ ଲୋକେ ପାଳନ କରିଛନ୍ତି। ଏହି ପରିପ୍ରେକ୍ଷୀରେ ବିଶେଷ କରି ସହରର ବିବେକାନନ୍ଦ ମାର୍ଗ ସ୍ଥିତ ଲଳିତେଶ୍ୱରୀ କାଳି ମନ୍ଦିରରେ ଭକ୍ତମାନଙ୍କ ବେଶ ଭିଡ ପରିଲକ୍ଷିତ ହୋଇଥିଲା । ଭକ୍ତମାନେ ମା’ଙ୍କ ଦର୍ଶନ କରିବା ସହ ପୂଜାର୍ଚ୍ଚନା ଓ ଦୀପ ଦାନ କରିଥିଲେ । ବିଗତ ୭୫ ବର୍ଷ ଧରି ପ୍ରତ୍ୟେକ ବର୍ଷ ବେଶ ନିଷ୍ଠା ଓ ଶ୍ରଦ୍ଧାର ସହ ଲଳିତେଶ୍ୱରୀ କାଳୀ ମନ୍ଦିରରେ ଉତ୍ସବ ପାଳିତ ହୋଇଆସୁଛି ବୋଲି ମନ୍ଦିରର ତତ୍ତ୍ୱାବଧାରକ କହିଥିଲେ। ଅନୁରୂପ ଭାବେ ସହରର ଫାଣ୍ଡିଛକ, କଚେରୀ ବଜାର, ନୂଆବଜାର, ପୁଲିସ ଲାଇନଛକ, ଭାସ୍କରଗଞ୍ଜ, ବଙ୍କାଖଜିର, ଫକୀର ମୋହନ ନଗର, ମୋତିଗଞ୍ଜ ପ୍ରଭୃତି ଅଂଚଳରେ ୩୦ରୁ ଉର୍ଦ୍ଧ୍ୱ ମଣ୍ଡପରେ ମାଆ କାଳୀଙ୍କୁ ପୂଜା କରାଯାଇଛି। ରାତ୍ରୀର ପ୍ରଥମ ପ୍ରହରରେ ବିଭିନ୍ନ ମଣ୍ଡପ ପକ୍ଷରୁ ଘଣ୍ଟ, ଘଣ୍ଟା, ଶଙ୍ଖ ହୁଳହୁଳି, ଭଜନ କୀର୍ତ୍ତନ ଘଟ ଉତ୍ତୋଳନ ପୂର୍ବକ ମାଆଙ୍କର ଷୋଡ଼ଶ ଉପଚାର ପୂଜା ଆରମ୍ଭ କରାଯାଇଥିଲା। ବୈଦିକ ରୀତିନୀତି ଅନୁସାରେ ଚାରି ପ୍ରହରର ପୂଜା ଶେଷରେ ମାଆଙ୍କୁ ବିସର୍ଜନ ଦିଆଯାଇଛି। ବେଦଜ୍ଞ ବ୍ରାହ୍ମଣଙ୍କ ମନ୍ତ୍ରପାଠ ଓ ହୋମଯଜ୍ଞ ପୂର୍ଣ୍ଣାହୁତି ସହିତ ମାଆଙ୍କ ପୂଜା ସମ୍ପନ୍ନ ହୋଇଥିଲା। ତେବେ ଅନ୍ୟାନ୍ୟ ଦେବୀ ଦେବଙ୍କ ପୂଜା ପରେ ବିଳମ୍ବରେ ବିସର୍ଜନ ହେଉଥିବା ବେଳେ ମାଆ କାଳୀଙ୍କ ପୂଜାରେ ତାହା ହୋଇନଥାଏ। ପୂଜା ସମ୍ପନ୍ନ ପରେ ପରେ ମାଆଙ୍କୁ ବିସର୍ଜନ ଦିଆଯାଇଥିଲା। ମାତ୍ର ଦେବୀଙ୍କ ମୃଣ୍ମୟମୂର୍ତ୍ତିକୁ ଭକ୍ତଙ୍କ ଦର୍ଶନ ପାଇଁ ମଣ୍ଡପରେ ରଖାଯାଇଥାଏ। କେବଳ ସାର୍ବଜନୀନ ମଣ୍ଡପ ନୁହେଁ ମାଆ କାଳୀଙ୍କୁ ବହୁ ସ୍ଥାନରେ ଘରୋଇ ଭାବେ ମଧ୍ୟ ପୂଜା କରାଯାଇଥିଲା। ବିଭିନ୍ନ ଟ୍ରାନ୍ସପୋର୍ଟ କାର୍ଯ୍ୟାଳୟ, ଶିକ୍ଷାନୁଷ୍ଠାନ ସମେତ ବହୁ ବ୍ୟବସାୟ ପ୍ରତିଷ୍ଠାନରେ ମଧ୍ୟ ଶ୍ରଦ୍ଧାର ସହିତ ମାଆଙ୍କ ଆରାଧନା କରାଯାଇଥିଲା। ସେହିଭଳି ଦୀପାବଳିରେ ଦୀପଦାନ ଓ ଆତସବାଜି ଜାଳିବା କାହିଁ କେଉଁଦିନରୁ ପାଳିତ ହୋଇଆସଥିବା ବେଳେ ଚଳିତ ବର୍ଷ ଲୋକେ ମନଭରି ବାଣ ଫୁଟାଇବା ସାଙ୍ଗକୁ ରୋଷଣି ଜାଳିଥିଲେ। ଦୀପାବଳି ଅବସରରେ ପୟାଶ୍ରାଦ୍ଧ କରିବା ସହ ପୂର୍ବପୁରୁଷଙ୍କ ଉଦ୍ଦେଶ୍ୟରେ ଲୋକେ ପିଣ୍ଡଦାନ କରିଛନ୍ତି।

# ଦୀପାବଳିରେ ଜଳିଗଲା ୪ବଖରା ଘର ସମେତ ଆସବାପତ୍ର ଓ ଲକ୍ଷାଧିକ ସମ୍ପତ୍ତି

ବସ୍ତା,୨୫/୧୦(ନି.ପ୍ର): ଦୀପାବଳୀରେ ଅଘଟଣ,ବାଣ ନିଆଁରୁ ଜଳିଗଲା ଘର,୪ ବଖରା ଘର ଭସ୍ମୀଭୂତ,।ଏଭଳି ଅଭାବନୀୟ ଘଟଣା ଘଟିଛି ବାଲେଶ୍ୱର ଜିଲ୍ଲା ବସ୍ତା ବ୍ଲକ ମଥାନୀପଞ୍ଚାୟତ ର ପଣ୍ଡରୁଙ୍ଗି ଗ୍ରାମରେ,।ଗତକାଲି ଦୀପାବଳୀ ଥିବାରୁ ଗ୍ରାମର ପିଲାମାନେ ବାଣ ଫୁଟାଉଥିଲେ,ଏହି ବାଣରୁ ନିଆଁ ଛିଟିକି ଆସି ଗ୍ରାମର ବିନୋଦ ଯେନାଙ୍କ ଘର ଉପରେ ପଡିଥିଲା, ଫଳରେ ନିଆଁ ଲାଗିଯାଇଥିଲା, ଗ୍ରାମବାସୀ ଦମକଳ ବାହିନୀ କୁ ଖବର ଦେଇଥିଲେ।,ତେବେ ବସ୍ତାରେ ଆବଶ୍ୟକ ଦମକଳ ନଥିବାରୁ ରାସଗୋବିନ୍ଦପୁର ରୁ



ଦମକଳ ପହଞ୍ଚିବା ବେଳକୁ ଘରଟି ସମ୍ପୂର୍ଣ୍ଣ ଜଳି ଯାଇଥିଲା, । ଗ୍ରାମବାସୀ ନିଆଁ ଲିଭାଇବାକୁ ଉଦ୍ୟମ କରିଥିଲେ ମଧ ବିଫଳ ହୋଇଥିଲେ,। ନିଆଁ ଲାଗିବା ଦ୍ୱାରା ତାଙ୍କର ୪ ବଖରା ଘର ସମ୍ପୁର୍ଣ୍ଣ ଭସ୍ମୀଭୂତ ହୋଆ ଯାଇଛି, ଯାହା ଫଳରେ ଘରେ ଥିବା ୪ ଲକ୍ଷ ଟଙ୍କାରୁ ଅଧିକ ସମ୍ପତ୍ତି ପୋଡି ପାଉଁଶ ହୋଇ ଯାଇଛି,ଏହା ସହିତ ନିଆଁ ରେ ପୋଡ଼ି ୩ ଛେଳି,୧୨ କୁକୁଡ଼ା ଜୀବନ୍ତ ଦଗ୍ଧ ହୋଇଥିବା ବେଳେ ୨ଟି ଗୋରୁ ଆହତ ହୋଇଛନ୍ତି ।

❐ ପରିଚାଳକ ତଥା କାର୍ଯ୍ୟନିର୍ବାହୀ ସମ୍ପାଦକ: ସୃଷ୍ଟିଧର ପରିଡ଼ା
❐ ସଂପାଦିକା : ସୈରିନ୍ଧ୍ରୀ ସାହୁ

Printed, Published & owned by Sairindhree Sahoo and Printed & Published at Sagarika press, Jail Road, Balasore-756001,
Phone No- (06782) 263704,267078, Fax- (06782) 267078

❐ Managing & Executive Editor : Srustidhar Parida
❐ Editor: Sairindhree Sahoo